
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୦ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 August 2024

Vol.No. 35 ■ No.215 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୧୭ ମାସ ପରେ ଜେଲ୍‌ରୁ ବାହାରିଲେ ମନୀଷ ସିସୋଦିଆ



ନୂଆଦିଲ୍ଲୀ, ୯/୮ : ୧୭ ମାସ ପରେ ଜେଲ୍‌ରୁ ବାହାରିଲେ ଆପ୍ ନେତା ତଥା ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ। ସୁପ୍ରିମକୋର୍ଟରୁ ଜାମିନ ମିଳିବା ପରେ ଆଜି ସନ୍ଧ୍ୟାରେ ସେ ଦିଲ୍ଲୀର ତିହାର ଜେଲ୍‌ରୁ ବାହାରିଥିଲେ। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ୨୦୨୩ ଫେବ୍ରୁଆରୀ ମାସରେ ଗିରଫ ହୋଇଥିବା ମନୀଷ ସିସୋଦିଆ ତିହାର ଜେଲରୁ ବାହାରିବା ପରେ ଦିଲ୍ଲୀ ସରକାରରେ ମନ୍ତ୍ରୀ ଥିବା ଆତିଶୀ ଓ ଆପ୍ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କୁ ସ୍ୱାଗତ କରିବା ପାଇଁ ବହୁ ସଂଖ୍ୟକ ଆପ୍ ନେତା, କର୍ମୀ ଓ ସମର୍ଥକ ତିହାର ଜେଲ୍ ବାହାରେ ଜମା ହୋଇଥିଲେ। ଜେଲରୁ ବାହାରିବା ପରେ ସେ ଉପସ୍ଥିତ ଆପ୍ ସମର୍ଥକଙ୍କୁ ଅଳ୍ପ ସମୟ ପାଇଁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ଆପଣମାନଙ୍କ ଭଲ ପାଇବା, ଭଗବାନଙ୍କ ଆଶୀର୍ବାଦ ଓ ସତ୍ୟର ଶକ୍ତି ଯୋଗୁଁ ମୁଁ ଜେଲ୍‌ରୁ ମୁକୁଳିଛି। ଆଉ ସବୁଠୁ ବଡ଼ କଥା ହେଉଛି ବାବାସାହେବଙ୍କ ସ୍ୱପ୍ନ ଯୋଗୁଁ ମୁଁ ଜେଲ୍‌ରୁ ବାହାରିଛି। ବାବାସାହେବ କହିଥିଲେ ଯେ ଯଦି କୌଣସି ସ୍ୱେଚ୍ଛାଚାରୀ ସରକାର କ୍ଷମତାକୁ ଆସିବେ ଓ ବିରୋଧୀ ଦଳ ନେତାମାନଙ୍କୁ ଜେଲ୍‌ରେ ପୂରାଇ ଦେବେ, ତା'ହେଲେ ଏହି ଦେଶର ସମ୍ବିଧାନ ସେମାନଙ୍କୁ ସୁରକ୍ଷା ଦେବ। ମନୀଷ ଆହୁରି କହିଥିଲେ, ମୁଁ ଆପଣମାନଙ୍କୁ ଆଶ୍ୱାସନା ଦେଉଛି ଯେ ସମ୍ବିଧାନର ଶକ୍ତି ବଳରେ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଜେଲରୁ ବାହାରିବେ। ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କୁ ସମ୍ବୋଧିତ କରିବା ପରେ ମନୀଷ ସିସୋଦିଆ ସେଠାରୁ ସିଧାସଳଖ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଘରକୁ ଯାଇଥିଲେ। କେଜ୍ରିୱାଲ ଜେଲ୍‌ରେ ଥିବା ବେଳେ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ ମନୀଷ ସିସୋଦିଆ। ସୁପ୍ରିମକୋର୍ଟ ଆଜି ମନୀଷଙ୍କୁ ଜାମିନ ଦେବା ବେଳେ କହିଥିଲେ ଯେ ତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଅଧିକାରରୁ ବଞ୍ଚିତ କରାଯାଇଛି। କାରଣ ତାଙ୍କୁ ବର୍ଷେରୁ ଅଧିକ ଦିନ ହେଲାଣି ଜେଲ୍‌ରେ ରଖାଯାଇଛି ଓ ଏହି ମାମଲାର ଶୁଣାଣି ମଧ୍ୟ ଏପର୍ଯ୍ୟନ୍ତ ଆରମ୍ଭ କରାଯାଉନାହିଁ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରଙ୍କୁ ମିଳିବ ଭତ୍ତା



ଭୁବନେଶ୍ୱର, ୯/୮ (ନି.ପ୍ର): ରାଜ୍ୟସ୍ତରୀୟ କ୍ରାନ୍ତି ଦିବସରେ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଯୋଜନା ଅନ୍ତର୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କ କୁଟୁମ୍ବ ବା ବଂଶଧରଙ୍କୁ ମିଳିବ ପେନସନ୍। ସେଥିପାଇଁ ପ୍ରଥମେ ସେମାନଙ୍କ ପରିବାରକୁ ଚିହ୍ନଟ କରାଯାଇ ପରିଚୟ ଓ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ଘୋଷଣାକୁ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। କୁଟୁମ୍ବ ମାନଙ୍କୁ ପେନସନ୍ ଦେବା ପାଇଁ ଦୀର୍ଘଦିନ ଧରି ଦାବି କରିଆସୁଥିଲା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଘ। ତତ୍କାଳୀନ ବିଜେଡି ସରକାର ଅମଳରେ ଏହା ସମ୍ଭବ ହୋଇପାରିନଥିଲା। ହେଲେ ବିଜେପି ସରକାର ଆସିବା ଦିନରୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଦେଇ ଆସୁଛି। ଆଉ ଏହି ପରିପ୍ରେକ୍ଷୀରେ ଦୀର୍ଘଦିନର ଦାବିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହୃଦୟଙ୍ଗମ କରି କାର୍ଯ୍ୟକ୍ରମ ଘୋଷଣା କରିବାକୁ ନେଇ ଖୁସି ବ୍ୟକ୍ତ କରିଛି ସଂଘ। ଖୁବଶୀଘ୍ର ଯୋଜନାର ରୂପରେଖ ଆସିବ। ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀ ଓ ଅବିବାହିତ ଝିଅଙ୍କୁ ପେନସନ୍ ଯୋଗାଇ ଦେଉଥିଲେ। ତାଙ୍କ ଅନ୍ତେ ଆଉ କାହାକୁ ମିଳିନଥିଲା ଏହି ପ୍ରୋତ୍ସାହନ। ସୂଚନା ଅନୁସାରେ, ୨୦୧୬ରେ ଉତ୍ତରାଖଣ୍ଡ ସରକାର ସ୍ୱାଧନତା ସଂଗ୍ରାମୀଙ୍କ କୁଟୁମ୍ବଙ୍କ ପାଇଁ 'କୁଟୁମ୍ବ ପେନସନ୍' ଯୋଜନା ଲାଗୁ କରିଥିଲେ। ଏବେ ଏହା ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଯାଉଛି।

## ବ୍ରିଜ୍ ଉପରେ ଆଧାରକାର୍ଡ ରଖି କାଠଯୋଡ଼ିକୁ ଡେଇଁ ପଡ଼ିଲେ ଦମ୍ପତି



କଟକ, ୮/୮ (ନି.ପ୍ର): ବ୍ରିଜ୍ ଉପରେ ଆଧାରକାର୍ଡ ରଖି କାଠଯୋଡ଼ିକୁ ଡେଇଁପଡ଼ିଲେ ଦମ୍ପତି। ଆଜି ସନ୍ଧ୍ୟା ବେଳେ ଏପରି ହୃଦୟବିଦାରକ ଘଟଣା କଟକ ତ୍ରିଶୁଳିଆ ବ୍ରିଜ୍‌ରେ ଘଟିଛି। ଉଭୟଙ୍କ ଘର ବାଙ୍କୀ ବାଆଁରା ରାମଚନ୍ଦ୍ର ଅଞ୍ଚଳର। ପାରିବାରିକ କଳହରୁ ଉଭୟ ଭରା ନଦୀକୁ ଡେଇଁ ପଡ଼ିଥିବା ଜଣାପଡ଼ିଛି। ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚିଛି ବାରଙ୍ଗ ପୁଲିସ୍ ଅଗ୍ନିଶମ ବିଭାଗ। ରାମଚନ୍ଦ୍ର ଅଞ୍ଚଳର ଶତ୍ରୁଘ୍ନ ଲେଙ୍କା ପେସାରେ ଜଣେ ଡ୍ରାଇଭର। କଟକରେ ରହି ପ୍ରାଇଭେଟ୍ କାର ଚଲାନ୍ତି। ଆଜି ସନ୍ଧ୍ୟା ବେଳେ ସେ ଓ ତାଙ୍କ ପତ୍ନୀ ତ୍ରିଶୁଳି ବ୍ରିଜ୍ ପାଖକୁ ଆସିଥିଲେ। ବ୍ରିଜ୍ ଉପରେ ମୋବାଇଲ୍ ଓ ଆଧାରକାର୍ଡ ରଖି ଭରା କାଠଯୋଡି ନଦୀକୁ ଡେଇଁ ପଡ଼ିଥିଲେ। ଏହି ଖବର ପ୍ରଚାରିତ ▶▶ପୃଷ୍ଠା ୭

## ୨୫ ହଜାର ଟଙ୍କା ନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

ଜଗତସିଂହପୁର, ୯/୮ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକ। ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଛି ଭିଜିଲାନ୍ସ ଟିମ୍। ଜାମୁଗାଁ ପଞ୍ଚାୟତର ଜଳସରପଡ଼ା ଅଞ୍ଚଳରେ ହୋଇଥିବା ଏକ ଶ୍ମଶାନ କାର୍ଯ୍ୟ ପାଇଁ ୪ ଲକ୍ଷ ଟଙ୍କାର ବିଲ୍ କରି ଦେବାକୁ ସେ ଠିକାଦାର ପ୍ରତାପ ଚନ୍ଦ୍ର କାଣ୍ଡିଙ୍କୁ ଲାଞ୍ଚ ମାଗିଥିଲେ। ▶▶ପୃଷ୍ଠା ୭

## ପାଣ୍ଡିଆନ୍‌ଙ୍କ ହେଲିକପ୍ଟର ଗସ୍ତକୁ ନେଇ ପରିବହନ ମନ୍ତ୍ରୀଙ୍କ ବଡ଼ ବୟାନ



ଭୁବନେଶ୍ୱର, ୯/୮ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ବେଳେ ଓ ତା'ପୂର୍ବରୁ ହେଲିକପ୍ଟରରେ ଜିଲ୍ଲାରୁ ଜିଲ୍ଲା ଘନଘନ ବୁଲୁଥିଲେ ଭି.କେ ପାଣ୍ଡିଆନ। ଆଉ ଲୋକଙ୍କ ସହିତ ସେଲ୍‌ଫି ଉଠାଉଥିଲେ ଓ ଅଭିଯୋଗ ସଂଗ୍ରହ କରୁଥିଲେ। ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି? ତାହାର ତଥ୍ୟ ମାଗି ମାଗି ହାଲିଆ ହେଲେଣି ଆରଟିଆଇ କର୍ମୀ। ହେଲେ ଏହାରି ଭିତରେ ଆଜି ପରିବହନ ମନ୍ତ୍ରୀ ବିଭୂତି ଜେନା ଦେଇଛନ୍ତି ବଡ଼ ବୟାନ। ସେ କହିଛନ୍ତି, ରାଜକୋଷ ଲୁଣ୍ଠନ ଆଦୌ ଗ୍ରହଣୀୟ ନୁହେଁ। ୨୦୨୩ ଫେବ୍ରୁଆରୀ ୨୦୨୦ରୁ ଡିସେମ୍ବର ପର୍ଯ୍ୟନ୍ତ ଭି.କେ ପାଣ୍ଡିଆନ୍ କେତେବେଳେ ଫାଇଭ୍-ଟି ସଚିବ ତ ଆଉ କେତେବେଳେ ଫାଇଭ-ଟି ଅଧ୍ୟକ୍ଷ ନାଁରେ ହେଲିକପ୍ଟରରେ ଜିଲ୍ଲାରୁ ଜିଲ୍ଲା ବୁଲୁଥିଲେ। ଆଉ ଲୋକଙ୍କଠାରୁ ଅଭିଯୋଗପତ୍ର ସଂଗ୍ରହ କରୁଥିଲେ। ସେତେବେଳେ ପାଣ୍ଡିଆନ୍‌ଙ୍କ ହେଲିକପଟର ଉଡାଣ ବାବଦକୁ କେତେ ଖର୍ଚ୍ଚ ହୋଇଥିଲା? ତାହାର ହିସାବ ଜାଣିବାକୁ ଚାହୁଁଥିଲେ ଓଡ଼ିଶାର ଜନତା। ଏବେ ତା'ର ହିସାବ ଖୋଜୁଛନ୍ତି ନୂଆ ବିଜେପି ସରକାର। ତେବେ ଏହାରି ଭିତରେ ପରିବହନ ମନ୍ତ୍ରୀ ବିଭୂତି ଜେନା ଦେଇଛନ୍ତି ବଡ଼ ମନ୍ତବ୍ୟ। ମନ୍ତ୍ରୀ କହିଛନ୍ତି, ସର୍ବସମ୍ମୁଖରେ ରାଜକୋଷ ଲୁଣ୍ଠନ ଆଦୌ ଗ୍ରହଣୀୟ ନୁହେଁ। ସରକାର ତା' ଉପରେ ନଜର ରଖିଛନ୍ତି। ଅପେକ୍ଷା କରନ୍ତୁ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ। ହେଲିକପ୍ଟର କିଏ ନେଇ ଯାଇପାରିବେ ତା'ର ବିଧି ରହିଛି। ଉଲ୍ଲଂଘନ ହୋଇଥିଲେ ଯିଏ ଦୋଷ କରିଛି, ତା' ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ସୂଚନା ଅଧିକାର ଆଇନ ବଳରେ ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ଖର୍ଚ୍ଚର ହିସାବ ଜାଣିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପରିବହନ ବିଭାଗ ପର୍ଯ୍ୟନ୍ତ ଦୀର୍ଘ ୬ମାସ ଚକ୍କର କାଟିବା ପରେ ଟଙ୍କାଟିଏ ବି ହିସାବ ପାଇନଥିବା ଆରଟିଆଇ କର୍ମୀ ପ୍ରଦୀପ ପ୍ରଧାନ ଗଣମାଧ୍ୟମ ଆଗରେ ରଖିଛନ୍ତି ରୋଚକ ତଥ୍ୟ। ସେ କହିଛନ୍ତି, ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବେ ନିର୍ବାଚନ ପୂର୍ବରୁ ଜିଲ୍ଲାରୁ ଜିଲ୍ଲାକୁ ହେଲିକପ୍ଟରରେ ଉଡ଼ି ପାଣ୍ଡିଆନ ▶▶ପୃଷ୍ଠା ୭

## ଘରୁ ଡାକିନେଇ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ

ପୁରୀ, ୯/୮ (ନି.ପ୍ର): ଘରୁ ଡାକିନେଇ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି ପୁରୀ ଟାଉନ ଥାନା ଅନ୍ତର୍ଗତ ହାଡଗୋଡିଆ ସାହିରେ। ମୃତ ଯୁବକ ଜଣଙ୍କ ହେଲେ ହାଡଗୋଡିଆ ସାହିର ଦିନେଶ କୁମାର ଖୁଣ୍ଟିଆ। ଦିନେଶଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଅନୁଯାୟୀ, ଦିନେଶ ଘରେ ଥିଲା ବେଳେ ୫ଜଣ ଯୁବକ ତାଙ୍କୁ ବାହାରକୁ ଆସିବାକୁ କହିଥିଲେ। ପରେ ସମ୍ପୃକ୍ତ ଯୁବକ ମାନେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଦିନେଶ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଦିନେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାଯାଇଛି। ପୁଲିସ ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରାଉରା କରୁଛି।

## ରାଜ୍ୟରେ ବନ୍ୟା ପରିସ୍ଥିତି ଆଶଙ୍କା: ୧୦ ଜିଲ୍ଲାକୁ ସତର୍କବାଣୀ



ଭୁବନେଶ୍ୱର, ୯/୮ (ନି.ପ୍ର): ହୀରାକୁଦ ଡ୍ୟାମର ୧୪ଟି ଗେଟ୍ ଖୋଲାଯିବା ପରେ ବଢୁଛି ମହାନଦୀର ଜଳସ୍ତର। କଟକ ମୁଣ୍ଡଳୀରେ ମହାନଦୀ ଜଳସ୍ତର କ୍ରମାଗତ ବୃଦ୍ଧି ପାଇବାକୁ ଲାଗିଛି। ଆଜି କଟକର ମୁଣ୍ଡଳି ଦେଇ ୫ ଲକ୍ଷ ୭୮ ହଜାର କ୍ୟୁକେସ୍ ବନ୍ୟା ପାଣି ପ୍ରବାହିତ ହେଉଛି। ମହାନଦୀର ଜଳସ୍ତର ବଢୁଥିବାରୁ ଅବବାହିକାରେ ଥିବା ୧୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର। ଏସବୁ ଜିଲ୍ଲାଗୁଡ଼ିକ ହେଲା ସମ୍ବଲପୁର, ସୋନପୁର, ନୟାଗଡ଼, ଅନୁଗୋଳ, ବୌଦ୍ଧ, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା। ଏଥିସହ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି। ପାଣି ପ୍ରବାହିତ ହେଉଥିବା ରାସ୍ତା, ବ୍ରିଜ ଉପରେ ଯାଆସ ନକରିବାକୁ ବାରଣ କରାଯାଇଛି। ମହାନଦୀ ଜଳସ୍ତର ବୃଦ୍ଧି ପାଇ ଯୋଳ୍‌କୁ ନଦୀ ଅବବାହିକାର ଥିବା ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିଛି। କଟକ ଜିଲ୍ଲା ଆଠଗଡ଼ର ବଡ଼ଭୂଇଁ ଖଣ୍ଡହତାକୁ ସଂଯୋଗ କରୁଥିବା ବଡ଼ବନ୍ଧିଆଣି ରାସ୍ତା ସହ ପୋଲ ଉପରେ ୨ ଫୁଟ୍ ବନ୍ୟା ପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ସେହିପରି ଉତ୍ତରବାଙ୍କୀ ଘୋଡ଼ାବରଠାରେ ହୁଳୁହୁଳି ପୋଲ ଦେଇ ମହାନଦୀ ବନ୍ୟା ଜଳ ପଶି ତିଗିରିଆ ଓ ଉତ୍ତରବାଙ୍କୀ ଅଞ୍ଚଳର ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି। ସେହିପରି ମହାନଦୀରେ ଦ୍ୱିତୀୟ ବନ୍ୟା ପାଣି ଆସିବାରୁ ଉଛୁଳିଛି ମହାନଦୀର ଶାଖା ନଦୀ ରଣ। ଫଳରେ ବାଙ୍କୀର ତାଳବସ୍ତ ଓ ବିଲିପଡା ରାସ୍ତାରେ ୨ ଫୁଟ୍ ପାଣି ପ୍ରବାହିତ ହେଉଛି। ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯାଇଛି। ମହାନଦୀର ଜଳସ୍ତର ବଢୁଥିବାରୁ ଆଗକୁ ଅଧିକ ଅଞ୍ଚଳ ଜଳବନ୍ଦୀ ହେବା ଆଶଙ୍କା ରହିଛି।

## ୩୦ ଟଙ୍କାରେ ଆଳୁ ବିକିବେ ରାଜ୍ୟ ସରକାର



ଭୁବନେଶ୍ୱର, ୯/୮ (ନି.ପ୍ର): ଆଳୁ ସମସ୍ୟା ସମାଧାନ ପାଇଁ ବାଟ ଫିଟିଲା। ନାଫେଡ୍ ମାଧ୍ୟମରେ ରାଜ୍ୟ ସରକାର ଆଳୁ କିଣିବେ। ସେଥିପାଇଁ ଅର୍ଡର ଦିଆଯାଇଛି। ଦିନେ ବା ଦୁଇ ଦିନ ଭିତରେ ଓଡ଼ିଶାରେ ଆଳୁ ପହଞ୍ଚିବ। ରାଜ୍ୟ ସରକାର ଉଚ୍ଚା ଦରରେ ଆଳୁ କିଣିଲେ ସୁଦ୍ଧା କିଲୋ ପିଛା ୩୦ ଟଙ୍କାରେ ବିକିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସବୁ ସହରରେ କିଲୋ ପିଛା ୩୦ ଟଙ୍କାରେ ଆଳୁ ବିକ୍ରି କରାଯିବ। ନୂଆଦିଲ୍ଲୀ ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଶ୍ରୀ ପାତ୍ର କହିଛନ୍ତି, ଆଳୁ ସମସ୍ୟା ▶▶ପୃଷ୍ଠା ୭

## ନିଟ୍-ପିଜି ପରୀକ୍ଷାକୁ ସ୍ଥଗିତ ରଖିବାକୁ ମନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୯/୮ : ରବିବାର (ଅଗଷ୍ଟ ୧୧) ହେବାକୁ ଥିବା ନିଟ୍-ପିଜି ପରୀକ୍ଷାକୁ ସ୍ଥଗିତ ରଖିବାକୁ ଆଜି ମନା କରି ଦେଇଛନ୍ତି ସୁପ୍ରିମକୋର୍ଟ। ଏ ନେଇ ହୋଇଥିବା ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ ଏହି ପରୀକ୍ଷାକୁ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେବାକୁ ମନା କରି ଦେଇଛନ୍ତି। ନିଟ୍-ପିଜି ପରୀକ୍ଷା ଜୁନ୍ ୨୩ ତାରିଖରେ ହେବାର ଥିଲା। ତେବେ ନିଟ୍-ୟୁଜି ପରୀକ୍ଷା ବିବାଦକୁ ନେଇ ଏହାକୁ ସ୍ଥଗିତ ରଖାଯାଇଥିଲା। ଏହାକୁ ପୁଣି ଥରେ ସ୍ଥଗିତ ରଖିବାକୁ ଆବେଦନ କରିଥିବା କିଛି ଶିକ୍ଷାର୍ଥୀ ଯେଉଁ ଯୁକ୍ତି ଦର୍ଶାଇଥିଲେ, ସେଥିରୁ ଗୋଟିଏ ହେଉଛି ପରୀକ୍ଷା ହେବାକୁ ଥିବା ସହର ଓ କେନ୍ଦ୍ର ସଂପର୍କରେ ଅଧିକ ଦିନ ପୂର୍ବରୁ ସୂଚନା ଦେବାର ଆବଶ୍ୟକତା ଥିଲା। ସେମାନେ କହିଥିଲେ ଯେ ଏହି ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ଚଳାଇଥିବା ଆଶାୟୀଙ୍କ ମଧ୍ୟରୁ ଅନେକଙ୍କର ପରୀକ୍ଷା କେନ୍ଦ୍ର ଯେଉଁ ସହରଗୁଡ଼ିକରେ ପଡ଼ିଛି, ସେଠାରେ ପହଞ୍ଚିବାକୁ ସେମାନଙ୍କୁ କଷ୍ଟ ହେବ। କାହାର ପରୀକ୍ଷା କେନ୍ଦ୍ର କେଉଁଠାରେ ହେବ, ସେ ନେଇ ଜୁଲାଇ ୩୧ରେ ସୂଚନା ଦେଇଥିଲା ଏହି ପରୀକ୍ଷା ପରିଚାଳନା କରୁଥିବା ଏନ୍‌ବିଇଏମ୍‌ଏସ୍। ସେହିପରି ରବିବାର ପରୀକ୍ଷା ହେବାକୁ ଥିବା ବେଳେ ତା'ର ମାତ୍ର ଦୁଇ ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କ ପରୀକ୍ଷାକେନ୍ଦ୍ର ସଂପର୍କରେ ସୂଚନା ଦିଆଯାଇଥିଲା। ଏତେ କମ୍ ସମୟ ମଧ୍ୟରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ଅସୁବିଧା ହେବାକୁ ଥିବାରୁ ପରୀକ୍ଷାକୁ ଘୁଞ୍ଚାଇ ଦେବାକୁ ସେମାନେ ଦାବି କରିଥିଲେ। ସେମାନେ ଆହୁରି ଯୁକ୍ତି କରିଥିଲେ ଯେ ଏହି ପରୀକ୍ଷା ଦୁଇଟି ସେସନରେ ହେବ। ତେବେ ମାର୍କର ସାମାନ୍ୟକରଣ ବା ▶▶ପୃଷ୍ଠା ୭

## ସ୍କୁଲରେ 'ଗୁଡ୍ ମର୍ଣ୍ଣିଂ' ବଦଳରେ ପିଲା କହିବେ 'ଜୟ ହିନ୍ଦ': ଅଗଷ୍ଟ ୧୫ରୁ ନିୟମ ଲାଗୁ



ନୂଆଦିଲ୍ଲୀ, ୯/୮ : ଅଗଷ୍ଟ ୧୫ରୁ ରାଜ୍ୟର ସମସ୍ତ ସ୍କୁଲରେ 'ଗୁଡ୍ ମର୍ଣ୍ଣିଂ' ବଦଳରେ ପିଲାମାନେ 'ଜୟ ହିନ୍ଦ' କହିବେ। ଏନେଇ ସରକାର ଏକ ଚିଠି ଜାରି କରି ସମସ୍ତ ସ୍କୁଲମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଲାମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏପରି ପଦକ୍ଷେପ ନେବାକୁ ଯାଉଛନ୍ତି ହରିଆଣା ସରକାର। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭିତରେ ଦେଶଭକ୍ତି ଏବଂ ଜାତୀୟତାବାଦର ଭାବନା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖା ଯାଇଥିବା ସ୍କୁଲ ଶିକ୍ଷା ବିଭାଗ ପକ୍ଷରୁ ଜାରି କରିଥିବା ଚିଠିରେ ଉଲ୍ଲେଖ କରିଛି। ଶିକ୍ଷା ବିଭାଗ ପକ୍ଷରୁ ଜାରି କରା ଯାଇଥିବା ଚିଠିରେ ▶▶ପୃଷ୍ଠା ୭

# ଆଣ୍ଠୁଏ କାଦୁଅ ରାସ୍ତାରେ ଫସିଲା ବୈପାରିଗୁଡା ବିଡ଼ିଓଙ୍କ ଗାଡି

ଜୟପୁର, ୦୯/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକରେ ଦେଖିବାକୁ ମିଳିଛି ଏକ ଅଦ୍ଭୁତ ଦୃଶ୍ୟ। ତାହା ବି ସ୍ଥାନୀୟ ସରକାରୀ ବାବୁ ତଥା ବୈପାରିଗୁଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାଦୁଅ ରାସ୍ତାରେ ଫସିବା ଦୃଶ୍ୟ। ଏଭଳି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ ରାମଗିରି ପଂଚାୟତର ବାଘଝୋଲା ଗ୍ରାମରେ। କୌଣସି ଏକ କାମରେ ସ୍ଥାନୀୟ ବିଡ଼ିଓ ତାଙ୍କ ଦାମୀକିଆ ଗାଡ଼ିରେ ଯାଉଥିବା ବେଳେ ବାଘଝୋଲା ଗ୍ରାମରେ ପଚ ପଚ କାଦୁଅ ରାସ୍ତାରେ ଫସି ଯାଇଥିଲେ। ଯେତେ ଚେଷ୍ଟା କଲେ ବି ଗାଡି କାଦୁଅରୁ ବାହାରି ପାରି ନ ଥିଲା। ଯାହା ଫଳରେ ନିଜେ ବିଡ଼ିଓ ଗାଡିରୁ ଓହ୍ଲାଇ ପଡିଥିଲେ। ଦୀର୍ଘ ସମୟର ଅପେକ୍ଷା ପରେ ଏକ ଟ୍ରାକ୍ଟର ସାହାରା ନେଇ ଗାଡିଟିକୁ କାଦୁଅ ରାସ୍ତାରୁ ବାହାର କରିଥିଲେ। ଟ୍ରାକ୍ଟର ସାହାଯ୍ୟରେ ବିଡ଼ିଓ ବାବୁଙ୍କ ଦାମୀ ଗାଡ଼ିକୁ ଟଣା ଯାଇଥିଲା। ତେବେ ସରକାରୀ ବାବୁଙ୍କ ଏ ଅବସ୍ଥା ତେବେ ଗାଁ ଲୋକେ କେଉଁ ଭଳି ଏହି ସମସ୍ୟାକୁ ସାମ୍ନା କରୁଥିବେ ଏହା ହୁଏ ତୋ ସ୍ଥାନୀୟ ବିଡ଼ିଓ ଭାସ୍କର ଚନ୍ଦ୍ର ସାହୁ ବୁଝି ଯାଇଥିବେ। ଦୀର୍ଘ ଦିନ ଧରି ସ୍ଥାନୀୟ ସରପଂଚଙ୍କ ଠାରୁ ଆରମ୍ଭ କରି ପଂଚାୟତ ଅଫିସର, ସ୍ଥାନୀୟ ବିଡ଼ିଓଙ୍କୁ ଏହି ବାଘଝୋଲା ରାସ୍ତାକୁ ନେଇ ଗୁହାରି କରିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। କିନ୍ତୁ କୌଣସି ସରକାରୀ ବାବୁ ସେମାନଙ୍କ ଗୁହାରି କର୍ଣ୍ଣପାତ କଲେ ନାହିଁ। ନିଜେ ସ୍ଥାନୀୟ ବିଡ଼ିଓ ମଧ୍ୟ କର୍ଣ୍ଣପାତ କରିଥିବା ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ତେବେ ଆଜି ନିଜେ ସେହି ରାସ୍ତାରେ ଦୀର୍ଘ ସମୟ ଧରି ଫସିଥିଲେ ବୈପାରିଗୁଡା ବିଡ଼ିଓ। ଗତ ବୁଧବାର ଦିନ ବାଘଝୋଲା ଗ୍ରାମର ଦନାଇ ପରଜାଙ୍କ ଦେହ ହଠାତ୍ ଖରାପ୍ ହୋଇଯିବାରୁ ତୁରନ୍ତ ଆମ୍ବୁଲାନ୍ସ କୁ ଫୋନ୍ କରି ଗାଁ ଲୋକେ ଡାକିଥିଲେ। କିନ୍ତୁ ରାସ୍ତା ଅତି ଶୋଚନୀୟ ଏବଂ ସଙ୍କଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଗାଁ ମୁଣ୍ଡରେ ହିଁ ଛିଡା ହୋଇ ରହିଲା।ଯାହା ଫଳରେ କି ୧ କିଲୋମିଟର ଖଟିଆ ରେ ବୁହା ହେଲେ ଦନାଇ ପରଜା।

୧ କିଲୋମିଟର ଖଟିଆ ରେ ବହି ଡାକ୍ତରଖାନାରେ ନେଇ ଥିଲେ ଗ୍ରାମବାସୀ। ବିଭିନ୍ନ ରାସ୍ତାକୁ ମୁଖ୍ୟ ରାସ୍ତା ସହିତ ଯୋଡ଼ିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। କିନ୍ତୁ କିଛି ସରକାରୀ ବାବୁ ମାନଙ୍କ ଅବହେଳା ଏବଂ ଖାମଖିଆଲି କାର୍ଯ୍ୟ ଯୋଗୁଁ ଏହି ଭଳି ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ଅସୁବିଧାର ସମ୍ମୁଖୀନ ହୋଇ ରାସ୍ତା ନିର୍ମାଣ ପାଇଁ ବ୍ଲକ ଆଉ ଜିଲ୍ଲା ସ୍ତରରେ ଏହି ସମସ୍ୟା ବିଷୟରେ ଅଂଚଳବାସୀ ଜଣାଉଥିବା ବେଳେ ଏହାର ସମାଧାନ ହେଉନଥିବା ନେଇ ଅଂଚଳବାସୀ ଅଭିଯୋଗ କରିବା ସହ ସମାଧାନ ପାଇଁ ଦାବୀ କରିଛନ୍ତି।ତେବେ ନିଜେ ଏହି ରାସ୍ତାରେ କୌଣସି ଏକ କାର୍ଯ୍ୟରେ ଯିବା ସମୟରେ ବିଡ଼ିଓ ଦୀର୍ଘ ସମୟଧରି ଫସିଥିଲେ।ଏହି ରାସ୍ତାର ସମସ୍ୟା କେବେ ସମାଧାନ କରାଯିବ ଏବଂ କେବେ ଏହି ରାସ୍ତା ନିର୍ମାଣ କରାଯିବ ତାହା ଏବେ ଦେଖିବାକୁ ବାକି ରହିଲା।

# ସମ୍ବଲପୁର ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ ପ୍ରସ୍ତୁତି

ସମ୍ବଲପୁର, ୦୯/୦୮ (ନି.ପ୍ର): ଆଜି ଏସଏସଏ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଫାଇଲେରିଆ ନିରାକରଣ ଅଭିଯାନ ଅନ୍ତର୍ଗତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମ୍ବଲପୁରରେ ଶତ ପ୍ରତିଶତ ଫାଇଲେରିଆ ଔଷଧ ସେବନ କିପରି ହୋଇପାରିବ ଏବଂ କେଉଁ ମାନେ ଓ ଔଷଧ ସେବନ କରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଚଳିତ ମାସ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଫାଇଲେରିଆ ପ୍ରତିରୋଧକ ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକଟିନ ଔଷଧ ବଂଟନର ବ୍ୟବସ୍ଥା କରାଯାଇଛି। ଏହି ଔଷଧକୁ ଆଶା କର୍ମୀ, ଅଙ୍ଗନବାଡି କର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ କେବଳ ଖାଦ୍ୟ ଖାଇ ସାରିବା ପରେ ଖାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୬ ବର୍ଷରୁ ଉର୍ଦ୍ଧ ସମସ୍ତ ଯୋଗ୍ୟ ଲୋକମାନେ ଡି.ଇ.ସି, ଆଲବେଣ୍ଡାଜୋଲ ଓ ଆଇଭରମେକଟିନ ଔଷଧ ଖାଇପାରିବେ କିନ୍ତୁ ୨ ବର୍ଷରୁ ୫ ବର୍ଷ ଶିଶୁ କେବଳ ଡି.ଇ.ସି. ଓ ଆଲବେଣ୍ଡାଜୋଲ ଖାଇବେ। ଗର୍ଭବତୀ ମହିଳା, ୨ ବର୍ଷରୁ କମ ଶିଶୁ, ଗୁରୁତର ଅସୁସ୍ଥ ରୋଗୀ ଓ ମା ( ଶିଶୁ ଜନ୍ମ ର ଏକ ସପ୍ତାହ ମଧ୍ୟରେ)ଙ୍କୁ ଏହି ବଟିକା ସେବନ କରିବାକୁ ବାରଣ କରାଯାଇଛି। ଆଶା କର୍ମୀ, ଅଙ୍ଗନବାଡି କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଘରକୁ ଘର ବୁଲି ଔଷଧ ଦେବା ସହ ସ୍କୁଲ, କଲେଜ,ଜେଲ, କାରଖାନା ଓ ଅଫିସ ମାନଙ୍କରେ ମୋବାଇଲ ଟିମ ଙ୍କ ଦ୍ୱାରା ଔଷଧ ବଂଟନର ବ୍ୟବସ୍ଥା କରାଯାଇଛି। ଆମ ଜିଲ୍ଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପାଇଁ ସମୁଦାୟ ୧୯ ଟି ଇମ୍ପ୍ଲିମେଂଟେସନ ୟୁନିଟ କରାଯାଇଛି। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସମୁଦାୟ ୧୧୧୧୨୫୭ ଲୋକଙ୍କୁ ଔଷଧ ବଂଟନ କରାଯିବ । ସେଥିପାଇଁ ସମୁଦାୟ ୩୨୩୧ ଜଣ କର୍ମ ନିଯୁକ୍ତ କରାଯାଇଥିବା ବେଳେ ୨୯୭ ଜଣ ନୀରିକ୍ଷକ, ୮୦ଟି ରେପିଡ ରେସପନସ ଟିମ ନିଯୁକ୍ତ କରାଯିବ। ୧୯ଟି ନିୟନ୍ତ୍ରଣ କକ୍ଷ ଓ ୨୦ ଟି ଏମବଏ କନ୍ନର ସ୍ଥାପନ କରାଯିବ। ଗତ ବର୍ଷ ୨୦୨୨-୨୦୨୩ ରେ ୭୮୯ ଟି ଓ ୨୦୨୩-୨୦୨୪ ରେ ୨୪୨ଟି ହଇଡ୍ରୋସିଲେକ୍ଟୋମି କେସ ଚିହ୍ନଟ କରାଯାଇଥିଲା ।

# ମତ୍ସ୍ୟ ଅଧିକାରୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

କେନ୍ଦ୍ରାପଡ଼ା, ୦୯/୦୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ମତ୍ସ୍ୟଅଧିକାରୀ ମୋନାଲିସା ପଣ୍ଡାଙ୍କୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସିକ ନିର୍ଯ୍ୟାତନା ଦେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀ କୌଣସି କାରଣ ନଥାଇ ତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ନୋଟିସର ନକଲ ଜିଲ୍ଲା ମତ୍ସ୍ୟ ବିଭାଗର ନିର୍ଦ୍ଦେଶକଙ୍କୁ ପଠାଇ ଦେଇଛନ୍ତି। ଯାହାଫଳରେ ତାଙ୍କ ଚାକିରୀରେ ଆଂଚ ଆସିଥିବା ଓ ଭବିଷ୍ୟତରେ ସେ ବିଭାଗୀୟ ତଦନ୍ତର ସମ୍ମୁଖୀନ ହେବାର ଆଶଙ୍କା ରହିଛି। କୌଣସି ଭୁଲ ନଥାଇ ତାଙ୍କୁ ଏଭଳି ମାନସିକ ନିର୍ଯ୍ୟାତନା ଦିଆଯାଉଥିବାରୁ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାନ୍ଦିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ତାଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଅଭିଯୋଗର ତଦନ୍ତ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ତାଙ୍କୁ ଆଶ୍ୱାସନ ଦେଇଥିଲେ।

# ଚୋରଙ୍କ ଆଡ୍ଡାସ୍ଥଳି ପାଲଟିଛି ଜୟପୁର ଟେଲିକମ୍ କଲୋନୀ: କାର୍ଯ୍ୟାଳୟ ଭଙ୍ଗାରୁଜା, କ୍ୱାର୍ଟରରୁ ବୁହା ଚାଲୁଛି ସାମଗ୍ରୀ

ଜୟପୁର, ୮ ଅଗଷ୍ଟ (ହି.ସ.)- ଜୟପୁରରେ ରହିଥିବା କେନ୍ଦ୍ର ସରକାରଙ୍କ ଟେଲିକମ୍ କଲୋନୀ ଏବେ ଚୋରଙ୍କ ଆଡ୍ଡାସ୍ଥଳି ପାଲଟିଛି । ପ୍ରତି ରାତ୍ରରେ ଏଠାରୁ ଘର ସାମଗ୍ରୀ ଚୋରୀ ହେଉଥିବା ବେଳେ କାର୍ଯ୍ୟାଳୟର ବିଭିନ୍ନ ଉପକରଣ ମଧ୍ୟ ସେଥିରୁ ବାଦ୍ ପଡୁନି । ଏଭଳି ଅବସ୍ଥାକୁ ନେଇ ଏବେ ପାର୍କ ସାହି ବାସିନ୍ଦା ନିଜ ବାସସ୍ଥାନ ଗୁଡ଼ିକୁ ନେଇ ଆଶଙ୍କା ମଣିବା ଆରମ୍ଭ କଲେଣି ।

ସୂଚନା ପ୍ରକାରେ, ଜୟପୁରସ୍ଥ ଓଡ଼ିଶା ରାଜ୍ୟ ସଡ଼ିକ ପରିବହନ ନିଗମ କଡ଼ରେ ରହିଛି ଟେଲିକମ୍ କଲୋନୀ । ଏଠାକୁ ରାସ୍ତା ରହିଛି ଅଡ଼ିଟ୍ କଲୋନୀ ଦେଇ । ଉଭୟ ଜାତୀୟ ରାଜପଥ ୨୬ ଏବଂ ପାର୍କ ସାହିର ମଧ୍ୟ ଭାଗରେ ରହିଥିବା ଏହି କଲୋନୀ ଗତ ୨୦ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା । ଏହି କଲୋନୀରେ କେନ୍ଦ୍ର ସରକାରଙ୍କ ଭାରତ ସଂଚାର ନିଗମ ୬ଟି ବ୍ଲକରେ ୩୬ଟି ବଙ୍ଗଳା ନିଜ କର୍ମଚାରୀ ମାନଙ୍କ ପାଇଁ ନିର୍ମାଣ କରିଥିଲା । ପ୍ରତି ବ୍ଲକରେ ୧୨ଟି ଲେଖାଏଁ ରହିଥିବା ଓ୍ୱାଟର୍ । କଲୋନୀ ମଧ୍ୟରେ ରହିଥିବା ବିଶାଳ ଭବନ । ଏଠାରେ ଏସ୍‌ଡିଓ ମାନଙ୍କ ଅଫିସ୍ ସାଙ୍ଗକୁ ରାଜସ୍ୱ ଆଦାୟ କାଉଂଟର ମଧ୍ୟ ଖୋଲା ଯାଇଥିଲା । ଏହି କଲୋନୀକୁ ବୁଲିବାକୁ ଲୋକେ ଯାଇ ମେଟ୍ରୋସିଟିର ମଜା ନେଉଥିଲେ । ଟେଲିକମ୍ ବିଲ୍ ପୈଠ କରିବା ସମୟରେ ତ ସହର ବାସୀ କାର୍ଯ୍ୟାଳୟ ସହ କଲୋନୀ ବୁଲିବାକୁ ବାଧ୍ୟରେ ଯାଉଥିଲେ । କିନ୍ତୁ ସେ ସମୟ ଏବଂ ଏବର ସମୟ ମଧ୍ୟରେ ବହୁ ପରିବର୍ତନ ଘଟିଛି । ଏହି ୩୬ଟି ଟେଲିକମ୍ କ୍ୱାଟର ଏବେ ଭୂତ ବଙ୍ଗଳା ପ୍ରାୟ । ଏଠାରେ ନାମକୁ ମାତ୍ର ୪ରୁ ୫ ଜଣ କର୍ମଚାରୀ ରହୁଛନ୍ତି । ବାକି ଘର ଫାଙ୍କା । ଏହାର ସୁଯୋଗ ନେଇ ଚାଲିଛନ୍ତି ଚୋର ମାନେ । କେଉଁ ଘରୁ ଲୁହା ଛଡ଼ ଚୋରି ତ କେଉଁ କାନ୍ଥରୁ ଇଟା ଉଠାଇବା ଆରମ୍ଭ କରିଛନ୍ତି । ପ୍ରାୟ ଅଧିକାଂଶ ଘରୁ ବିଦ୍ୟୁତ୍ ଉପକରଣ ଗାଏବ୍ କରି ବିକ୍ରି ଚାଲିଛି । କ୍ୱାଟର୍ ଗୁଡ଼ିକ ପାଇଁ ସ୍କୁଟର୍ ସେଡ୍ ନିର୍ମାଣ ହୋଇଥିବା ବେଳେ ସେଗୁଡ଼ିକର ଏବେ ରହିଛି କେବଳ ଭଗ୍ନ ଅଂଶ । ଏହି କ୍ୱାଟର ସମ୍ମୁଖରେ ରହିଥିବା ଟେଲିକମ୍ କାର୍ଯ୍ୟାଳୟ । ଏଠାରେ ଏସ୍‌ଡିଓଙ୍କ ଅଫିସ୍ ସହ ଟେଲିଗ୍ରାମ୍ ସାଙ୍ଗକୁ ରାଜସ୍ୱ ଆଦାୟ ମଧ୍ୟ ହେଉଥିଲା । କିନ୍ତୁ ଏସବୁ ଏବେ ଏଠାରେ ବନ୍ଦ । ଯଦ୍ୱାରା ତିନି ମହଲା ଏହି କାର୍ଯ୍ୟାଳୟ କୋଠା ଏବେ ଭଗ୍ନ ସ୍ତୁପ ପ୍ରାୟ । ଏଥିରୁ ମଧ୍ୟ ଚୋରୀ ହେବାଆରମ୍ଭ ହେଲାଣି । କିଏ ଏହାର ଦାୟିତ୍ୱରେ ରହିଛନ୍ତି କାହାକୁ ଜଣାନାହିଁ । ଦେଖିବାକୁ ଗଲେ କେନ୍ଦ୍ର ସରକାରଙ୍କ ଉଦ୍ୟୋଗ “ଭାରତ ସଂଚାର ନିଗମ ଲିଃ’ର ଏକ ବ୍ୟବସାୟିକ ୟୁନିଟ୍ ହେଲା କୋରାପୁଟ ଟେଲିକମ୍ ଜିଲ୍ଲା । ଏହାର ଅଧିନରେ ରହିଛି କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଏବଂ ରାୟଗଡ଼ା ରାଜସ୍ୱ ଜିଲ୍ଲା । ଏହି ଚାରି ରାଜସ୍ୱ ଜିଲ୍ଲାରେ ୧୦୭ ଟେଲିଫୋନ୍ ଏକ୍ସଚେଞ୍ଜ୍ ମାଧ୍ୟମରେ ଲେଣ୍ଡ ଲାଇନ୍ ସେବା ଦିଆଯାଇଛି । ତତ୍ ସହ ୨ଜି, ୩ଜି, ୪ଜି, ଲିଜ୍ ଲାଇନ୍, ଆଇଏସ୍‌ଡିଏନ୍ ଭଳି ସେବା ମଧ୍ୟ ଦିଆଯାଇଛି । ପୁରା ଅଂଚଳକୁ କୋରାପୁଟ ସେକେଣ୍ଡାରୀ ସ୍ୱିଚିଂ ଏରିଆ କୁହାଯାଏ । ଏହା ଓଡ଼ିଶା ଟେଲିକମ୍ ସର୍କଲ ଅଧିନସ୍ଥ । ଏହି ଟେଲିକମ୍ ଜିଲ୍ଲାର ମୁଖ୍ୟ ସାଧାରଣ ପରିଚାଳକ । ତାଙ୍କ ଅଧିନରେ କୋରାପୁଟ ଟେଲିଗ୍ରାଫ୍ ସବ୍‌ଡିଭିଜନ, ଜୟପୁର ଟେଲିଗ୍ରାଫ୍ ସବ୍ ଡିଭିଜନ, ଜୟପୁର ଫୋନ୍‌ସ ସବ୍‌ଡିଭିଜନ, ରାୟଗଡ଼ା ଟେଲିଗ୍ରାଫ୍ ସବ୍ ଡିଭିଜନ, ରାୟଗଡ଼ା ଫୋନ୍‌ସ ସବ୍‌ଡିଭିଜନ୍, ଗୁଣୁପୁର ଟେଲିଗ୍ରାଫ୍ ସବ୍ ଡିଭିଜନ୍, ନବରଙ୍ଗପୁର ଟେଲିଗ୍ରାଫ୍ ସବ୍ ଡିଭିଜନ୍ ଏବଂ ମାଲକାନଗିରି ଟେଲିଗ୍ରାଫ୍ ସବ୍‌ଡିଭିଜନ୍ ରହିଥିବା ବେଳେ ଦୁଇ ଜଣ ଏଜିଏମ୍ ଏହାକୁ ପରିଚାଳନା କରନ୍ତି । ଜଣେ ଏଜିଏମ୍ କୋରାପୁଟ ଉପଖଣ୍ଡ ସହ ରାୟଗଡ଼ା, ଗୁଣପୁର ବୁଝୁଥିବା ବେଳେ ଜଣେ ଜୟପୁର ଉପଖଣ୍ଡ ସହ ନବରଙ୍ଗପୁର ଏବଂ ମାଲକାନଗିରି ଉପଖଣ୍ଡ କଥା ବୁଝନ୍ତି । ଜୟପୁର ଉପଖଣ୍ଡ ପାଇଁ ନିର୍ମାଣ ହୋଇଥିବା ଏହି କାର୍ଯ୍ୟାଳୟ । ଏଠାରେ ଏସ୍‌ଡିଓ ଏବଂ ଜେଇ ମାନଙ୍କ ପ୍ରକୋଷ୍ଠ ରହିଥିଲା । କିନ୍ତୁ ସମୟ କ୍ରମେ ଏଠାରୁ ଅଧିକାଂଶ ଅଫିସର୍ ବଦଳି ଏବଂ ଭିଆରଏସ୍ ନେବା ପରେ କର୍ମଚାରୀ ମରୁଡ଼ି ଅବସ୍ଥା ହୋଇଛି । ଯଦ୍ୱାରା ଏହି ନୂଆ କାର୍ଯ୍ୟାଳୟ କୋଠାକୁ ବିଭାଗ ବନ୍ଦ କରି ରଖିଥିବା ବେଳେ କ୍ୱାଟର୍ ଗୁଡ଼ିକରେ ଏବେ ତାଲା ଝୁଲୁଛି । ଏହାର ସୁଯୋଗ ନେଇ ଚାଲିଛନ୍ତି ଅସାମାଜିକ ତତ୍ୱ । ଜୟପୁର ପୌରପାଳିକା ଅନ୍ତର୍ଗତ ୨୭ ନଂ ଓ୍ୱାର୍ଡରେ ରହିଥିବା ଏହି ଟେଲିକମ୍ କଲୋନୀ ପାଇଁ ପୌର ପରିଷଦ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରଛି । ଗତ ଦୁଇ ବର୍ଷ ମଧ୍ୟରେ ପୌର ପରିଷଦ ପକ୍ଷରୁ ୪୦ ଲକ୍ଷ ଟଙ୍କା କେବଳ ପେଭର୍ ବ୍ଲକ ଏବଂ ଡ୍ରେନ୍ ପାଇଁ ଖର୍ଚ୍ଚ କରାଯାଇଛି । କିନ୍ତୁ କଲୋନୀରେ ଚାଳିଶି ଲୋକ ରହୁନାହାନ୍ତିଁ । ଏଭଳି ଅବସ୍ଥାକୁ ଯାଇଛି ଏବେ ଜୟପୁର ଟେଲିକମ୍ କଲୋନୀ । ଜାତୀୟ ରାଜପଥ ୨୬ ଠାରୁ ୧୦୦ ମିଟର ଦୂର ଏବଂ ସହରର ଏକ ମୁଖ୍ୟ ସ୍ଥାନରେ ରହିଥିବା ଏହି ମୂଲ୍ୟବାନ କଲୋନୀ କିଭଳି ସୁରକ୍ଷିତ ଭାବେ ରହିବ ସେ ନେଇ ବିଭାଗ ଚିନ୍ତା କରିବା ଆବଶ୍ୟକ । ନତୁବା ରାଜ୍ୟ ସରକାର ଅଡିଟ୍ କଲୋନୀ ଯେଭଳି ଜବରଦଖଲକୁ ଚାଲିଗଲା ସେଭଳି ଅବସ୍ଥା ଉପୁଜିବା ନିଶ୍ଚିତ । ଏ ସଂପର୍କରେ କୋରାପୁଟ ଟେଲିକମ୍ ଜେନେରାଲ୍ ମ୍ୟାନେଜର୍ ରଂଜିତ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ବିଭାଗ ଖୁବ୍ କମ୍ ଦିନରେ ନିଷ୍ପତି ନେବ ।

# ସ୍ୱର୍ଗତ ପ୍ରଦୀପ ମୁନୀଙ୍କ ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଓ ଶୋକସଭା

କନ୍ଧମାଳ, ୦୯/୦୮ (ନି.ପ୍ର): ଫୁଲବାଣୀ ସହର ବିଜୁଜନତା ଦଳ ପକ୍ଷରୁ ସ୍ୱର୍ଗତ ପ୍ରଦୀପ ମୁନୀଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ଶ୍ରଦ୍ଧାଞ୍ଜଳୀ ଓ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଶୋକସଭା ବିଜୁ ଜନତା ଦଳର ଫୁଲବାଣୀ ନଗର ସଭାପତି ବିମଳେନ୍ଦୁ ପାଢ଼ୀଙ୍କ ନେତୃତ୍ୱରେ ନେତୃତ୍ୱରେ ହୋଇଥିଲା। କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲ୍ଲାର ପୂର୍ବତନ ବିଜେଡି ସଭାପତି ସରୋଜ କର୍ଣ୍ଣ ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟା ମାନେ ପ୍ରଥମେ ସ୍ୱର୍ଗତ ପ୍ରଦୀପ ମୁନୀଙ୍କ ତୈଳ ଚିତ୍ର ରେ ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ। ତାଙ୍କର ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଦଳର ଜିଲ୍ଲା ସଭାପତି ଅଙ୍ଗଦ କହଁର, ବରିଷ୍ଠ ସଦସ୍ୟ ପଂଚାନନ କହଁର, କମଳା କାନ୍ତ ପାଣ୍ଡେ,ପୁନମ କହଁର, ମୃତ୍ୟୁଞ୍ଜୟ ପେରା, ସୁନୀଲ ସେଠୀ, ଫୁଲବାଣୀ ବ୍ଲକ ଅଧକ୍ଷା ଶଶ୍ମିତା କହଁର, ବିଜେଡି ପରିଚାଳନା କମିଟିର ସଦସ୍ୟ ପ୍ରତାପ ପାତ୍ର, ଶିବପ୍ରସାଦ ତ୍ରିପାଠୀ, ରାଧାମୋହନ ମହାପାତ୍ର, ସତ୍ୟ ନାରାୟଣ ବେହେରା,ବିମଳ କହଁର, କମଳ ବେହେରା, ମନୋଜ ପଟ୍ଟନାୟକ, ବିରେନ୍ଦ୍ର କହଁର, ସୁରେନ୍ଦ୍ର ଆଚାର୍ଯ୍ୟ, ସରୋଜ କର୍ଣ୍ଣ ପ୍ରମୁଖ ସ୍ୱର୍ଗତ ପ୍ରଦୀପ ମୁନୀଙ୍କ ରାଜନୈତିକ କାର୍ଯ୍ୟ କଳାପ ଏବଂ ଏଥିପାଇଁ ତାଙ୍କର ଅତୁଳନୀୟ ସାହସ ବୁଦ୍ଧିମତ୍ତା ତଥା ପରୋପକାରୀ କାର୍ଯ୍ୟ ବାବଦରେ କହି ତାଙ୍କର ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ କାଉନସିଲର ରାଜେନ୍ଦ୍ର ପାଢ଼ୀ, ଦୁର୍ଯ୍ୟୋଧନ ମହାପାତ୍ର, ପ୍ରଫୁଲ୍ଲ ନାୟକ ଏବଂ ଶତାଧିକ ସଦସ୍ୟ ସଦସ୍ୟା ମାନେ ଯୋଗ ଦେଇ ନିଜନିଜର ଶୋକ ବ୍ୟକ୍ତ କରିଥିଲେ। ଶେଷରେ ନଗର ସଭାପତି ବିମଳେନ୍ଦୁ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମହାନଦୀରେ ବ୍ୟାରେଜ୍ ନିର୍ମାଣ ପାଇଁ ସର୍ଭେ ଆରମ୍ଭ

ସମ୍ବଲପୁର, ୦୯/୦୮ (ନି.ପ୍ର): ମହାନଦୀର ଉପର ମୁଣ୍ଡରେ ଛତିଶଗଡ ବ୍ୟାରେଜ୍ ନିର୍ମାଣ କରିଛି। ବ୍ୟାରେଜ୍ ଯୋଗେ ପାଣିକୁ ଅଟକାଇ ରଖୁଛି। ଫଳରେ ଓଡିଶାରେ ମହାନଦୀ ଶୁଖିଲା ପଡିଛି। ଆବଶ୍ୟକ ସମୟରେ ଛତିଶଗଡ ପାଣି ଛାଡୁନାହିଁ। ଯେଉଁ ସମୟରେ ପାଣି ଛାଡୁଛି, ତାହା ବୋହି ସିଧାସଳଖ ସମୁଦ୍ରକୁ ଯାଉଛି। ହୀରାକୁଦ ପରେ ମୁଣ୍ଡଳୀ ଓ ଯୋବ୍ରାକୁ ଛାଡିଦେଲେ ପାଣି ରୋକିବା ପାଇଁ କୌଣସି ସ୍ଥାନରେ ଆନିକଟ ବା ବ୍ୟାରେଜ୍ ନାହିଁ। ଏଭଳି ସ୍ଥଳେ ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ମହାନଦୀ ଉପରେ ୨ଟି ବ୍ରିଜ୍ ସହ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ନିଷ୍ପତି ନେଇଛି। ଏଥିସହ ସମ୍ବଲପୁରର ଐତିହାସିକ ଅଯୋଧା ସରୋବରର ବିକାଶ କରିବା ସହ ଏକ ବ୍ୟାରେଜ୍ ନିର୍ମାଣ ପାଇଁ ସମ୍ବଲପୁର ଜଳସେଚନ ବିଭାଗକୁ ଚିଠି ଲେଖାଯାଇଛି। ଫଳରେ ବିଭାଗ ସର୍ଭେ କାମ ଆରମ୍ଭ କରିଛି। ଏହି ମାସ ଶେଷ ସୁଦ୍ଧା ସର୍ଭେ କାମ ଶେଷ ହେବ ବିଭାଗ ପକ୍ଷରୁ ଜଣାପଡିଛି। ମହାନଦୀରେ ବ୍ରିଜ୍ ସହ ବ୍ୟାରେଜ୍ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଉଛି। ରାଜ୍ୟ ଜଳସେଚନ ବିଭାଗ ନିର୍ଦ୍ଦେଶ କ୍ରମେ ସର୍ଭେ କାମ ଆରମ୍ଭ ହୋଇଛି। ଦେଓଗାଁ ଓ ମାନେଶ୍ୱରରେ ଏହା ନିର୍ମାଣ ହେବ। ଅଧିକ ପାଣି ରହିବା ସ୍ଥାନକୁ ସର୍ଭେ ସମୟରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ଯେଭଳି କୌଣସି ପରିବାର ବିସ୍ଥାପିତ ନହୁଅନ୍ତି ସେନେଇ ମଧ୍ୟ ଦୃଷ୍ଟି ଦିଆଯାଇଛି। ଅନ୍ୟପଟେ ସମ୍ବଲପୁର ସହର ରିଂରୋଡ୍ କଡରେ ଥିବା ୬୦ଦଶକର ଆନିକଟ୍(ଅଯୋଧା ସରୋବର) ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସମୟରେ ଘାଇ ସୃଷ୍ଟି ହେଉଛି। ଏହାର ପୁନରୁଦ୍ଧାର ପାଇଁ ମଧ୍ୟ ସର୍ଭେ କରାଯାଉଛି। ତେବେ ଏହାକୁ ବିକଶିତ କରିବା ସହ ଏକ ନୂତନ ବ୍ୟାରେଜ୍ ନିର୍ମାଣ କରାଯିବାକୁ ନିଷ୍ପତି ନିଆଯାଇଛି। ସମ୍ବଲପୁର ମହାନଦୀରେ ୧୯୬୩-୬୪ ମସିହା ବେଳକୁ ଏହି ଆନିକଟ୍ ନିର୍ମାଣ ହୋଇଥିଲା। ତତ୍କାଳୀନ ରାଜ୍ୟପାଳ ଅଯୋଦ୍ଧାନାଥ ଖୋସଲାଙ୍କ ନାମ ଅନୁସାରେ ଏହାର ନାମ ଅଯୋଧା ସରୋବର ନାମରେ ନାମିତ କରାଯାଇଛି। ଏହା ପ୍ରାୟ ୧୭୦୦ ମିଟର ଲମ୍ବ ଓ ହାରାହାରି ୨ ମିଟର ଉଚ୍ଚତା ବିଶିଷ୍ଟ ଅଟେ। ଆନିକଟ୍ ର ପୁନରୁଦ୍ଧାର ପାଇଁ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଡିଜାଇନ ପ୍ରସ୍ତୁତ କରାଯାଇଥିଲା। ମୋଟ୍ ୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ମାତ୍ର ତାହା ଫାଇଲ୍ ତଳେ ଚାପି ହୋଇ ରହିଥିଲା। ୨୦୨୨ ମସିହା ଅକ୍ଟୋବର ମାସରେ ଏକ ବଡ ଧରଣର ଘାଇ ସୃଷ୍ଟି ହେବା ପରେ ଜଳସମ୍ପଦ ବିଭାଗ ଏକ ସୁଉଚ୍ଚ ଆନିକଟ୍ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛି। ମହାନଦୀର ପାଣିକୁ ଅଟକାଇବା ପାଇଁ ବିଭିନ୍ନ ସମୟରେ ସରକାର ପ୍ରସ୍ତାବିତ ବ୍ୟାରେଜ୍ ନିର୍ମାଣ ପାଇଁ ଏକାଧିକ ସ୍ଥାନ ଚୟନ କରିଥିଲେ। ୧୯୬୦ ମସିହାରେ ହୀରାକୁଦ ଜଳଭଣ୍ଡାରର ୨ୟ ୟୁନିଟ୍ ଭାବେ ଟିକରପଡା ଠାରେ ମହାନଦୀର ଜଳଭଣ୍ଡାର ନିର୍ମାଣ ପାଇଁ ଯୋଜନା ଆରମ୍ଭ ହୋଇଥିଲା। ଏହାର ଜଳପତନ ୧୩୧ମିଟର ରଖାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ମଣିଭଦ୍ରା ବନ୍ଧକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ମହାନଦୀର ତ୍ରିକୋଣ ଭୂମି ଅଂଚଳରେ ବନ୍ୟା ନିୟନ୍ତ୍ରଣ ଓ ବିଦ୍ୟୁତ୍ ଉତ୍ପାଦନକୁ ଦୃଷ୍ଟିରେ ରଖି ଏହି ଯୋଜନା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ବିଭିନ୍ନ ସ୍ଥାନରେ ବିରୋଧ ଯୋଗୁଁ ଏହି ଯୋଜନା ଶୀତଳଭଣ୍ଡାରରେ ପଡି ରହିଛି। ପରବର୍ତୀ ସମୟରେ ଜଳଭଣ୍ଡାର ପରିବର୍ତେ ବ୍ୟାରେଜ୍ ନିର୍ମାଣ ପାଇଁ ଦାବି ହୋଇଥିଲା। ଅନ୍ୟପଟେ ଛତିଶଗଡ ସରକାର ମହାନଦୀରେ ବନ୍ଧ ଓ ବ୍ୟାରେଜ୍ ନିର୍ମାଣ କରି ଜଳକୁ ଅଟକାଇବା ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଛି।

# ବଦଳିଲା ସରକାର: କେବେ ବଦଳିବ ଗାଁ ନାମ ?

ମାଲକାନଗିରି, ୦୯/୦୮ (ନି.ପ୍ର): ଜିଲ୍ଲାରେ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଏମଭି ଗ୍ରାମ ରହିଛି। ଏମଭି ଗ୍ରାମଗୁଡିକରେ ବଂଗୀୟ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ପ୍ରାୟ ୪ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଏମାନେ ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ବେଳେ ଏମାନେ ସରକାରଙ୍କର ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି। ଏପରିକି ନିର୍ବାଚନରେ ଏହି ସଂପ୍ରଦାୟର ଏକତରଫା ଭୋଟ ଜଣେ ପ୍ରାର୍ଥୀକୁ ବିଜୟ କରିବାରେ ବେଶ ସହଯୋଗ କରୁଛି।୨୦୧୯ ନିର୍ବାଚନରେ ଯାହା ହୋଇଥିଲା, ଏବେ ମଧ୍ୟ ଏହି ସଂପ୍ରଦାୟର ଏକତରଫା ଭୋଟ ବିଜେପିକୁ ବିଜୟୀ କରିବାରେ ସଂପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ନିର୍ବାଚନ ବେଳେ ଏମଭି ଗ୍ରାମଗୁଡ଼ିକରେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ ଦେବ ଏବଂ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପ୍ରଚାର ଜୋରଦାର କରିଥିଲେ, ଫଳରେ ବିଜେପିକୁ ଭୋଟ ମିଳିଥିଲା। ତେବେ ହିମନ୍ତ ବିଶ୍ୱ ଶର୍ମା ନିର୍ବାଚନ ବେଳେ ବଂଗୀୟ ଗ୍ରାମଗୁଡିକର ନାମ ଏମଭି ରହିବା ସହ ନମ୍ବର ରହିଥିବାରୁ ସେ ଦୁଃଖ ପ୍ରକାଶ କରିବା ସହ ଏମାନେ କଣ କଏଦୀ କି ବୋଲି ପ୍ରଶ୍ନ କରିଥିଲେ। ପୁଣି ଏହି ଗ୍ରାମଗୁଡ଼ିକକୁ କାହିଁକି ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମରେ ପରିବର୍ତନ କରାଯାଇ ନାହିଁ ବୋଲି ଦାବି କରିଥିଲେ। ତେବେ ବିଜେପି ଓଡିଶାରେ ଶାସନକୁ ଆସିଲେ ସେ ନିଜେ ମୁଖ୍ୟମନ୍ତ୍ରୀ ଯିଏ ବି ହେଲେ ତାଂକୁ ସେ ଅନୁରୋଧ କରି ଏମଭି ଗ୍ରାମଗୁଡିକର ନମ୍ବର ବଦଳାଇବା ସହ ଗ୍ରାମଗୁଡ଼ିକର ସୁନ୍ଦର ନାମ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯେଉଁ ପ୍ରତିଶ୍ରୁତି ଏବେ ପୂରଣ ହେବାର ବେଳ ଆସିଛି। ବିଜେପି ଶାସନ ଗାଦିରେ ବସିବା ସହ ମାଲାକନଗିରି ବିକାଶରେ ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ ପୂରଣ କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି। ଏହି ସରକାର ମଧ୍ୟ ପୂର୍ବତନ ସରକାର ଭଳି ଠକିବ ନାହିଁ ତ ବୋଲି ପ୍ରଶ୍ନ ଉଠିଛି। ନିର୍ବାଚନ ବେଳେ ଗୋଟିଏ କଥା ଏବଂ ନିର୍ବାଚନ ସରିଲେ ଗୋଟିଏ କଥା ବୋଲି ଆଲୋଚନା ଜୋର ଧରିଛି। ତେବେ ନିର୍ବାଚନ ବେଳେ ମିଳିଥିବା ପ୍ରତିଶ୍ରୁତିଗୁଡିକ ସରକାର କେବେ ପୂରଣ କରିବେ ତାହା ଦେଖିବାକୁ ବାକି ରହିଲା।

# ହିନ୍ଦ୍ ମଜଦୂର ସଭା ଶ୍ରମିକ ସଂଗଠନର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ବୈଠକ

ଗଞ୍ଜାମ, ୦୯/୦୮ (ନି.ପ୍ର): ସର୍ବଭାରତୀୟ ଶ୍ରମିକ ସଂଗଠନ ହିନ୍ଦୁ ମଜଦୁର ସଭା, ଓଡ଼ିଶା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମୀ ସଭାଗୃହରେ ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଏଚ୍‌ଏସ୍‌ଏସ୍ ପକ୍ଷରୁ ରାଜନୈତିକ ପ୍ରସ୍ତାବରେ କୁହାଯାଇଛି ଯେ, ଆମ ଦେଶ ଓ ରାଜ୍ୟରେ ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟକୁ ଲକ୍ଷ୍ୟ କଲେ ସମୁଦାୟ ଶ୍ରମିକ, କର୍ମଚାରୀମାନଙ୍କୁ ହତାଶ ହେବାକୁ ହେବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ସଂଗଠିତ ଓ ଅସଂଗଠିତ ଶ୍ରମିକ, କର୍ମଚାରୀ ମାନଙ୍କୁ ଶୋଷଣ କରିବା ଉଦ୍ଦେଶ୍ୟରେ ପ୍ରଚଳିତ ଶ୍ରମ ଆଇନଗୁଡ଼ିକୁ ଚାରୋଟି କୋର୍ଡରେ ଅନ୍ତର୍ଭୁକ୍ତ କରି ଶ୍ରମିକ କର୍ମଚାରୀ ବିରୋଧୀ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ବଦ୍ଧ ପରିକର । ଏହି ଶ୍ରମିକ ବିରୋଧୀ ଆଇନକୁ ପ୍ରତ୍ୟାହାର କରି ଦେଶର ପ୍ରଗତି ଓ ବିକାଶର ବାହକ ଶ୍ରମିକ ସମାଳର ହକ୍ ଓ ନ୍ୟାର୍ଯ୍ୟ ଦାବି ପ୍ରତି କେନ୍ଦ୍ର ସରକାର ଦୃଷ୍ଟି ନଦେଲେ ଦେଶର ଶ୍ରମଜୀବୀ ଜନତା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଏଚ୍‌ଏସ୍‌ଏସ୍ ପକ୍ଷରୁ ଏହି ପ୍ରସ୍ତାବରେ କୁହାଯାଇଛି । ଦ୍ୱିତୀୟ ପ୍ରସ୍ତାବରେ ଏଚଏମ୍‌ଏସ୍ ରାଜ୍ୟ ସାଂଗଠନିକ ବ୍ୟବସ୍ଥାର ସମୀକ୍ଷା କରାଯାଇ ଆଗାମୀ ଦିନରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସେହିଭଳି ଏଚ୍‌ଏସ୍‌ଏସ୍ ଯୁବ ଓ ମହିଳା ହିନ୍ଦୁ ମଜଦୁର ଓଡିଶା ରାଜ୍ୟ କାର୍ଯ୍ୟକର୍ତା ଶାଖାକୁ ଅଧିକ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ପ୍ରସ୍ତାବ ପାରିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକ ଠିକଣା ଭାବରେ ସଂଗଠିତ କରିବା ପାଇଁ ଏକ ପ୍ରସ୍ତୁତି କମିଟି ଗଠନ କରାଯାଇଥିଲା । ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସାଧାରଣ ସଂପାଦକ ପ୍ରଭାତ କୁମାର ତ୍ରି ପାଠୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବିଶିଷ୍ଟ ଶ୍ରମିକ ନେତା ବିଜୟ କୁମାର ମହାନ୍ତି ଏହି କମିଟିର ସଦସ୍ୟ ରୂପେ କାର୍ଯ୍ୟ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା ।

# ଜିଲ୍ଲା ସୂଚନା ଲୋକ ସଂପର୍କ ଅଧିକାରୀଙ୍କ ସ୍ଥାନାନ୍ତର

କେନ୍ଦ୍ରାପଡ଼ା, ୦୯/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ସୂଚନା ଓ ଲୋକସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତିଙ୍କ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଯାଇଛି । ଶ୍ରୀ ମହାନ୍ତି ୨୦୨୩ ମସିହା ରେ ଜିଲ୍ଲା କାର୍ଯ୍ୟାଳୟରେ ଯୋଗଦେଇ ଦକ୍ଷତାର ସହ କାର୍ଯ୍ୟ ସଂପାଦନ କରି ବିଭିନ୍ନ ମହଲରେ ଲୋକପ୍ରିୟ ହୋଇପାରିଥିଲେ । ଭୁବନେଶ୍ୱର ସ୍ଥିତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟକୁ ତାଙ୍କର ବଦଳି ହୋଇଯାଇଛି । ଗୁରୁବାର ଉପଖଣ୍ଡ ସୂଚନା ଲୋକ ସଂପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂହଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାପଡିଛି । ବିଭାଗର କର୍ମଚାରୀ ମାନେ ଶ୍ରୀ ମହାନ୍ତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା

ଜୟପୁର, ୦୯/୦୮ (ନି.ପ୍ର): ୨୦୨୨ ମସିହାରେ କୋଟପାଡ଼ ଥାନା ଅଂଚଳରେ ଘଟିଥିବା ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ୧୨ ଟି ସାକ୍ଷ୍ୟ ଗ୍ରହଣ ଓ ୧୩ ଟି ଦସ୍ତାବିଜକୁ ଭିତିକରି ମାନ୍ୟବର ସ୍ୱତନ୍ତ୍ର ପୋକ୍ସ କୋର୍ଟ ଆଇନ ଧାରା ୬ ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଏବଂ ଆଇପିସି ଧାରା ୩୬୬ ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ୧୫ ମାସ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଅଦାଲତ ଦର୍ଶାଇଛନ୍ତି। ଏବଂ ସମସ୍ତ ଦଣ୍ଡ ଏକା ସହିତ ଚାଲିବ ବୋଲି ଅଦାଲତ ଦର୍ଶାଇଛନ୍ତି। ଆଦାୟ ଜରିମାନା ୫୦ ହଜାର ଟଙ୍କା ଏବଂ ସରକାରଙ୍କ ତରଫରୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ମାଧ୍ୟମରେ ପିଡିତା ଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ୧୮/୨/୨୦୨୨ ରେ ପିଡିତା ନାବାଳିକା କାମକୁ ଯାଇ ନ ଫେରିବାରୁ ପିଡିତାଙ୍କ ପରିବାର ଖୋଜାଖୋଜି କରି ନ ପାଇବାରୁ ପିଡିତାଙ୍କ ବାପା କୋଟପାଡ଼ ଥାନାରେ ଏତଲା ଦେଇଥିଲେ। ଏତଲା ଦେବା ପରେ ତତ୍କାଳୀନ ଥାନା ଅଧିକାରୀ ଶେଷଦେବ ବେହେରା ପିଡିତାଙ୍କୁ ହରିବନ୍ଧୁ କରଲିଆଙ୍କ ସମ୍ପର୍କୀୟ ଘରରୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ପିଡିତା ତାଙ୍କ ବୟାନରେ କହିଥିଲେ ଯେ ସଣ୍ଡି ଗାଁ ରୁ ମଣ୍ଡି ଯାତ୍ରା ଦେଖାଇବାକୁ ନେଇ ହରିବନ୍ଧୁ ତାଙ୍କ ସମ୍ପର୍କୀୟଙ୍କ ଘରେ ରଖି ବାହା ହେବି କହି ଏକ ମାସ ଜବରଦସ୍ତି ଦୁଷ୍କର୍ମ କରିଥିଲା। ଯାହା ଫଳରେ ପିଡିତା ଗର୍ଭବତୀ ହୋଇଥିଲେ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଓକିଲ ଡ.ବି ଗାୟତ୍ରୀ ଦେବୀ ଏହି ମାମଲାର ପରିଚାଳନା କରୁଥିଲେ।

## ମୋବାଇଲକୁ କରାନ୍ତୁ ଜୀବାଣୁମୁକ୍ତ

ଆଜିର ଦୁନିଆରେ ସମସ୍ତେ ମୋବାଇଲ୍ ଫୋନ୍‌ର ବ୍ୟବହାର କରୁଛନ୍ତି। ହେଲେ ତାହାର କିପରି ଉଚିତ୍ ଯତ୍ନ ନିଆଯିବ ତାହା ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଯାହା ଫଳରେ ଫୋନଟି କିଛି ଦିନମଧ୍ୟରେ ଖରାପ ହୋଇଯାଇଥାଏ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ଏକ ଶୌଚାଳୟର ସିଟ୍‌ରେ ଯେତେ ପରିମାଣର ଜୀବାଣୁ ଥାଏ। ସେହିପରି ଗୋଟେ ମୋବାଇଲରେ ମଧ୍ୟ ତାଠୁ ଅଧିକ ଜୀବାଣୁ ଭରି ରହିଥାଏ। ତେବେ ଆସନ୍ତୁ ଜାଣିବା କିପରି ରୂପେ ଆମେ ଆମ ମୋବାଇଲକୁ ଜୀବାଣୁ ମୁକ୍ତ କରାଇବା।

- ଯଦି ଆପଣଙ୍କ ଫୋନଟିର ପଛପଟେ କଭର ଅଛି, ତେବେ ସଫା କରିବା ପୂର୍ବରୁ କଭରଟିକୁ କାଢ଼ନ୍ତୁ।

- ଏହାକୁ ସଫା କରିବା ପାଇଁ ତୁଳା କିମ୍ବା ପୋଛିବା ପାଇଁ ଏକ ସଫା କପଡ଼ା ବ୍ୟବହାର କରନ୍ତୁ। ଏବଂ ସଫା କଲାବେଳେ ଆପଣ ରବିଙ୍ଗ ଆଲକୋହଲର ମଧ୍ୟ ବ୍ୟବହାର କରିପାରିବେ।

- ତୁଳା ଖଣ୍ଡଟିକୁ ରବିଙ୍ଗ ଆଲକୋହଲରେ ବୁଡ଼େଇ ସ୍କ୍ରିନଟିକୁ ସଫା କରନ୍ତୁ। କିନ୍ତୁ ଧ୍ୟାନରେ ରଖନ୍ତୁ ରବିଙ୍ଗ ଆଲକୋହଲ ଯେପରି ଫୋନର ଅନ୍ୟ କୌଣସିସ୍ଥାନରେ ନଲାଗେ।

- ଯଦି ଆପଣଙ୍କ ଫୋନଟି କିପାଡ୍ ବାଲା ଆପଣ କ୍ୟୁ ପରି ଏକ ରବିଙ୍ଗ ବ୍ୟବହାର କରିପାରିବେ।

- ଯଦି ଆପଣ ଫୋନ ଭିତରଟିକୁ ସଫା କରିବାକୁ ଚାହୁଁଛନ୍ତି ତେବେ ଏକ ଶୁଖିଲା କିୟୁ ଟିପ ବ୍ୟବହାର କରନ୍ତୁ। ହେଲେ ମନେ ରଖନ୍ତୁ କୌଣସି ପ୍ରକାରର ମିଶ୍ରଣ ଯେପରି ଭିତରକୁ ନଯାଏ।

- ଫୋନ୍‌ର ୟୁଏସ୍‌ବି ଏବଂ ଇଅରଫୋନ ଛିଦ୍ରକୁ ସଫା କରିବା ସମୟରେ ଧ୍ୟାନ ରଖନ୍ତୁ। ହାଲୁକା ଭାବେ ଏପରି ଫୁଙ୍କନ୍ତୁ ଯେପରି ଛିଦ୍ର ଗୁଡ଼ିକ ସଫା ହୋଇଯିବ।

- ଫୋନଟିର କୋଣମାନଙ୍କରେ ବେଶୀ ପରିମାଣରେ ଧୂଳି ଜମିଥାଏ, ତେଣୁ ଧ୍ୟାନରେ ରଖନ୍ତୁ ଯେପରି ଫୋନରେ ବେଶୀ ଧୂଳି ନରହେ।

- ଫୋନଟିକୁ ସଫା କରି ସାରିବା ପରେ ଏହାକୁ ପୁନଃ ଅବସ୍ଥାକୁ ଆଣିବାକୁ ହେଲେ ଏହାକୁ ଭଲଭାବେରେ ଶୁଖାଇବାକୁ ହେବ।

- ନିତିଦିନ ସଫା କରିବା ପାଇଁ ଏକ ସୂକ୍ଷ୍ମ ତନ୍ତୁଜନିତ କପଡ଼ାରେ ବ୍ୟବହାର କରନ୍ତୁ।




## ଖାଇବାର ସମୟ



- ପ୍ରତିଦିନ ଠିକ ସମୟରେ ଭୋଜନ କରନ୍ତୁ।

- ଆବଶ୍ୟକ ଅନୁଯାୟୀ ଖାଆନ୍ତୁ।

- ଭୋଜନ କରିବାର କିଛି ସମୟ ପୂର୍ବରୁ ଚା’ କିମ୍ବା କଫି ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଭୋକ ମରିଦଯାଇଥାଏ।

- ଗରମ ଭୋଜନ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ।

-ଭୋକ ହେଲେ ଭୋଜନ କରନ୍ତୁ।

- ଯାହା ଖାଇବାକୁ ହୋଇ ଖାଦ୍ୟକୁ ନବାଛି ଖାଆନ୍ତୁ।

- ହଜମ ହୋଇ ନଥିଲେ କିମ୍ବା ଜ୍ୱର ହୋଇଥିଲେ ହାଲକା ଖାଦ୍ୟ ଖାଆନ୍ତୁ।

- ଖଟା ଲାଗୁଥିବା ଫଳ ଖାଆନ୍ତୁ ନାହିଁ।

- ସକାଳେ ହାଲକା ଖାଆନ୍ତୁ। ପେଟ ପୂରିଲା ପରି ଖାଆନ୍ତୁ।

- ଗୋଟେ ଥର ଖାଇବାର ଛଅରୁ ସାତଘଂଟାପରେ ଖାଆନ୍ତୁ। ମଝିରେ ମଝିରେ ହାଲକା ଖାଦ୍ୟ ଖାଆନ୍ତୁ।

-ଗ୍ୟାସ ସମସ୍ୟା ଥିଲେ ବିରି ଡାଲି କିମ୍ବା ଚଣା ଡାଲି ଖାଆନ୍ତୁ ନାହିଁ।

- ଖାଦ୍ୟକୁ ଅତ୍ୟଧିକ ସିଝାଇ ଖାଆନ୍ତୁ ନାହିଁ।

## ଚନ୍ଦନ



ଘୋରି ଲଗାଇବା ତ୍ୱଚା ପାଇଁ ଲାଭଦାୟକ। ଅତ୍ୟଧିକ ଗରମ ପଡ଼ିଥିଲେ ଚନ୍ଦନ ଲଗାଇବା ଦ୍ୱାରା ଆରାମ ମିଳେ। ଚନ୍ଦନର ପାଉଡ଼ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚା ସୁସ୍ଥ ରହେ। ଉଚ୍ଚ ରକ୍ତଚାପ, ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣେ ଚନ୍ଦନର ଏସେନସିଆଲ ଅଏଲ। ଏହା କ୍ଷତକୁ ଭଲକରେ। ତେବେ ଏହି ତେଲକୁ ସିଧାସଳଖ ବ୍ୟବହାରନ କରି ଅନ୍ୟ ତେଲରେ ଏହାକୁ ସାମାନ୍ୟ ମାତ୍ରାରେ ମିଶାଇ ବ୍ୟବହଂାର କରିବା ଭଲ।

ଚନ୍ଦନକୁ ଏକ ପବିତ୍ର ବୃକ୍ଷ ଭାବେ ଭାରତୀୟ ମାନେ ଗ୍ରହଣ କରିଥାନ୍ତି। ଏହା କେବଳ ଦେବପୂଜା ପାଇଁ ନୁହେଁ,ବିଭିନ୍ନ ରୋଗର ଉପଚାରରେ ଏହାକୁ ବ୍ୟବହାର କରାଯାଇଥାଏ। ଶରୀରକୁ ଆରାମ ଦେବା ସହ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚନ୍ଦନର ବ୍ୟବହର କରାଯାଇଥାଏ। ଚନ୍ଦନ କାଠ ଶରୀରକୁ ବିଭିନ୍ନପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ। ଏହା ଆଂଟିସେପ୍ଟିକର କାମ କରେ। ଏପରିକି ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବା ପାଇଁ ଚନ୍ଦନ ତୈଳର ପ୍ରୟୋଗ ହୋଇଥାଏ। ଚନ୍ଦନ ତ୍ୱଚାକୁ ସୁସ୍ଥ ରଖିଥାଏ। ଏହା ଚର୍ମଶୁଷ୍କତା, କୁଣ୍ଡେଇ ହେବା ଏବଂ ଏକଜିମାରୁ ରକ୍ଷା କରେ। ତେଲିଆ ତ୍ୱଚା ପାଇଁ ଚନ୍ଦନ ଲାଭଦାୟକ। ଏଥିରେ ଥିବା ଫିରୋମେନ ତତ୍ତ୍ୱ ପାଇଁ ଏହାକୁ ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଇଥାଏ। ଚନ୍ଦନ ତୈଳ ଶରୀରରେ ସ୍ଫୁତି ଭରିଦିଏ। ଶରୀରର ସ୍ଫୁର୍ତି ପାଇଁ ଚନ୍ଦନ ସହ ଅତରର ପ୍ରୟୋଗ କରାଯାଏ। ଏବେ ଜାଣନ୍ତୁ ଚନ୍ଦନର ଆଉ କିଛି ଔଷଧୀୟ ଗୁଣ...

ଚନ୍ଦନ ଆମର ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିବା ସହ ପାଚନ କ୍ରିୟାକୁ ଠିକ୍ ରଖେ। ଅର୍ଥାତ୍ ଖାଦ୍ୟ ଜାର୍ଣ୍ଣ ହେଉ ନଥିଲେ ଚନ୍ଦନର ଉପଚାର କରାଯାଇଥାଏ। ଚନ୍ଦନର ତେଲ କେଶକୁ ମଜଭୁତ କରିବା ସହ ଝଡ଼ିବା ବନ୍ଦ କରିଥାଏ। ଏହା କେଶକୁ ଉତ୍ତମ ପୋଷଣ ହେବା ସହ ଚମକ ଆଣିଥାଏ।

ଚନ୍ଦନର ଛାଲି, କାଠ ଏବଂ ତୈଳ ଔଷଧ ପାଇଁ ବ୍ୟବହାର କରାଯାଇଥାଏ। ଚନ୍ଦନକାଠରେ ଥିବା ଆଂଟିମାଇକ୍ରୋବିୟାଲ ତତ୍ତ୍ୱ ଖାଦ୍ୟନଳୀରେ ସଂକ୍ରମଣ ଏବଂ ଆଉକିଛି ଆଭ୍ୟନ୍ତରୀଣ ସମସ୍ୟାକୁ ଦୂରକରେ।

ଜନନାଙ୍ଗ, ମୂତ୍ରାଶୟ ସଂକ୍ରମଣରେ ଏହା ଆଂଟସେପ୍ଟିକ ଭଳି କାର୍ଯ୍ୟକରେ। ଗନେରିଆ ପରି ଯୌନ ସଂକ୍ରମଣକୁ ଏହା ଆରୋଗ୍ୟ କରେ। ସିଧାସଳଖ ଚନ୍ଦନକୁ

ଚନ୍ଦନରେ ଆଂଟିସମୋଡ଼ିକ ତତ୍ତ୍ୱ ରହିଥିବାରୁ ଏହା ସ୍ନାୟୁ ମାଂସପେଶୀ ଆଦିକୁ ଆରାମ ଦେଇଥାଏ। ଦାନ୍ତର ମାଢ଼ିକୁ ଏହା ଶକ୍ତ



ରଖେ, ଦନ୍ତକ୍ଷୟକୁ ରୋକିଥାଏ। କାଶ ରୋଗକୁ ଭଲକରେ। ପିଲାମାନଙ୍କ ପାଇଁ ଚନ୍ଦନ ସ୍ୱାସ୍ଥ୍ୟବର୍ଦ୍ଧକ ଟନିକର କାମ କରିଥାଏ।ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଉଥିବା ଚନ୍ଦନକୁ ଅନ୍ୟ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଏ।

## ଏବେ ମାତ୍ର କିଛି ସେକେଣ୍ଡରେ ଶୁଖିବ ଓଦାଲୁଗା



ସାଧାରଣତଃ ଗୃହିଣୀମାନଙ୍କ ପାଇଁ ବଡ଼ ସମସ୍ୟା ହେଉଛି ବର୍ଷାଦିନେ ଲୁଗା ସଫା କରିବା ଏବଂ ଏହାକୁ ଶୁଖାଇବା। ଏବେ ଖୁବଶୀଘ୍ର ଏହି ସମସ୍ୟା ଦୂର ହେବାକୁ ଯାଉଛି। ଭାରତରେ ଜନ୍ମିତ ଜଣେ ବୈଜ୍ଞାନିକ ଲୁଗା ଶୁଖାଇବା ପାଇଁ ଏକ ନୂଆଯନ୍ତ୍ରର ଉଦ୍ଭାବନ କରିଛନ୍ତି। ଟେନେସିସ୍ଥିତ ଓକ୍ ରିଜ୍ ନ୍ୟାସନାଲ ଲାବୋଟୋରିରେ ବିରାଲ ପଟେଲ ଓ ତାଙ୍କ ଟିମ ଏପରି ଏକ ନୂଆ ଡ୍ରାୟରର ଉଦ୍ଭାବନ କରିଛନ୍ତି ଯାହା ଲଣ୍ଡ୍ରି ବ୍ୟବସାୟକୁ ବେଶ ସହଯୋଗ କରିବ। ଏହାକୁ ଅଲଟ୍ରାସୋନିକ୍ ଡ୍ରାୟର କୁହାଯାଉଛି। ଏହାର ବିଜୁଳି ଖର୍ଚ୍ଚ ମଧ୍ୟ ଅନ୍ୟ ଡ୍ରାୟର ତୁଳନାରେ ଅଧା ଅଟେ। ଅଧିକ ମାତ୍ରାରେ କପଡ଼ା ଶୁଖାଇବା ପାଇଁ ଏହି ଡ୍ରାୟରକୁ ବ୍ୟବହାର କରାଯାଇପାରିବ। ମାତ୍ର କିଛି ସେକେଣ୍ଡରେ ସମ୍ପୂର୍ଣ୍ଣ ଓଦା ଥିବା ଲୁଗା ଶୁଖିପାରିବ।

## ଏହି ଭିଟାମିନ ଅଭାବରୁ ହୋଇଥାଏ ଝିମଝିମ୍

**ଅଧିକାଂଶ ଲୋକ ଝିମଝିମର ସମ୍ମୁଖୀନ ହୁଅନ୍ତି। ହାତ କିମ୍ବା ପାଦରେ ଏହି ଲକ୍ଷଣ ଅନୁଭବ ହୁଏ। ଜାଣନ୍ତି କି ଏପରି କାହିଁକି ହୁଏ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ ଭିଟାମିନ୍ ଅଭାବରୁ ଏହି ଲକ୍ଷଣ ଦେଖାଦିଏ। ଭିଟାମିନ୍ ଅଭାବ ଥିଲେ ହାତ, ଗୋଡ କିମ୍ବା ଶରୀରର ଅନ୍ୟ କୌଣସି ଅଂଶରେ ଝିମଝିମ୍ ହୋଇଥାଏ। ତେବେ କେଉଁ ଭିଟାମିନର ଅଭାବ ଶରୀରରେ ଏହି ସମସ୍ୟା ସୃଷ୍ଟି କରେ, ଜାଣନ୍ତୁ...**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଯେତେବେଳେ ଶରୀରରେ ଭିଟାମିନ୍ ଇ୧୨ର ଅଭାବ ଥାଏ, ସେତେବେଳେ ଅନେକ ସ୍ୱାୟୁଗତ ସମସ୍ୟା ଦେଖା ଦେଇଥାଏ। ଏହି ଭିଟାମିନ ଅଭାବ କାରଣରୁ ମୁଣ୍ଡ ବୁଲାଇବା, ଥକ୍କା ଲାଗିବା, ଉଦାସୀନତା, ଗୋଡରେ ପାରେଷ୍ଟେସିଆ ଏବଂ ମାଂସପେଶୀ ଯନ୍ତ୍ରଣା ଭଳି ସମସ୍ୟା ସୃଷ୍ଟି ହୋଇପାରେ। ଇ୧୨ର ଅଭାବ ପ୍ରାୟତଃ ସ୍ନାୟୁ ସମ୍ବନ୍ଧୀୟ ରୋଗ ସୃଷ୍ଟି କରେ। ଏହି କାରଣରୁ, ସ୍ନାୟୁରେ ଝିମଝିମ୍ ଲକ୍ଷଣ ଦେଖାଦିଏ। ଅନେକ ରିପୋର୍ଟରୁ ଜଣାପଡିଛି ଯେ, କେବଳ ଭିଟାମିନ୍ ଇ୧୨ର ଅଭାବରୁ ନୁହେଁ, ବରଂ ଅନ୍ୟ ଭିଟାମିନର ଅଭାବ କାରଣରୁ ମଧ ହାତ ଏବଂ ପାଦରେ ଝିମଝିମ୍ ହୋଇପାରେ। ଯଦି ଉପଯୁକ୍ତ ଖାଦ୍ୟ ଅଭ୍ୟାସ ନଥାଏ ତେବେ ଶରୀରରେ ଭିଟାମିନ୍ ଅଭାବ ଦେଖାଯାଏ।



## ହୃଦରୋଗୀଙ୍କୁ ସୁସ୍ଥ ରଖେ ‘ଟାଇ ଚି’

ନୂଆ ଅଧ୍ୟୟନ ଅନୁସାରେ ଟାଇ ଚି ହୃଦଘାତ ପୀଡ଼ିତଙ୍କୁ ସୁସ୍ଥ ହେବାରେ ସାହାଯ୍ୟ କରେ। ଚୀନର ଏହି ପ୍ରାଚୀନ ମାର୍ଶଲ ଆର୍ଟ (ବ୍ୟାୟାମ କୌଶଳ) ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ବିକଳ୍ପ ହୋଇପାରେ। ତେବେ ଏହି ଆରୋଗ୍ୟ କେନ୍ଦ୍ରରେ ସକ୍ରିୟ ଭାବେ ଅଂଶଗ୍ରହଣ ନକରିବା ବିପଦପୂର୍ଣ୍ଣ ହୋଇପାରେ ଏବଂ ହୃଦରୋଗୀଙ୍କ ମୃତ୍ୟୁ ଆଶଙ୍କା ୧୮ ପ୍ରତିଶତ ବୃଦ୍ଧି ପାଇଥାଏ ବୋଲି ଏକ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅଧ୍ୟୟନ ପାଇଁ ହୃଦଘାତ ପୀଡ଼ିତ ୨୯ ଜଣ ବ୍ୟକ୍ତି ଟାଇ ଚି ଶ୍ରେଣୀରେ ଅଭ୍ୟାସର ମଜା ନେଇଥିଲେ। ଧୀମା ଗତିର ବ୍ୟାୟାମ ଜାରି ରଖିବାକୁ ଟାଇ ଚି ଲୋକଙ୍କୁ ଉତ୍ସାହିତ କରିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଲେ। ଏହି ବ୍ୟାୟାମର ଏକମାତ୍ର ପାର୍ଶ୍ୱ ପ୍ରତିକ୍ରିୟାରେ ମାଂସପେଶୀରେ ସାମୟିକ ଭାବେ ଦରଜ ସେମାନେ ଅନୁଭବ କଲେ। ଏହି ମାର୍ଶଲ୍ ଆର୍ଟ ଅତ୍ୟନ୍ତ ହିତକାରୀ ବୋଲି ବ୍ରାଇନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଅନୁଭବ କରିଛନ୍ତି। ଟାଇ ଚିକୁ ଖୁବ ଧୀର ଓ ସହଜ ଭାବେ ଆରମ୍ଭ କରାଯାଇପାରିବ। ତେଣୁ ହୃଦଘାତ ରୋଗୀଙ୍କ ପାଇଁ ଏହା ଏକ ଭଲ ବିକଳ୍ପ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ ଡା.ଏଲିନା ସାଲମୋଇରାଗୋ-ବ୍ଲୋଚର୍ କହିଛନ୍ତି। ରୋଗୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ପରେ ବ୍ୟାୟାମର ବେଗ ଓ ସୋପାନର ତୀବ୍ରତା ବୃଦ୍ଧି କରାଯାଇପାରେ। ଟାଇ ଚି ବ୍ୟାୟାମକୁ କମ୍‌ରୁ ମଧ୍ୟମ ତୀବ୍ରତାର ସ୍ତର ପର୍ଯ୍ୟନ୍ତ ନିଆଯାଇପାରେ ବୋଲି ଏଲିନା କହିଛନ୍ତି। ତେବେ ଏହା ହୃଦରୋଗ ଚିକିତ୍ସାର ଅନ୍ୟ ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ସ୍ଥାନ ନେଇନାହିଁ। ପାରମ୍ପରିକ ଆରୋଗ୍ୟ କେନ୍ଦ୍ର ରୋଗୀଙ୍କ ଶାରୀରିକ ଫିଟ୍‌ନେସ୍‌ରେ ସହାୟକ ହୋଇ ନଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅନ୍ୟ ପକ୍ଷରେ ଟାଇ ଚି ବ୍ୟାୟାମ କୌଶଳ ଉଭୟ ହୃଦ୍ ଓ ଶାରୀରିକ ଫିଟନେସ ପାଇଁ ପ୍ରକୃଷ୍ଟ। ଅନେକ ଅଧ୍ୟୟନରେ ଯଦି ଏହା ପ୍ରମାଣିତ ହୁଏ, ଆରୋଗ୍ୟ କେନ୍ଦ୍ରରେ ବିଭିନ୍ନ କଠିନ ବ୍ୟାୟାମ ସହିତ ଟାଇ ଚିକୁ ସ୍ଥାନ ଦେବା ସମ୍ଭବପର ହେବ।



## କାନରେ କ୍ୟାନ୍ସର ହୋଇପାରେ

କାନରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଥାଏ ଯେମିତି କାନ ଦରଜ ହେବା, କୁଣ୍ଡେଇ ହେବା ଆଦି ସମସ୍ୟା ଦେଖାଦେଲେ ତାକୁ ଅଣ ଦେଖା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

- କାନରୁ ପାଣି ଓ ରକ୍ତ ବାହାରିବାର ଦେଖାଦେବା କ୍ୟାନ୍ସରର ଏକ ପ୍ରକାର ଲକ୍ଷଣ ହୋଇପାରେ।

- ୟୁରଡ୍ରମ ନିଷ୍କ୍ରିୟ ହୋଇଗଲେ, ଏହାକୁ ଅଣଦେଖା କରନ୍ତୁ ନାହିଁ।

- କାନରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ। କମ ଶୁଣାଯିବା।

- ବହୁ ସମୟ ଧରି କାନ କୁଣ୍ଡାଇ ହେବା।

- ମୁହଁ ଖୋଲିବା ବେଳେ କାନରେ ଦରଜ ହେବା ଆଦି କାନରେ କ୍ୟାନ୍ସର ହେବାର ପ୍ରାଥମିକତା ଲକ୍ଷଣ ହୋଇପାରେ। ଏଣୁ ଏସବୁ ଲକ୍ଷଣକୁ ଅଣଦେଖା ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ପ୍ରାଥମିକ ଚିକିତ୍ସାରୁ ଜଣେ ସୁସ୍ଥ ହୋଇପାରିବ।

## ଘରେ ତିଆରି କରନ୍ତୁ କଞ୍ଚା ଲଙ୍କା ମଟନ୍

ଆବଶ୍ୟକ ସାମଗ୍ରୀ: ଖାସି ମାଂସ, ପିଆଜ ବଟା,ଅଦା ରସୁଣ ବଟା, କଞ୍ଚା ଲଙ୍କା, ଗରମ ମସଲା, କଟା ଧନିଆ ପତ୍ର, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସୋରିଷ ତେଲ ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଲଙ୍କାରୁ ମଞ୍ଜି ବାହାର କରି ଛେଚି ରଖନ୍ତୁ। ତା’ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ପିଆଜ ଓ ଅଦା ରସୁଣ ବଟା ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଲଙ୍କା ଗୁଣ୍ଡ, ଆବଶ୍ୟକ ଅନୁଯାୟୀ ଲୁଣ ଓ ହଳଦୀ ଗୁଣ୍ଡ ପକାଇ ମସଲାକୁ ଅଳ୍ପ ସମୟ ପାଇଁ କଷନ୍ତୁ। ମସଲା କଷି ହେବା ପରେ ସେଥିରେ ଛେଚା କଞ୍ଚା ଲଙ୍କାକୁ ପକାଇ ପୁଣି କଷନ୍ତୁ। ମସଲା କଷି ହେବାପରେ ମଟନକୁ ପକାଇ ଦିଅନ୍ତୁ । ଏହାପରେ ମାଂସକୁ ଭଲ ଭାବେ କଷନ୍ତୁ।

ମାଂସ କଷି ହେବା ପରେ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ଏହାପରେ ମାଂସ ସିଝିବା ପାଇଁ ୩୦ ରୁ ୪୫ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଘୋଡଣୀ ବାହାର କରି କଟା ଧନିଆ ପତ୍ର ଓ ଗରମ ମସଲା ପକାଇ ଗ୍ୟାସକୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ’ କଞ୍ଚା ଲଙ୍କା ମଟନ୍। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୦ ଅଗଷ୍ଟ ୨୦୨୪, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଓଡ଼ିଶାର ଆଳୁ-ଯନ୍ତ୍ରଣା...

ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ଦୁର୍ବିପାକ ଓଡ଼ିଶାର ଅବାଞ୍ଛିତ ଚିର ସହଚର ହୋଇ ଆସିଛନ୍ତି। ଏହି ତାଲିକାରେ ଆଉ ଏକ ମନୁଷ୍ୟକୃତ ଦୁର୍ବିପାକ ଭାବେ 'ଆଳୁ ସଙ୍କଟ' ଯୋଡ଼ି ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଳୁ ଚାହିଦା ପାଇଁ ଓଡ଼ିଶା ପଶ୍ଚିମବଙ୍ଗ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବାରୁ ସେଠାରେ ସାମାନ୍ୟ ଅସ୍ୱାଭାବିକ ପରିସ୍ଥିତି ଓଡ଼ିଶା ଖାଉଟି ବଜାରକୁ ଦୋହଲାଇ ଦେଉଛି। ଏବେ ସେହି ରାଜ୍ୟର ଶୀତଳ ଭଣ୍ଡାର ଓ କୃଷକମାନଙ୍କ ଧର୍ମଘଟ ଯୋଗୁଁ ସୃଷ୍ଟି ହୋଇଥିବା ସାମାନ୍ୟ ଅବ୍ୟବସ୍ଥା ପ୍ରଭାବରେ ଓଡ଼ିଶାର ଖାଉଟି ବଜାରରେ ଆଳୁ ୬୦ ଟଙ୍କା ଟପିଛି। ପ୍ରାୟତଃ ଓଡ଼ିଶାର ଖାଉଟି ଏଭଳି ଆଳୁ ଯନ୍ତ୍ରଣା ବିଗତ କିଛି ବର୍ଷ ଧରି ସହି ଆସୁଛନ୍ତି। ଏହି ସଙ୍କଟ ପାଇଁ ଓଡ଼ିଶାର ଭୌଗୋଳିକ ସ୍ଥିତି ଅପେକ୍ଷା ବହୁସ୍ତରୀୟ ଉଦାସୀନତା ଓ ଆମ ମାନସିକତା ଅଧିକ ଦାୟୀ ବୋଲି କୁହାଯାଇପାରେ। ଓଡ଼ିଶାବାସୀଙ୍କ ପାଇଁ ଆଳୁ ଯନ୍ତ୍ରଣା ଅପ୍ରତ୍ୟାଶିତ କିମ୍ବା ଅପରିହାର୍ଯ୍ୟ ନୁହେଁ। ବିଡ଼ମ୍ବନା ହେଉଛି ସମସ୍ତଙ୍କ ଜ୍ଞାତସାରରେ ଏହି ସଙ୍କଟ ପ୍ରାୟତଃ ସୃଷ୍ଟି ହେଉଥିଲେ ମଧ ସମସ୍ୟାର ସମାଧାନ ପାଇଁ କୌଣସି ଆଖିଦୃଶିଆ ପ୍ରଭାବୀ ଦୀର୍ଘସ୍ଥାୟୀ ପଦକ୍ଷେପ ନେବାରେ ଓ ଏହାକୁ ଗ୍ରହଣ କରିବାରେ ଆମେ ବିଫଳ ହେଉଛୁ। ବିଗତ ଶତାବ୍ଦୀର ସତୁରୀ ଦଶକରୁ ପୂର୍ବଘାଟ ପର୍ବତମାଳା ଅଧୀନ କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ଓ ସିମିଳିଗୁଡ଼ା ସମେତ ପଶ୍ଚିମ ଓ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆଳୁ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏଥିରୁ ଆଶାନୁରୂପ ଫଳ ମିଳିଥିଲେ ଓଡ଼ିଶା ଆଜି ଆଳୁ ପାଇଁ ପଡ଼ୋଶୀ ରାଜ୍ୟମାନଙ୍କ ଆଗରେ ହାତ ପତାଇବାକୁ ପଡ଼ି ନ ଥା'ନ୍ତା। ସରକାରଙ୍କର ସମସ୍ତ ସହଯୋଗ ଓ ସମର୍ଥନ ସତ୍ତ୍ୱେ ଲକ୍ଷ୍ୟ ଦିଗଭ୍ରଷ୍ଟ ହେବାର ଉତ୍ତରଦାୟିତ୍ୱ ପ୍ରକଳ୍ପ ଦାୟିତ୍ୱରେ ଥିବା କୃଷି ବିଜ୍ଞାନୀ ଓ ଅଧିକାରୀମାନେ ବହନ କରିବାକୁ ପଡ଼ିବ। ଓଡ଼ିଶାକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ୨୦୧୫ରେ ରାଜ୍ୟ ସରକାର ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ 'ଆଳୁ ମିଶନ୍' ଆରମ୍ଭ କରିଥିଲେ। କିନ୍ତୁ ବିବଧ କାରଣରୁ ତାହା ମଧ ସରକାରଙ୍କ ମହତାକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇପାରିନାହିଁ। ଆଳୁ ମିଶନ୍ ଓ ପ୍ରକଳ୍ପ ଆଶାନୁରୂପ ସଫଳ ନ ହେବା ଏବଂ ଓଡ଼ିଶାର ଚାଷୀମାନେ ଆଳୁ ଚାଷ ପ୍ରତି ବିମୁଖ ହେବା ପଛରେ ବହୁମୁଖୀ କାରଣମାନ ରହିଛି। ପ୍ରଥମତଃ, ଆଳୁ ଏକ ପଚନଶୀଳ ପଦାର୍ଥ; ଅଥଚ ଏହାର ଅମଳ ପରବର୍ତ୍ତୀ ବ୍ୟବହାର ଅବଧି ଦୀର୍ଘ। ତେଣୁ ଯଦିବା ଚାଷୀଟିଏ ଆଳୁ ଚାଷ କରେ ତେବେ ସେଗୁଡ଼ିକୁ ସଂରକ୍ଷଣ କରି ରଖିବା ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଶୀତଳ ଭଣ୍ଡାର ନାହିଁ। ଅପରପକ୍ଷରେ ସେତେଟା ଆବଶ୍ୟକତା ଅନୁଭୂତ ହେଉ ନ ଥିବାରୁ ଶୀତଳ ଭଣ୍ଡାର ନିର୍ମାଣ ଓ ରକ୍ଷଣାବେକ୍ଷଣରେ ବିପୁଳ ପୁଞ୍ଜି ନିବେଶ ପ୍ରତି ତତ୍ପରତା ପ୍ରକାଶ ପାଉ ନଥିବା ଅଭିଯୋଗ ହେଉଛି। ପର୍ଯ୍ୟାପ୍ତ ସଂଖ୍ୟକ ଶୀତଳ ଭଣ୍ଡାର ହେବା ପରେ ଯାଇ ଚାଷୀମାନେ ଆଳୁ ଚାଷ ପ୍ରତି ମନ ବଳାଇବେ ନା ଚାଷୀଙ୍କ ଆଳୁ ଅମଳକୁ ଦେଖି ଶୀତଳ ଭଣ୍ଡାର ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ତାହା 'ପ୍ରଥମେ ପକ୍ଷୀ ନା ପ୍ରଥମେ ଅଣ୍ଡା' ଭଳି ଦ୍ୱନ୍ଦ୍ୱ ଭିତରେ ଅଟକି ରହିଛି। ରାଜ୍ୟରେ ଶୀତଳ ଭଣ୍ଡାର ସଂଖ୍ୟା କେତେ ସେ ସମ୍ପର୍କରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତଥ୍ୟରେ ଅମେଳ ରହୁଛି। କେନ୍ଦ୍ର କୃଷିମନ୍ତ୍ରୀଙ୍କ ୨୦୨୨ରେ ସଂସଦରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୧୮୧ଟି ଶୀତଳ ଭଣ୍ଡାର ଅଛି, ଅଥଚ ରାଜ୍ୟ ବିଧାନ ସଭାରେ ୨୦୨୩ରେ କୃଷି ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଏହି ସଂଖ୍ୟା ୧୩୩, ଯେଉଁଥିରୁ ମାତ୍ର ୩୬ଟି କାର୍ଯ୍ୟକ୍ଷମ। ବେସରକାରୀ ୱେବ୍‌ସାଇଟ୍ ତଥ୍ୟାନୁଯାୟୀ ଓଡ଼ିଶାରେ ସମବାୟ ସଂସ୍ଥା ଓ ଘରୋଇ ମାଲିକାନାରେ ନିର୍ମିତ ମୋଟ ଶୀତଳଭଣ୍ଡାର ସଂଖ୍ୟା ୧୪୪, ଯାହାର ମୋଟ ସଂରକ୍ଷଣ କ୍ଷମତା ୨୭୪୧୭୫ ମେଟ୍ରିକ୍ ଟନ୍। ସେଥିମଧ୍ୟରୁ କେବଳ ଆଳୁ ସଂରକ୍ଷଣ ପାଇଁ ୩୭ଟି ଉଦ୍ଦିଷ୍ଟ ଥିବା ବେଳେ ସେଗୁଡ଼ିକର ମୋଟ ସଂରକ୍ଷଣ କ୍ଷମତା ୧, ୨୩, ୫୮୦ ମେଟ୍ରିକ୍ ଟନ୍। ଓଡ଼ିଶା ଆଳୁ ଚାହିଦା-ଯୋଗାଣରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଅତିକମ୍‌ରେ ବାର୍ଷିକ ୧୫ ଲକ୍ଷ ଟନ୍ ଉତ୍ପାଦନ ଆବଶ୍ୟକ। ଉପରୋକ୍ତ ତଥ୍ୟକୁ ବିଚାରକୁ ନେଲେ ଆପାତତଃ ଏହା ସ୍ପଷ୍ଟ ହେଉଛି ଯେ ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ପୂରଣ ହେବା ଭଳି ଆଳୁ ଉତ୍ପାଦନ ହେଲେ ମଧ ଅମଳ ପରବର୍ତ୍ତୀ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ଅଭାବ ସମସ୍ୟା ଉତ୍କଟ। ଏହା ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅନେକ ଆକର୍ଷଣୀୟ ଯୋଜନା ହାତକୁ ନିଆଯାଉଛି। ଗତ ସରକାର ଅମଳରେ କ୍ଷୁଦ୍ର ଓ ମଧ୍ୟମ ଧରଣର ସୌରଶକ୍ତି ଚାଳିତ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଆର୍ଥିକ ସହାୟତା ଏବଂ ବିଦ୍ୟୁତ୍ ବିଲ୍‌ରେ ରିହାତି ଆଦି ଜରିଆରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାର ସାଧୁ ଉଦ୍ୟମ ହୋଇଥିଲା। ଅଥଚ ସମ୍ପୃକ୍ତ ଅଂଶୀଦାରମାନଙ୍କର ଏ ଦିଗରେ ଆଗ୍ରହ ଓ ଉତ୍ସାହ ଦେଖାଗଲା ନାହିଁ। ଆମ ପଡ଼ୋଶୀ ରାଜ୍ୟମାନେ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ। ତେଣୁ ଅମଳ ପରବର୍ତ୍ତୀ ତତ୍କାଳ ବିପଣନ ଓ ପରିବହନ ସୁଯୋଗ ମଧ ପ୍ରାୟତଃ ନାହିଁ କହିଲେ ଚଳେ। ରାଜ୍ୟରେ ଆଳୁ ଉତ୍ପାଦନ ବଢ଼ାଇବା ପାଇଁ ଶସ୍ତାରେ ବିହନ ଯୋଗାଇବା ଠାରୁ ଆରମ୍ଭ କରି ଚାଷୀଙ୍କୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। କିନ୍ତୁ ଅମଳ ପରେ ଚାଷୀଙ୍କଠାରୁ ପୂର୍ଣ୍ଣମାତ୍ରାରେ ତଥା ଉଚିତ୍ ଦାମ୍‌ରେ ସରକାର ଆଳୁ ସଂଗ୍ରହ କରିପାରୁ ନ ଥିବାରୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନଙ୍କୁ ତୁଳନାତ୍ମକ ଭାବରେ କମ୍ ଦାମ୍‌ରେ ଓଡ଼ିଶା ଚାଷୀ ବିକିବାକୁ ବାଧ ହେଉଛନ୍ତି। ତେଣୁ ଓଡ଼ିଶାର ଚାଷୀ ଆଳୁ ଚାଷ ପାଇଁ ବିମୁଖ ହେବା ସ୍ୱାଭାବିକ। ଏବେ ଓଡ଼ିଶାରେ ସୃଷ୍ଟ ଆଳୁ ସଙ୍କଟ ପଛରେ ପଶ୍ଚିମବଙ୍ଗର ଧର୍ମଘଟ ଅପେକ୍ଷା ରାଜନୈତିକ କାରଣକୁ କେତେକ ମହଲ ଦାୟୀ କରୁଛନ୍ତି।

# ଉଦଳା ମହାବିଦ୍ୟାଳୟର ୫୯ ତମ ସ୍ୱନକ୍ଷତ୍ର ଦିବସ: ଏକ ଅବଲୋକନ



## ସୌମେନ୍ଦ୍ର କୁମାର ଦାଶ


ବିଶ୍ୱବିଦ୍ୟାଳୟରୁ ବିଭିନ୍ନ କଳା ବିଭାଗରେ ଉଚ୍ଚ ଶିକ୍ଷା ଗ୍ରହଣ କରି ଏହି ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ଯୋଗ ଦେଲେ । ଯେପରି ରମେଶ ଚନ୍ଦ୍ର ଦାଶ ଅର୍ଥ ଶାସ୍ତ୍ର ବିଭାଗ, ଡ଼କ୍ଟର ଦିଲିପ ଦୀକ୍ଷିତ ଓଡ଼ିଆ ବିଭାଗ, ଇନ୍ଦ୍ରମଣି ତ୍ରିପାଠୀ ଇତିହାସ ବିଭାଗ, ଯୋଗେନ୍ଦ୍ର ନାଥ ପଣ୍ଡା ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବରେ ଯୋଗଦେଇ ଶିକ୍ଷାଦାନ କଲେ । ପରବର୍ତି ସମୟରେ ବିଜ୍ଞାନ ବିଭାଗ ପାଇଁ ଅନ୍ୟ ଅଂଚଳରୁ ଉଚ୍ଚ ଶିକ୍ଷିତ ଯୁବକ ମାନଙ୍କୁ ଅଧ୍ୟାପକ ଭାବରେ ନିଯୁକ୍ତି ଦିଆଗଲା ।


କଳା, ସଂସ୍କୃତିର ସହର ତଥା ବାଗଦେବୀ ମା' ସରସ୍ୱତୀଙ୍କ ବିହାରସ୍ଥଳ ଉଦଳା, ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ବହୁ ସମସ୍ୟା ମଧ୍ୟରେ ମୟୂରଭଂଜ ଜିଲ୍ଲାର ଏକ ପଛୁଆ ଅଂଚଳ ଭାବରେ ଚିତ୍ରିତ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ଅବ୍ୟବସ୍ଥା ଆମ ଆର୍ଥିକ ମାନଦଣ୍ଡକୁ ବହୁ ମାତ୍ରାରେ ପ୍ରଭାବିତ କରୁଥିଲା । ଏହିଭଳି ଏକ ଘଡ଼ିସନ୍ଧି ସମୟରେ କିଛି ଦୁରଦୃଷ୍ଟି ସମ୍ପନ୍ନ ସ୍ଥାନୀୟ ବ୍ୟକ୍ତି ଯେପରି ସାରଦା ତ୍ରିପାଠୀ, ମନବୋଧ ସଦୁଆଳ, ଜୟଚନ୍ଦ୍ର ପତ୍ରୀ, ଗଙ୍ଗାଧର ଜେନା, ଗଙ୍ଗାଧର ପରିଡ଼ା, ଜ୍ଞାନ ରଂଜନ ଭୋଳ, ଶଚିଦାନନ୍ଦ ଦାସ, ଠକରା ବିଶ୍ୱାଳ, ବୈଦ୍ୟନାଥ ବାରିକ ଓ ମୋନମୋହନ ଟୁଡୁ ଇତ୍ୟାଦି ଅନୁଭବ କରିଥିଲେ ଯେ ଉଚ୍ଚ ଶିକ୍ଷାର ବିକାଶ ବିନା ଆମ ଅଂଚଳର ସାମଗ୍ରୀକ ବିକାଶ ସମ୍ଭବ ହେବ ନାହିଁ କି ଆମ ଅଂଚଳର ଯୁବକ ଯୁବତୀ ସ୍ୱରୋଜଗାରକ୍ଷମ ହେବେ ନାହିଁ । ତେଣୁ ଏହି ପ୍ରାତଃସ୍ମରଣୀୟ ବ୍ୟକ୍ତି ମାନେ ସ୍ଥାନୀୟ ପ୍ରଶାସକଙ୍କ ସହ ଆଲୋଚନା କରି ଏକ ମହାବିଦ୍ୟାଳୟ ସ୍ଥାପନ ପାଇଁ ଗଣସଚେତନତା ସୃଷ୍ଟି କରିଥିଲେ । ସମସ୍ତ ସ୍ଥାନୀୟ ବ୍ୟକ୍ତି ତାଙ୍କ କ୍ଷମତା ଅନୁଯାୟୀ ଅର୍ଥ ଓ ଶ୍ରମଦାନ କରି ମହାବିଦ୍ୟାଳୟ ସ୍ଥାପନ ପାଇଁ ସହଯୋଗର ଉଦ୍ୟମ ଆରମ୍ଭ କରିଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ⁄ ବିଜୁ ପଟ୍ଟନାୟକଙ୍କ ଆର୍ଥିକ ସହଯୋଗରେ ୧୯୬୫ ମସିହା ଅଗଷ୍ଟ ୧୦ ତାରିଖ ଦିନ ଉଦଳା ଟାଉନ କ୍ଲବରେ ମହାବିଦ୍ୟାଳୟର କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା ଓ ଉଦଳା ସରକାରୀ ବାଳକ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ଶିକ୍ଷାଦାନ ଆରମ୍ଭ କରାଗଲା । କିଛି ସ୍ଥାନୀୟ ଯୁବକ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଭିନ୍ନ କଳା ବିଭାଗରେ ଉଚ୍ଚ ଶିକ୍ଷା ଗ୍ରହଣ କରି ଏହି ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ଯୋଗ ଦେଲେ । ଯେପରି ରମେଶ ଚନ୍ଦ୍ର ଦାଶ ଅର୍ଥ ଶାସ୍ତ୍ର ବିଭାଗ, ଡ଼କ୍ଟର ଦିଲିପ ଦୀକ୍ଷିତ ଓଡ଼ିଆ ବିଭାଗ, ଇନ୍ଦ୍ରମଣି ତ୍ରିପାଠୀ ଇତିହାସ ବିଭାଗ, ଯୋଗେନ୍ଦ୍ର ନାଥ ପଣ୍ଡା ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବରେ ଯୋଗଦେଇ ଶିକ୍ଷାଦାନ କଲେ । ପରବର୍ତି ସମୟରେ ବିଜ୍ଞାନ ବିଭାଗ ପାଇଁ ଅନ୍ୟ ଅଂଚଳରୁ ଉଚ୍ଚ ଶିକ୍ଷିତ ଯୁବକ ମାନଙ୍କୁ ଅଧ୍ୟାପକ ଭାବରେ ନିଯୁକ୍ତି ଦିଆଗଲା । ସେ ସମୟରେ ସ୍ଥାନୀୟ ଯୁବକ ବିଷ୍ଣୁପଦ ସଦୁଆଳ ମହାବିଦ୍ୟାଳୟର ହିସାବ ନିକାଶ ରଖୁଥିଲେ ଓ ପରବର୍ତି ସମୟରେ ଖେଳ ଶିକ୍ଷକ ଭାବରେ ଯୋଗ ଦେଲେ । ସ୍ଥାନୀୟ ଲୋକଙ୍କ ଦାନରେ ଅଧ୍ୟାପକ କର୍ମଚାରୀ ମାନେ ସ୍ୱଳ୍ପ ବେତନ ପାଇ ନିଜସ୍ୱ ପ୍ରତିବଦ୍ଧତା ଓ ପ୍ରଚେଷ୍ଟାରେ ଅଧୁନା ଅବସ୍ଥିତ ସ୍ଥାନରେ ମହାବିଦ୍ୟାଳୟର ସ୍ୱଗୃହ ନିର୍ମାଣ କରି ମହାବିଦ୍ୟାଳୟକୁ ଉନ୍ନତି ପଥରେ ଆଗେଇ ନେବାରେ ସହାୟକ ହେଲେ । ପ୍ରାରମ୍ଭରେ ଭଦ୍ରକ ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ⁄ ପ୍ରଭାକର ମହାପାତ୍ର ସରକାରୀ ନିୟମ ଅନୁଯାୟୀ ଅଧକ୍ଷ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ପରେ ⁄ ରମେଶ ଚନ୍ଦ୍ର ଦାଶ ଅଧକ୍ଷ ଭାର ଗ୍ରହଣ କରି ମହାବିଦ୍ୟାଳୟକୁ ସଡ଼ିଶାରେ ଏକ ଅଗ୍ରଣୀ ଅନୁଷ୍ଠାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶୈକ୍ଷିକ ବାତାବରଣ, କ୍ରୀଡ଼ା, ଛାତ୍ର ନିର୍ବାଚନ, ଏନ୍‌ସିସି, ନାଟ୍ୟ ସଂସଦ ଏବଂ ସର୍ବୋପରି ଶୃଙ୍ଖଳିତ ପରିବେଶ ସୃଷ୍ଟି କରିବାରେ କୋଠର ନୀତି ଅବଲମ୍ବନ କରି ଏହି ମହାବିଦ୍ୟାଳୟକୁ ଉଦଳାର ପରିଚୟ ସୃଷ୍ଟି କରୁଥିବା ଏକ ବଡି ଖୁଂଟରେ ପରିଣତ କରିଥିଲେ । ଏହି ମହାବିଦ୍ୟାଳୟରୁ ଉର୍ତିଣ୍ଣ ବହୁ ଛାତ୍ର ଛାତ୍ରୀ ଆଜି ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ଆମ ମହାବିଦ୍ୟାଳୟକୁ ଗୌରବମଣ୍ଡିତ କରିଛନ୍ତି । ସେହି କ୍ଷୁଦ୍ର ଚାରାଟି ଆଜି ମହାଦୃମରେ ପରିଣତ ହୋଇସାରିଛି । ଆଜିବି ବହୁ ଅଧ୍ୟାପକ ଓ କର୍ମଚାରୀଙ୍କୁ ବଂଚିବାର ସାହାରା ଓ ସାମାଜିକ ପ୍ରତିଷ୍ଠା ଏହି ମହାବିଦ୍ୟାଳୟ ଦେଉଛି । ପୁର୍ବଜଙ୍କ ତ୍ୟାଗ ଓ କଷ୍ଟର ମିଠା ଫଳ ଆମେ ଉପଭୋଗ କରୁଛୁ ସତ କିନ୍ତୁ ଆମର ମଧ୍ୟ ଉଚିତ ଦାୟିତ୍ୱ ଏହି ଅନୁଷ୍ଠାନକୁ ଶ୍ରେଷ୍ଠତାର ଚରମ ସୋପନରେ ପହଂଚାଇବାର ପ୍ରତିବଦ୍ଧତା ଆବଶ୍ୟକ । ତାହାହିଁ ମହାବିଦ୍ୟାଳୟର ୫୯ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆମର ଅର୍ଘ୍ୟ ହେବ।


+ଅଧ୍ୟାପକ, ସମାଜଶାସ୍ତ୍ର ବିଭାଗ,
ଉଦଳା ମହାବିଦ୍ୟାଳୟ
ମୋ- ୯୪୩୮୨୯୪୩୨୭


# ଅସ୍ଥିର ବାଂଲାଦେଶ



## କାଳିଦାସ


ନିକଟରେ ପାକିସ୍ଥାନ ମଧ ଅର୍ଥନୈତିକ ସଙ୍କଟ ଦେଇ ଗତି କଲା। ପାକିସ୍ଥାନ ଦୈନଦିନ ବ୍ୟବହାର୍ଯ୍ୟ ଜିନିଷ ର ଦରବୃଦ୍ଧି ପାକିସ୍ଥାନ ର ସାଧାରଣ ଜନତାଙ୍କୁ ବିବ୍ରତ କଲା। ପାକିସ୍ଥାନର ସାଧାରଣ ଜନତା ଖାଦ୍ୟ ପାଇଁ ହନ୍ତସନ୍ତ ହେଲେ । ଏବେ ମଧ ପାକିସ୍ଥାନ ତାର ଦୂରବସ୍ଥାରୁ ମୁକ୍ତି ପାଇନି। ୱାଲ୍ଡ ବ୍ୟାଙ୍କ୍‌ର କହିବା ମୁତାବକ ପାକିସ୍ଥାନ ରେ ଦରଦାମ ବୃଦ୍ଧି ତା ସହିତ ସାଧାରଣ ଜନତାଙ୍କ ଆୟର ହ୍ରାସ ଏମିତି ଏକ ଆର୍ଥିକ ସଙ୍କଟକୁ ଜନ୍ମ ଦେଇଛି। ଅଧିକରୁ ଅଧିକ ଲୋକ ଦାରିଦ୍ରର ସୀମା ରେଖା ତଳକୁ ଖସି ଯାଉଛନ୍ତି।


ବିଗତ କିଛି ଦିନ ଧରି ବାଂଲାଦେଶରେ ଅସ୍ଥିରତା ଦେଖିବାକୁ ମିଳୁଛି। ଏସିଆ ମହାଦେଶ ର ଗୋଟିଏ ପରେ ଗୋଟିଏ ଦେଶ ଭିନ୍ନ ଭିନ୍ନ ସଙ୍କଟ ଭିତରେ ଗତି କରି ଚାଲିଛନ୍ତି। ପ୍ରଥମେ ଆଫଗାନୀସ୍ଥାନରେ ଅରାଜକତା ଦେଖିବାକୁ ମିଳିଥିଲା। ଆଫଗାନୀସ୍ଥାନ ରେ ମାନବ ଅଧିକାର ଧ୍ୱସ୍ତ ହୋଇଥିଲା। ଅଗଷ୍ଟ ୨୦୨୨ ରେ ୟୁନାଇଟେଡ ଷ୍ଟେଟର ସୈନ୍ୟ ବାହିନୀ ଯେତେବେଳେ ଆଫଗାନୀସ୍ଥାନ ଛାଡ଼ିବାକୁ ଆରମ୍ଭ କଲେ ସେତେବେଳେ' ତାଲିବାନ' ନାମକ ସଂଗଠନ ସମଗ୍ର ଆଫଗାନୀସ୍ଥାନ କୁ ନିଜର ନିୟନ୍ତ୍ରଣରେ ନେଇଗଲା।' ତାଲିବାନ' ସଂଗଠନକୁ ଆତଙ୍କବାଦୀ ସଂଗଠନ କୁହାଯାଏ। ଆଫଗାନୀସ୍ଥାନ ର ଜନତା ତାଲିବାନର ଶାସନରେ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେଲେ।

ସାଧାରଣ ମଣିଷର ପ୍ରତିଦିନର ବ୍ୟବହାର୍ଯ୍ୟ ପଦାର୍ଥ ଯେମିତି ଖାଦ୍ୟ, ଔଷଦ, ପିଇବା ପାଣି ଇତ୍ୟାଦ୍ଧି ଦୁର୍ଲଭ ହୋଇଗଲା।

ମହିଳା ଓ ଝିଅ ମାନେ ତାଲିବାନର କଟକଣା ମାନି ଚାଲିବା ପାଇଁ ବାଧ ହେଲେ। ହତ୍ୟା ଲୁଣ୍ଠନ ପରି ଜଘନ୍ୟ ଅପରାଧ ଚାରି ଆଡ଼େ ବ୍ୟାପି ଗଲା।

ସାଧାରଣ ଜନତାଙ୍କ ଆକୁଳ ଚିତ୍କାରର ଶୁଣିବା ପାଇଁ ବିଶ୍ୱ ଯେମିତି ପ୍ରସ୍ତୁତ ନଥିଲା। ଆଜିମଧ ଆଫଗାନିସ୍ଥାନର ସ୍ଥିତି ସୁଧୁରି ପାରୁନି। ତାଲିବାନଙ୍କ ଅତ୍ୟାଚାରର ଭୟରେ ଆଫଗାନୀସ୍ଥାନ ର ଲୋକଙ୍କର କଷ୍ଟ ଲୋକଲୋଚନକୁ ଆସି ପାରୁନାହିଁ।

ଶ୍ରୀଲଙ୍କାରେ ୨୦୧୯ ରେ ଅର୍ଥନୈତିକ ସଙ୍କଟ ଦେଖାଦେଲା। କିନ୍ତୁ୨୦୨୨ ବେଳକୁ ଏହି ଅର୍ଥନୈତିକ ସଙ୍କଟ ତୀବ୍ର ରୂପ ନେଇ। ଶ୍ରୀଲଙ୍କାରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ଆକାଶ ଛୁଇଁଲା। ଶ୍ରୀଲଙ୍କାର ସାଧାରଣ ଲୋକଙ୍କ ପାଖରେ ଖାଦ୍ୟ, ପେୟ, ଚିକିତ୍ସା ପ୍ରଭୃତିର ତୀବ୍ର ଅଭାବ ଦେଖିବାକୁ ମିଳିଲା।

ଶ୍ରୀଲଙ୍କା ବିଦେଶି ସରକାରଙ୍କଠାରୁ କରିଥିବା ଋଣର ବୋଝ ତଳେ ଦବି ଯାଇଥିଲା। ଲୋକମାନେ ନିଜର ଦୂରବସ୍ଥା ପାଇଁ ତତ୍କାଳୀନ ଶ୍ରୀଲଙ୍କା ସରକାରଙ୍କୁ ଦାୟୀ କଲେ। ସେ ସମୟର ଶ୍ରୀଲଙ୍କାର ପ୍ରେସିଡେଣ୍ଟ ଗୋଟାବାୟା ରାଜପେକ୍ଷ୍ୟଙ୍କ ବାସଭବନକୁ ସାଧାରଣ ଜନତା ମାଡ଼ି ଆସିଲେ ଗୋଟାବାୟା ରାଜପେକ୍ଷ୍ୟଙ୍କ ନିଜ ଦେଶ ଛାଡ଼ି ସିଙ୍ଗାପୁର ରେ ଶରଣ ନେଲେ। ଶେଷରେ ଗୋଟାବାୟା ରାଜପେକ୍ଷ୍ୟଙ୍କୁ ରିଜାଇନ୍ କରିବାକୁ ପଡ଼ିଥିଲା।

ନିକଟରେ ପାକିସ୍ଥାନ ମଧ ଅର୍ଥନୈତିକ ସଙ୍କଟ ଦେଇ ଗତି କଲା। ପାକିସ୍ଥାନ ଦୈନଦିନ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ପାକିସ୍ଥାନର ସାଧାରଣ ଜନତାଙ୍କୁ ବିବ୍ରତ କଲା। ପାକିସ୍ଥାନର ସାଧାରଣ ଜନତା ଖାଦ୍ୟ ପାଇଁ ହନ୍ତସନ୍ତ ହେଲେ । ଏବେ ମଧ ପାକିସ୍ଥାନ ତାର ଦୂରବସ୍ଥାରୁ ମୁକ୍ତି ପାଇନି। ୱାଲ୍ଡ ବ୍ୟାଙ୍କ୍‌ର କହିବା ମୁତାବକ ପାକିସ୍ଥାନ ରେ ଦରଦାମ ବୃଦ୍ଧି ତା ସହିତ ସାଧାରଣ ଜନତା ଙ୍କ ଆୟ ର ହ୍ରାସ ଏମିତି ଏକ ଆର୍ଥିକ ସଙ୍କଟକୁ ଜନ୍ମ ଦେଇଛି। ଅଧିକରୁ ଅଧିକ ଲୋକ ଦାରିଦ୍ରର ସୀମା ରେଖା ତଳକୁ ଖସି ଯାଉଛନ୍ତି। ପାକିସ୍ଥାନରେ ମଧ ଅରାଜକତା ଦେଖିବାକୁ ମିଳିଛି। ପାକିସ୍ଥାନର ପୂର୍ବତନ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ବାସଭବନକୁ ଉପଦ୍ରବି ମାନେ ଲୁଣ୍ଠନ କରିଛନ୍ତି।

ବର୍ତ୍ତମାନ ବାଂଲାଦେଶ ମଧ ଏମିତି ଏକ ସଙ୍କଟ ଦେଇ ଗତି କରି ଚାଲିଛି। ବାଂଲାଦେଶରେ ପରମ ଅରାଜକତା ଦେଖିବା କୁ ମିଳିଛି।

ବାଂଲାଦେଶ ରେ ଦାରିଦ୍ର୍ୟତା ଓ ଚାକିରୀ ଅଭାବ ଏହି ବିଦ୍ରୋହର ମୂଳ କାରଣ ହୋଇଛି। ବାଂଲାଦେଶ ରସରକାରୀ ଚାକିରୀ ରେ ୧୯୭୧ର ସ୍ୱାଧୀନତା ସଂଗ୍ରାମୀଙ୍କ ଉତ୍ତରାଧିକାରୀଙ୍କ ପରିବାର ବାର୍ଗଙ୍କ ପାଇଁ ସୁରକ୍ଷିତ ସ୍ଥାନ ସାଧାରଣ ଛାତ୍ରଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ବାଂଲାଦେଶ ଗୋଟିଏ ସ୍ୱାଧୀନ ରାଷ୍ଟ୍ର ନଥିଲା। ବାଂଲାଦେଶକୁ ପାକିସ୍ଥାନ ମଧ କୁହା ଯାଉଥିଲା। ପରବର୍ତ୍ତୀ ସମୟରେ ପାକିସ୍ଥାନର ସାମ୍ପ୍ରଦାଏକ ବିଚାର ଧାରା ସହିତ ବାଂଲାଦେଶ ପ୍ରତି ରହିଥିବା ବୈମାତୃକ ଭାବ ବାଂଲାଦେଶରେ ରହୁଥିବା ଲୋକଙ୍କୁ ପାକିସ୍ଥାନ ଠାରୁ ଅଲଗା ହେବା ପାଇଁ ଓ ଏକ ସ୍ୱତନ୍ତ୍ର ରାଷ୍ଟ୍ର ପ୍ରତିଷ୍ଠା କରିବା ପାଇଁ ମନବଳ ଯୋଗାଇଥିଲା। ବାଂଲାଦେଶ ରେ ଅନେକ ଲୋକ ଏହି ସଂଘର୍ଷରେ ଭାଗ ନେଇଥିଲେ ଓ ନିଜ ଜୀବନକୁ ବଳିଦାନ ଦେଇଥିଲେ । ସେହି ତ୍ୟାଗ ଓ ବଳିଦାନକୁ ଆଖିରେ ରଖି ସେମାନଙ୍କ ପରିବାରର ସଦସ୍ୟଙ୍କୁ ସରକାରୀ ଚାକିରୀରେ ଆରକ୍ଷଣ ଦେଆଯାଉଥିଲା, କିନ୍ତୁ ବାଂଲାଦେଶ ର ଛାତ୍ରମାନେ ଏହି ଆରକ୍ଷଣ ବିରୋଧ ରେ ବିଦ୍ରୋହ ଆରମ୍ଭ କରିଥିଲେ। ବିଦ୍ରୋହକୁ ଆଖିରେ ରଖି ଶେଖ୍ ହସିନାଙ୍କ ଆବାମ ଲିଗ୍ ପାର୍ଟି ଏହି ସଂରକ୍ଷଣକୁ ହଟାଇବା ପାଇଁ ନିଷ୍ପତ୍ତି ନେଇଥିଲା। ବାଂଲାଦେଶର ହାଇକୋର୍ଟ ୧୯୭୧ରେ ବାଂଲାଦେଶ ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ବ୍ୟକ୍ତିଙ୍କର ପରିବାର ବର୍ଗ ପାଇଁ ୩୦% କୋଟାକୁ ସଂରକ୍ଷଣ ରଖିବା ପାଇଁ ଆଦେଶ ଦେଇଛି। କୋର୍ଟରେ ଏହି ଆଦେଶ ଛାତ୍ର ଙ୍କୁ ମାର୍ମାହତ କରିଛି ତେଣୁ ସେମାନେ ବିଦ୍ରୋହ କରିଛନ୍ତି।

କିନ୍ତୁ ଦୁଃଖର କଥା ଏହି ଯେ ଛାତ୍ରଙ୍କ ଆଢୁଆଳରେ ଆପରାଧୀ ଏବଂ କଟରପନ୍ଥୀ ମାନେ ନିଜର ଖଳ ଉଦ୍ଦେଶ୍ୟ ସାଧନ କରିଛନ୍ତି। ଅନେକ ହିନ୍ଦୁ ମନ୍ଦିରକୁ ନିଆଁ ଲଗାଯାଇଛି। ହିନ୍ଦୁ ଠାକୁର୍ ମୂର୍ତିକୁ ଭଙ୍ଗାଯାଇଛି। ହିନ୍ଦୁଙ୍କ ଘର ଓ ଦୋକାନ ବଜାରରେ ନିଆଁ ଲଗାଯାଇଛି। ହିନ୍ଦୁଙ୍କୁ ହତ୍ୟା କରାଯାଇଛି।

ଉପଦ୍ରବୀ ମାନେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବାସ ଭବନରେ ପଶି ଲୁଣ୍ଠନ କରିଛନ୍ତି। ଶେଖ୍ ହସିନା ରିଜାଇନ୍ କରି ଭାରତ ରେ ଶରଣ ନେଇଛନ୍ତି।

ଉପଦ୍ରବି ଜନତା ଛାତ୍ର ଓ ବିରୋଧୀ ଦଳର ନେତା ମାନେ ଅସ୍ଥାୟୀ ସରକାର ଗଠନ ପାଇଁ ଚେଷ୍ଟା ଚଳାଇଛନ୍ତି। ଦୁଃଖର ବିଷୟ ଏହା ଯେ ଶେଖ୍ ହସିନାଙ୍କୁ ବ୍ରିଟେନ ଏବଂ ଆମେରିକା ନିଜ ଦେଶରେ ସ୍ଥାନ ଦେବା ପାଇଁ ମନା କରି ଦେଇଛନ୍ତି। ନିଜକୁ ଶ୍ରେଷ୍ଠ ଧର୍ମ ନିରପେକ୍ଷ ଭାବରେ ବିଶ୍ୱ ଆଗରେ ପ୍ରତିଷ୍ଠା କରିଥିବା ଏହି ଦୁଇ ୟୁରୋପିଏନ ଦେଶ ଆଜି କାହାକୁ ଡରୁଛନ୍ତି ଯେଉଁଥି ପାଇଁ ସେମାନେ ଶେଖ ହସିନାଙ୍କୁ ନିଜ ଦେଶରେ ସ୍ଥାନ ଦେବା ପାଇଁ କୁଣ୍ଠିତ। ଲାଗୁଛି ଚରମପନ୍ଥି ମାନେ ସମଗ୍ର ବିଶ୍ୱକୁ ଡରାଇବା ପାଇଁ ସକ୍ଷମ ହୋଇଛନ୍ତି।

ଶେଖ୍ ମୂଜିବୁର ରେହେମାନ ଯିଏକି ବାଂଲାଦେଶର ପ୍ରତିଷ୍ଠାତା ତାଙ୍କର ମୂର୍ତ୍ତୀକୁ ଖଣ୍ଡ ବିଖଣ୍ଡିତ କରାଯାଇଛି। ବାଂଲାଦେଶକୁ ସ୍ୱତନ୍ତ୍ର ନୂଆ ଦେଶ ଭାବରେ ବିଶ୍ୱ ଆଗରେ ଠିଆ କରିଥିବା ବଂଗବନ୍ଧୁ ଶେଖ ମୂଜିବୁର୍ ରେହମାନଙ୍କୁ ଆସନମ୍ମାନୀତ କରାଯାଇଅଛି।

୧୯୭୫ ମସିହାରେ ଶେଖ୍ ମୁଜିବୁର ରେହେମାନଙ୍କୁ ବାଂଲାଦେଶର ସେନା ବାହିନୀ ହତ୍ୟା କରିଥିଲା । ଶେଖ ମୁଜିବୁର ରେହେମାନ୍‌ଙ୍କ ସହିତ ତାଙ୍କ ପତ୍ନୀ ଓ ତିନି ପୁଅଙ୍କୁ ମଧ ହତ୍ୟା କରାଯାଇଥିଲା। ଶେଖ ମୁଜିବୁର ରେହେମାନ ସେତେବେଳେ ବାଂଲାଦେଶର ପ୍ରଧାନମନ୍ତ୍ରୀ ଥିଲେ ଏବଂ ସେନାବାହିନୀ ତାଙ୍କର ସମଗ୍ର ପରିବାରକୁ ହତ୍ୟା କରି ଶାସନକୁ ନିଜ ହାତକୁ ନେଇଥିଲା।

ଶେଖ୍ ହସିନା ସେତେବେଳେ ବିଦେଶରେ ରହୁଥିଲେ ତେଣୁ ଏହି ବିଭିଷିକାରୁ ମୁକ୍ତି ପାଇଥିଲେ।ପରେ ଶେଖ୍ ମୁଜିବୁର ରେହେମାନଙ୍କ ରାଜନୈତିକ ଦଳ ଆବାମ ଲିଗ୍‌ର ନେତୃତ୍ୱ ଶେଖ୍ ହସିନା ନେଇଥିଲେ ଓ ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ ଭାର ଚଳାଇଥିଲେ। କୁହାଯାଉଛି ଯେ ଶେଖ୍ ହସିନାଙ୍କ କାର୍ଯ୍ୟ କାଳରେ ବାଂଲାଦେଶର ଅର୍ଥନୀତି ରେ ସୁଧାର ଆସିଥିଲା। ବର୍ତ୍ତମାନ ବାଂଲାଦେଶର ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନିସଙ୍କୁ ବାଂଲାଦେଶର ଶାସନର କାର୍ଯ୍ୟ ଭାର ଦେବା ପାଇଁ ଠିକ୍ କରାଯାଇଛି।

ମହମ୍ମଦ ୟୁନିସ ଜଣେ ବ୍ୟାଙ୍କର, ଅର୍ଥଶାସ୍ତ୍ରୀ ଓ ସମାଜ ସେବୀ, ମହମ୍ମଦ ୟୁନିସ ବାଂଲାଦେଶରେ ଗ୍ରାମୀଣ ବ୍ୟାଙ୍କ୍‌ର ପ୍ରତିଷ୍ଠାତା। ମହମ୍ମଦ ୟୁନିସ ଫ୍ରାନ୍ସରୁ ବାଂଲାଦେଶ ଫେରିଛନ୍ତି। ଦେଖାଯାଉ ଏସିଆ ମହାଦେଶରେ ଚାଲିଥିବା ବିଦ୍ରୋହ ଅଶାନ୍ତିର ସମାପ୍ତି କେବେ ହେବ?


+ବ୍ରହ୍ମପୁର
ଖୋଡାସିଂଗ କଳିଙ୍ଗନଗର,
ମୋ:୭୨୦୫୧୦୦୮୩୯





## ଆଇନା ଦେଖୁଛି ରାଧା ସଜେଇ ହେବ

### ଶିବ ପ୍ରସାଦ ବାହିନୀପତି

ଆଇନା ଦେଖୁଛି ରାଧା
ସଜେଇ ହେବ
ଆଇନା ବୁଝେନା ତା'ର
କେମିତି ଭାବ ;
ନୂଆ ଆଇନା ଭାରି ଆଦର,
ପୁରୁଣା ହେଲେ ହେବ ଅସାର,
ନୂଆ ଗୋଟେ ପାଇଁ ମୀନାବଜାର
ଯିବ ।
ଆଇନା ସାଥିରେ ଭାବ ଅଢ଼େଇ ଦିନ
ଚନ୍ଦ୍ରସେଣା ଆସିଗଲେ ଭାଙ୍ଗିବ ସ୍ୱପ୍ନ ;
ଆଉ ସେ କୁହ କାହାର ହେବ,
କିଏ ବା ଆଉ ଭଲପାଇବ,
ଅଳିଆଗଦାଟି ତା'ର ନିବାସ ହେବ
ନୂଆ ନୂଆ ରାଧିକାର ଡେଣା ଲାଗିଛି
ଭଲ - ମନ୍ଦ କିବା ତାକୁ ଜଣା ପଡୁଛି
କଂସା ମାଠିଆ କିଛି ନହେବ,
ମାଜି ଦେଲେ ସେ ନୂଆ ଦିଶିବ,
ରାଧା ମାଟି ହାଣ୍ଡି ହୋଇ ତୁଟୁନି ଗର୍ବ।
ସବୁ ଜାଣି ଅବୁଝା ବି ହୁଏ ଆଇନା
କ୍ଷଣିକ ସୁଖ ନିମିତ୍ତ କେତେ ବାହାନା
ନିଶ୍ଚେ ଭୋଗ ହେବ ପରାଭବ,
ବୁଝିଲା ବେଳେ କିଛି ନଥିବ
ଲୁହ ପୋଛିବାକୁ କେ' ଜଣେ ନ
ଆସିବ ।


ସମ୍ପାଦକ(ପ୍ରତିଷ୍ଠାତା) -ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
ସମ୍ପାଦକ - ସୁଦେଷ୍ଣା ଖବରକାଗଜ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ:୮୨୪୯୭୭୨୩୬୧


## ସନ୍ୟାସୀ

### ସୁଜିତ୍ କୁମାର ମିଶ୍ର

ଅନ୍ଧାର ଭିତରେ ଆଲୁଅ
ଆଲୁଅ ଭିତରେ ଅନ୍ଧାର ଆସର,
ଇଏ ଗୋଟିଏ ପ୍ରାଣ
ଦେହାତୀତ ଦେଉଳର ।
ଖୁବ୍ ଦୂରକୁ ସେ ଚାହିଁଥାନ୍ତି
ଯାହା ସାଧାରଣ ଆଖିକୁ ଅପହଞ୍ଚ,
ସେ ଦୃଷ୍ଟି ଦୀପ, ଫୁଲ, ଚନ୍ଦନର
ଦୃଷ୍ଟି,
ସରଳ ମାଟିକାନ୍ଥର ରଙ୍ଗଝୋଟି,
ସେ ସ୍ୱରରୁ ବାରିହୁଏ
ଜୀବନ ଏକ ରଙ୍ଗମଞ୍ଚ,
ପରିପାଟୀ ତ ଗୋଟିଏ
ସୌନ୍ଦର୍ଯ୍ୟ କୁଞ୍ଜ।
ଶୂନ୍ୟ ମୋହର ଆୟୁଷର
ସେ ଜଣେ ଦକ୍ଷ ସଇସ,
ଗୋଟିଏ ଜାଗାରେ ସ୍ଥିରରେ ସେ
ଦୌଡ଼ନ୍ତି
ବେଶ୍ ବେଗରେ,
କଣ ଥାଏ କେଜାଣି ସେ ଦୌଡ଼ରେ
ସଭିଏଁ ଦୌଡ଼ନ୍ତି ତାଙ୍କ ସାଥିରେ,
ଜଣେ ଅକ୍ଷତ ମଣିଷସିଏ
ଆନନ୍ଦମୁଖର କ୍ଷତକୁ ସଫା କରି
ଆରୋଗ୍ୟ କରିବାରେ ।
ଏଇ ଜନ ସମାଜ ପାଇଁ ତ ସେ
ନିର୍ଜନ,
ସବୁକିଛି ଛାଡିଦେଇ ପଦ୍ମରାଗର
ଗାୟନ,
ଏକ ନିର୍ଭିକ ହସର ସେ ଫୁଲବନ,
ସବୁ ଋତୁରେ ସେ ଶ୍ରଦ୍ଧାର ତପସ୍ୱୀ,
ତୁମେ ତାଙ୍କୁ କହିପାର ବଶିଷ୍ଠ, ଜନକ,
ବାଲ୍ମୀକି ଋଷି,
ଅଥବା ସଂସାରର ମହା ମନୀଷୀ ।
ସନ୍ୟାସୀ ଏକ ଉପାଧି ନୁହେଁ କି
ଉପଢୌକନ,
ସେ ଅବିଚଳିତ ମହୋଦଧିର
ସବୁକୁ ଆଶ୍ରୟ ଦେଉଥିବା ଏକ
ଫୁଲଫୁଟା ମନ
ତାଙ୍କ ଘର ହୋଇପାରେ ଗାଆଁରେ,
ସହରରେ
ଅବା ଅଭେଦ୍ୟ ଜଙ୍ଗଲରେ,
ସେ କିନ୍ତୁ ନୀରବ ନଇର ସୁଅ,
ଶୋଷ ଖାଲି କାହାକୁ
ଶୋଭା ବିମଣ୍ଡିତ କରିବାରେ ।
କେହି ହୋଇପାରେ କୋଟିପତି
କୁବେର
ମନ ପ୍ରାଣ ହୃଦୟକୁ ଭିଜେଇ
ଦେହକୁ ଦଗ୍ଧ କରି
ସନ୍ୟାସୀ ହେବା ଦୂରୁହ ବ୍ୟାପାର,
ସନ୍ୟାସୀ ତ ଅସଲରେ ରାଜପଦ,
ଅନୁଭବରରେ ମିଠା ଶୃଙ୍ଗାର ।
ମାଟିକୁ ଲୋଡା ସନ୍ନ୍ୟାସୀ
ମାଟି ହେବା ପାଇଁ ଯଶ୍ୱସୀ,
ପଥ କୋଳାହଳ ରଙ୍ଗବେରଙ୍ଗର
ପୋଷାକରେ
ଆଉ ଶୁଭ୍ର ରଙ୍ଗରେ,
କାହାକୁ ମାଖିବ ତୁମେ ଜାଣ
ତୁମ କ୍ଷଣିକ ପ୍ରାଣରେ ।
ସନ୍ନ୍ୟାସୀଓ ଭଗବାନ ଏକ ଓ ଅଭିନ୍ନ,
ତୁମେ ଚିହ୍ନିଲେ ତାଙ୍କୁ ତୁମେ ଖୋଜିପାଅ
ତୁମ ବାସସ୍ଥାନ,
ତୁମେ ହୁଅ ତାଙ୍କ ଅନ୍ତର
ସେ ହୁଅନ୍ତି ଅନ୍ତର୍ଦ୍ଧାନ ।
ସନ୍ୟାସୀ ଏକ ମନ୍ତ୍ର, ମଶାଣି, ମନ୍ଦିର,
ମୋହନ ବେଣୁର ଲଳିତ ଝଙ୍କର,
ପାହାଡ ଗର୍ଭକୁ ଚିରି ଆମ ଅନ୍ତରକୁ
ପ୍ରବେଶୁଥିବା ଏକ ମିଠାଝର ।
ଶିଶିର ବିନ୍ଦୁର ମୁକ୍ତା ପରି
ଆପଣା ଭିତରେ ଝଟକୁଥାନ୍ତି
ସନ୍ୟାସୀ, ତାଙ୍କୁ ଖୋଜ,
ସନ୍ୟାସୀ ନୁହେଁ କି ମୌନବୀଜ ?
କୁଆଡେ ଗଲେ ସନ୍ନ୍ୟାସୀ,
କୁଆଡେ ଗଲା ତପୋବନ,
କିଏ ସଜେଇଲା ଏ ସଂସାରକୁ
ଜଉଘର
ରାତିଦିନ ? ଫେରିବେ କି ସନ୍ନ୍ୟାସୀ
ମୋହାନ୍ଧ ହୃଦୟକୁ
ମାଟିଦୀପଟିଏ ହୋଇ
ମମତାର ଆଲୁଅ ଢାଳିବାକୁ ?


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨





# ରିମ୍‌ଝିମ୍ ବର୍ଷାର ମଜା



## ନଗେନ୍ଦ୍ର ନାଥ ପଟ୍ଟନାୟକ



ଶୀଳା ଆଉ ରାଣୀ କ୍ୟାରମ ଖେଳୁଥାନ୍ତି। ଆରପଟ କୋଠରିରେ ପାପା ଖଟରେ ଗଡପଡ ହୋଇ ଆରାମ କରୁଥିଲେ । ଏତିକିବେଳେ ମାମା ଦୁଇଝିଅଙ୍କୁ ଚାହିଁ କହିଲେ-ତୁମେ ଦୁହେଁ ମୋର ଗୋଟେ କାମ କରିବ । ଶୀଳା କ୍ୟାରମ୍ ଖେଳଛାଡି କହିଲା-ଗୋଟେ କଣ, ଦି ଦିଇଟା କାମ କରିବାକୁ ଆମେ ଦୁହେଁ ତୟାର । କୁହ କି କାମ କରିବୁ ! ମାମା କହିଲେ-ତୁମେ ଦୁହେଁ ଜଲଦି ବଜାର ଯାଇ ଦୋକାନରୁ କେଜିଏ ପନିର ,ପାଉଁରୁଟି ଆଉ ବେସନ କିଣିକି ନେଇ ଆସିବ । ହେଇ ନିଅ ଟଙ୍କା ଆଉ କନାବ୍ୟାଗ । ଶୀଳା ଉତ୍କଂଠାର ସହ ପଚାରିଲା-ଆଜି କ’ଣ ଆମଘରେ ମଟର ପନିର ତରକାରି ଓ ବ୍ରେଡ୍ ପକୋଡା ବନାହେବ... ? ତାହେଲେ ସାଇକେଲରେ ନ ଯାଇ ପାଦରେ ଚାଲିଚାଲି ଦୋକାନ ଯାଉଚୁ । ମେଘଢଙ୍କା ଆକାଶ । ମେଘ କେତେବେଳେ ବି ବର୍ଷିପାରେ । ରଙ୍ଗବେରଙ୍ଗର ଛତାଟି ସଙ୍ଗରେ ନେଉଛୁ, ବର୍ଷା ଦାଉରୁ ନିଜକୁ ରକ୍ଷା କରିପାରିବୁ । ମାମା କହିଲେ- ସାବାସ୍ । ତୁମେ ଦୁହେଁ ତ ବଡ ବୁଦ୍ଧିଆ ଲୋକଙ୍କ ଭଳି କଥା କହୁଚ । ହଉ, ଜଲଦି ଘରକୁ ଆସିବ। ଶୀଳା ଆଉ ରାଣୀ ଦୁହେଁ ହଁ ଭରି ବଜାର ଆଡେ ମୁହାଁଇଲେ । ଟପଟପ୍ ବର୍ଷା ବୁନ୍ଦା ସେମାନଙ୍କୁ ବହୁତ ଭଲ ଲାଗୁଥାଏ । ଦୁହିଁଙ୍କ ମୁଣ୍ଡ ଉପରେ ଝିପଝିପି ବର୍ଷାପାଣି ଝରି ନିଗିଡି ପଡୁଥାଏ । ବର୍ଷାପାଣିରେ ଗୋଟାପଣେ ଭିଜିବାକୁ ଦୁହେଁ ଉହଲବିକଳ ହେଉଥଲେ । ଚବର ଚବର ପାଣିରେ ନାଚି କୁଦିବାକୁ ଦୁହିଁଙ୍କ ମନ ଭାରି ଉଚ୍ଛନ୍ନ । ଘରୁ ପଦାକୁ ବାହାରି ଆସି ଦୁହେଁ ଖୁସିରେ କୁରୁଳି ଉଠିଲେ। ମାମାଙ୍କ ବରାଦ ଅନୁସାରେ ସଉଦା ନେଇ ଘରକୁ ଫେରିବା ବେଳେ ଗର୍ବରେ ଫୁଲିଉଠି କହୁଥିଲେ-ମଉକା ମିଳିଲେ ଆମେ ଘରେ ଏମିତି କାମ ଚୁଟ୍‌କିରେ କରି ଦେଖାନ୍ତେ । କେହେ ବି ଆମକୁ ସାନପିଲା ବୋଲି ମଣନ୍ତେ ନାହିଁ । ଘରଫେରନ୍ତା ବାଟରେ ଝିପିଝିପି ବର୍ଷା ଝରିବା ଆରମ୍ଭ ହୋଇଗଲା । ଦୁହେଁଯାକ ଚଟାପଟ୍ ଛତାଟା ଖୋଲି ମୁଣ୍ଡ ଉପରେ ମେଲିଦେଲେ। ଚବର ବଚର ପାଣିରେ ଚାଲିବାକୁ ଲାଗିଲେ। ବାଟରେ କେତେ ଲୋକ ପାଦରେ ଚାଲିଚାଲି ଯାଉଥିବା ବେଳେ ବର୍ଷାପାଣିରେ ଗୋଟାପଣେ ଭିଜି ଯାଉଥିଲେ । ପୁଣି କିଛିଲୋକ ରେନ୍‌କୋଟ୍ ପିନ୍ଧିଥିଲେ । ଚାଲ ରାଣୀ, ଆମେ ଆଉଗୋଟେ ରାସ୍ତାରେ ଯିବା। ସେପଟ ରାସ୍ତାରୁ ଆମ ଘର ବହୁତ ପାଖ ପଡିବ । ଶୀଳା କହିଲା - ଆରେ ହଁ, ସେପଟ ରାସ୍ତାକଡରେ ପଡେ ମୋ ବାନ୍ଧବୀ ସୌମ୍ୟାର ଘର । ସେ ଦେଖିବା ମାତ୍ରେ ଆମ ଦିହିଁଙ୍କୁ ସାଥିରେ ନେଇଯିବ । ରାଣୀ ରାଜି ହୋଇଗଲା । ସୁହାଇଲା ପରି ବର୍ଷାପାଗ । ଠେଲାବାଲା ମଉସା ରାସ୍ତାକଡରେ ଛିଡାହୋଇ ଜାମୁକୋଳି ଆଉ ହଳଦି ଗୁରୁକୁରୁ ଗୋଟା କଂଚାମକା ବିକୁଥିଲା । ଜାମୁକୋଳି ଆଉ କଂଚାମକାର ବାସ୍ନାରେ ଶୀଳା ଓ ରାଣୀ ପାଟିରୁ ଥପ୍‌ଥପ୍ ଲାଳ ବୋହିବାକୁ ଲାଗିଲା। ଦୁହେଁଯାକ ଠେଲାବାଲା ମଉସାଠୁ ଜାମୁକୋଳି ଓ ମକା କିଣିକି ମନଭରି ଖାଇଲେ । ଡାକେବାଟ ଗଲାପରେ ଦଳେ ବେଙ୍ଗ ବେଙ୍ଗୁଲୀଙ୍କ ଉପରେ ଦୁହିଁଙ୍କ ନଜର ପଡିଗଲା। ବେଙ୍ଗ ପଲଙ୍କ କରକଶିଆ କେଁ କଟର ଗୀତ ଦୁହିଁଙ୍କୁ ଖୁବ୍ ଭଲ ଲାଗୁଥିଲା । ଯୋଗକୁ ସୌମ୍ୟା ବି ତା ଘର ଆଗରେ ଭେଟ ହୋଇଗଲା। ସେ ଆଉ ତା କୁନିଭାଇ ମିଳିମିଶି କାଗଜଡଙ୍ଗା ତିଆରି କରୁଥିଲେ । ଶୀଳା ଓ ରାଣୀ ସେମାନଙ୍କ ସହ ମେଳିହୋଇ କାଗଜ ନଉକା ତିଆରି କଲେ ଓ ବର୍ଷାପାଣିରେ ଭସାଇଲେ । ଏତିକିବେଳେ ଦୁହିଙ୍କର ମନେ ପଡିଗଲା ଘରକଥା । ଆଉ ଉଚ୍ଛୁର ନକରି ଦୁହେଁ ଘର ଆଡେ ଡଗଡଗ ପାଦରେ ଆଗେଇଲେ । ଭୂଇଁରେ ପାଣି ଦେଖିଲେ ଚବର ଚବର କରି ବର୍ଷାର ମଜା ଉଠାଉଥାନ୍ତି। ବର୍ଷାପାଣିରେ ଦୁହେଁ ଗୋଟାପଣେ ଗାଧୋଇ ସାରିଥିଲେ । ଘରେ ପହଁଚିଲାମାତ୍ରେ ଦୁହିଁଙ୍କର ବହୁତ ଡେରିରେ ଫେରିବା ଓ ଓଦା ସରସର ଦେହ ଦେଖି ମାମା ଖୁବ୍ ବରକ୍ତ ହେଲେ । ଦୁହେଁଯାକ ଏକସ୍ୱରରେ କହିଲେ-ମାମା ଆମକୁ ମାଫ୍ କରିଦିଅ । ସତରେ ଆମେ ବରଷାର ମଜା ଉଠେଇ ଆସିଛୁ । ବାଟରେ ଠେଲା ମଉସାଙ୍କଠୁ ଜାମୁକୋଳି ଆଉ ମକ୍କା କିଣିକି ଖାଇଲୁ । ବେଙ୍ଗପଲଙ୍କୁ ବି ଆଖି ପୂରେଇ ଦେଖିଲୁ । ପୁଣି ସୌମ୍ୟା ସହିତ କାଗଜଡଙ୍ଗା ତିଆରି କରି ବର୍ଷାପାଣିରେ ଭସେଇବା ଶିଖିଗଲୁ । ମାମା ଆମେ ପ୍ରଥମେ ଥଣ୍ଡାରେ ଶୀତରେ ଭିଜିବୁ ,ଗ୍ରୀଷ୍ମରେ ଝାଳରେ ଭିଜିବୁ ଆଉ ଏବେ ବର୍ଷାପାଣିରେ ଭିଜିବୁ। ଏଥର ଦୁହିଁଙ୍କ ଖୁସି ଦେଖେ କିଏ । ଝିଅ ଦୁହିଁଙ୍କ ଖୁସୀରେ ମାମା ବି ଖୁସିରେ କୁରୁଳି ଉଠିଲେ। ମାମା ବି ବର୍ଷାରେ ଭିଜିବାକୁ ମନ ବଳାଇଲେ।


ଓସ୍କାର ସିଟି, ଲେନ ନଂ-୯,
ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ
ରୋଡ୍, ଭୁବନେଶ୍ୱର
ମୋ:୯୪୩୮୩୩୨୧୩୮


# ସାହାଯ୍ୟକାରୀଙ୍କୁ ଭୁଲିବା ଉଚିତ ନୁହେଁ

## ରମେଶ ଚନ୍ଦ୍ର ଦାଶ



ଭାଲୁର ବାର୍ଦ୍ଧକ୍ୟ ଅବସ୍ଥା ଦେଖି ପାତିମାଙ୍କଡ଼ ସହିପାରିଲା ନାହିଁ । ସେ ତେଣୁ ସବୁ କାମରେ ତାକୁ ସାହାଯ୍ୟ କଲା । ଭାଲୁ ସୁବିଧା ପାଇବା ପରେ ସେ ଅଧିକରୁ ଅଧିକ କାମରେ ହାତ ଦେଲା । ସେଥିପାଇଁ ପାତିମାଙ୍କଡ଼କୁ ଆହୁରି ଅଧିକ ପରିଶ୍ରମ କରିବାକୁ ପଡ଼ିଲା । ଏହାଫଳରେ ପାତିମାଙ୍କଡ଼ ନିଜ କାମ କିଛି କରିପାରିଲା ନାହିଁ । ଭାଲୁର ସବୁ କାମ ହୋଇଯାଉଥିବାରୁ ତାକୁ ଅନ୍ୟମାନେ ବହୁତ ପ୍ରଶଂସା କରିବାକୁ ଲାଗିଲେ । ଭାଲୁ ବାର୍ଦ୍ଧକ୍ୟ ସତ୍ତ୍ୱେ ଏତେ କାମ କରିପାରୁଛି ଅଥଚ ପାତିମାନଙ୍କ ଯୁବକ ହୋଇ ତାର ନିଜ କାମ ବି କରିପାରୁନାହିଁ ବୋଲି କହିବାକୁ ଲାଗିଲେ ।

ଅନ୍ୟମାନେ ପାତିମାଙ୍କଡ଼କୁ ନିନ୍ଦା କରିବା ବେଳେ ଭାଲୁ ବି ସେମାନଙ୍କ ସହିତ ମିଶି ପାତିମାଙ୍କଡ଼କୁ ନିନ୍ଦାକଲା । ଏହାଦ୍ୱାରା ଭାଲୁର ଖ୍ୟାତି ଦିନକୁ ଦିନ ବଢ଼ିବାରେ ଲାଗିଲା । ସେ ତା’ଠାରୁ ଅଧିକ ଶକ୍ତିଶାଳୀ ପ୍ରାଣୀମାନଙ୍କ ସହିତ ସଂପର୍କ ଯୋଡ଼ିଲା । କଥା କହିବା ଛଳରେ ନିଜର ପାଣ୍ଡିତ୍ୟ ଦେଖାଇହେଲା ଓ ବହୁତ ପ୍ରଶଂସା ସହିତ ପୁରସ୍କାର ବି ପାଇଲା ।

ପାତିମାଙ୍କଡ଼ ଏସବୁ ପ୍ରତି ଧ୍ୟାନ ଦିଏ ନାହିଁ । ଅନ୍ୟମାନଙ୍କର କାମ କରି ସେ ଆନନ୍ଦପାଏ । ଦିନେ ବାଘ ଭାଲୁକୁ ଗୋଟିଏ କାମ ଦେଇଥିଲା । ଭାଲୁ ସେହି କାମକୁ ପାତିମାଙ୍କଡ଼କୁ କହି କରାଇଲା । କାରଣ ସେହି କାମଟି ଗଛ ଚଢ଼ା ସଂକ୍ରାନ୍ତୀୟ ଥିଲା । ଭାଲୁକୁ ହଇରାଣରେ ପକାଇବା ନିମନ୍ତେ ବାଘ ସେହି କାମଟି ତାକୁ କରିବାକୁ ଦେଇଥିଲା । କିନ୍ତୁ ପାତିମାଙ୍କଡ଼ କରିଦେବାରୁ ବାଘ ଚୁପ୍ ରହିଲା । ଏହାପରେ ଭାଲୁ ବାଘ ମଧ୍ୟରେ ଘନିଷ୍ଠତା ବଢ଼ିଲା ଓ ତାର ଅତିପ୍ରିୟ ହୋଇ ସମସ୍ତ ସୁବିଧା ସୁଯୋଗ ପାଇଲା ।

ସେ ଆଉ ପାତିମାଙ୍କଡ଼ର ସାହାଯ୍ୟ ନେଲା ନାହିଁ । ଭାଲୁ କାମରୁ ମୁକ୍ତି ପାଇ ପାତିମାଙ୍କଡ଼ ଭଲରେ ଚଳିଲା । ବାଘର ସାହାଯ୍ୟ ପରେ ଭାଲୁ ପାତିମାଙ୍କଡ଼ର ଖୁସି ସହିପାରିଲା ନାହିଁ । ସେ ତାକୁ ହଇରାଣ କରିବା ପାଇଁ ବାଘକୁ କହିଲା । ବାଘ ଆଶ୍ଚର୍ଯ୍ୟ ହୋଇଗଲା । ପାତିମାଙ୍କଡ଼କୁ ହଇରାଣ କରିବା ପରିବର୍ତ୍ତେ ସେ ଭାଲୁକୁ ଅନ୍ୟ ଗୋଟିଏ କାମ କରିବାକୁ କହିଲା । ଭାଲୁ ପାଇଁ ତ ସବୁକାମ ପାତିମାଙ୍କଡ଼ କରେ । ଏଥରକ ସେ ଆଉ ପାତିମାଙ୍କଡ଼ ପାଖକୁ ଯିବା ପାଇଁ ଲଜ୍ୟାବୋଧ କଲା । ବାଘ ଯେତେବେଳେ ଜାଣିଲା ଯେ ସେ ଦେଇଥିବା କାମଟି ଭାଲୁ କରିବାକୁ ଅସମର୍ଥ, ସେ ତେଣୁ ଭାଲୁକୁ ଦେଇଥିବା ସମସ୍ତ ସୁବିଧା ସୁଯୋଗ ଫେରାଇନେଲା । ଭାଲୁ ପୁଣି ତାର ପୂର୍ବ ଗୁମ୍ଫାକୁ ଫେରିଲା । ସେ ଏକୁଟିଆ ରହିଲା । ତା’ ପାଖକୁ ଆଉ ପାତିମାଙ୍କଡ଼ ନଯିବାରୁ ସେ ଦିନେ ନେହୁରା ହୋଇ ଡାକିଲା । ପାତିମାଙ୍କଡ଼ ତା’ର ଡାକ ଶୁଣି କହିଲା- ତୁମ ସୁବିଧା ବେଳେ ସମସ୍ତେ ଖରାପ ଜଣାପଡ଼ନ୍ତି କିନ୍ତୁ ଅସୁବିଧା ସମୟରେ ସମସ୍ତଙ୍କର ସାହାଯ୍ୟ ଦରକାର କର । ଏହା ଶୁଣି ଭାଲୁ ନିଜେ କାନ ମୋଡ଼ି ହୋଇ କହିଲା- ଏପରି କାମ ଆଦୌ ଠିକ୍ ହୋଇନାହିଁ । ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ଭୁଲିବା ଆଦୌ ଉଚିତ୍ ନୁହେଁ । ଏପରି କଲେ କେହି କାହାକୁ ସାହାଯ୍ୟ କରିବେ ନାହିଁ ।

ଏହା ଶୁଣି ପାତିମାଙ୍କଡ଼ର ମନରେ ପରିବର୍ତ୍ତନ ଆସିଲା । ସେ ଭାଲୁକୁ ପୂର୍ବଭଳି ସାହାଯ୍ୟ କଲା । ଭାଲୁ ବାଘକୁ ପାତିମାଙ୍କଡ଼ ପ୍ରତି କରିଥିବା ଅନ୍ୟାୟ ସଂପର୍କରେ କହିବାରୁ ସେ ଆଉ ତାକୁ କେତେବେଳେ କିଛି କାମ କରିବାକୁ କହିଲା ନାହିଁ । ଭାଲୁର ଭିତିରି କଥା ବାହାରକୁ ଆସିବା ପରେ ପାତିମାଙ୍କଡ଼ର ସାହାଯ୍ୟ କରିବା ଗୁଣକୁ ସମସ୍ତେ ପ୍ରଶଂସା କଲେ ।


ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨


# କବିତା
ତୁମ ପାଇଁ

## ଚାଷୀଭାଇ
### ସଂଜୁ ଦାସ

କୁନୁରୁ ହୁନୁରୁ ବସିଲେ ଖୋଜି
ଚାଷ,ଚାଷୀ କଣ ଜାଣିବେ ଆଜି
କୁନୁରୁ କହିଲା କହ
ହୁନୁରୁ କହିଲା ରହ
ବାପାଙ୍କୁ ପଚାରି ବୁଝିକି କହିବି
ଟିକିଏ ଥୟ ତୁ ଧଅ !

ବାପା ଆସି ପାଖେ କହିଲେ ଶୁଣ
ଯାହା ଜାଣିନାହଁ ଶୁଣିକି ଜାଣ
ଭାତ,ଶାଗ,ଡାଲି ଖାଅ
ନିଇତି କ୍ଷୀରକୁ ପିଅ
ଆମ୍ବ,ପିଜୁଳି,ନଡିଆ,କଦଳୀ
କିଏସେ ଦେଉଛି କୁହ ?

କୁନୁରୁ କହିଲା ଦିଏ ମୋ ବୋଉ
ହୁନୁରୁ କହିଲା ଦୋକାନୁ ପାଉ
କ୍ଷୀରଦିଏ କ୍ଷୀରବାଲା
ଫଳଦିଏ ଠେଲାବାଲା
ଶାଗ,ଛୁଇଁ,ବଡି ମୋ’ଆଈ ପଠାଏ
ବୋଉ ମୋତେ କହୁଥିଲା !

ବାପା କହିଦେଲେ ନାଇଁରେ ନାଇଁ
ଚାଷୀ କରେ ଚାଷ ବିଲରେ ଯାଇ
ହଳ କରେ ନିଜ ହାତେ
ମଞ୍ଜିକୁ ମାଟିରେ ପୋତେ
ପାଣି ଖତ ଦେଇ ମେହନତ କରି
ଚାଷକରୁଥାଏ ଯେତେ !

ବିଲ ବାଡି କ୍ଷେତ ଗାଁରେ ବେଶି
ଧାନ,ମୁଗ,ବିରି,କୋଳଥ,ରାଶି
ଅମଳ କରଇ ବସି
ଖାଉଛନ୍ତି ଦେଶବାସୀ
ଯିଏ ଯୋଗାଉଛି ଆମକୁ ଆହାର
ସେହି ଭାଇ ପରା ଚାଷୀ !

ଶୀତଛୁଟି ହେଲେ ଗାଆଁକୁ ଯିବା
ଚାଷୀ ଭାଇଟିର ଚାଷ ଦେଖିବା
ମଞ୍ଜିରୁ ଆଣିବା ମୁଠେ
ପଟାଳି କରିବା ଗୋଟେ
ଦେଖିବ କେମିତି ମଞ୍ଜିଟିରୁ ଗଛ
ମାଟିକୁ ଆଡେଇ ଫୁଟେ !


+ଶୂନ୍ୟନୀଡ଼, ସୋର,ବାଲେଶ୍ୱର
ମୋ: ୯୧ ୨୪୨ ୧୧୧ ୦୫





## ଗୀତରେ ଗଣିତ
### ଅମରନାଥ ବାରିକ୍

ଗଛେ ରହୁଥିଲେ ପକ୍ଷୀ ଯେତିକି
ଅଧା ଉଡ଼ିଗଲେ ଖାଦ୍ୟ ପାଇଁକି।
ବାକି ବସିଛନ୍ତି ଅଧା ଛ ଗୋଟି
ତେବେ କୁହ ପକ୍ଷୀ ଥିଲେ କେତୋଟି ?
(ଉ -:୧୨/ବାର)

ଜଙ୍ଗଲରେ ହାତୀ ଦଶଟି ଥିଲେ
ପ୍ରାଣୀ ଉଦ୍ୟାନକୁ ଦୁଇଟି ଗଲେ ।
ଗାଆଁ ବୁଲିବାକୁ ଗୋଟିଏ ଗଲା
ଜଙ୍ଗଲରେ ଆଉ କେତେ ରହିଲା ?
(ଉ -:୭/ସାତ)

ଆଈ ରଖିଥିଲେ ତେରଟି ଗାଈ
ଅଜା ନିଅନ୍ତି ଚରାଇବା ପାଇଁ ।
ନ ଯାଇ ଗୁହାଳେ ତିନି ରହିଲେ
ଚରିବାକୁ ତେବେ କେତେଟି ଗଲେ ?
(ଉ -:୧୦/ଦଶ)

ଗାତରେ ଡମଣା ଗୋଟିଏ ଥିଲା
କେଳା ଆସି ତାକୁ ଧରିଣ ନେଲା ।
କୁହ ପିଲେ ଏବେ ସେହି ଗାତରେ
ରହିଛି ଡମଣା କେତେ ଗୋଟିରେ ?
(ଉ -:୦/ଜମା ନାହିଁ)

କୁନା ଯାଇଥିଲା ମାମୁଁ ଘରକୁ
ମାଇଁ ପାଞ୍ଚ ଟଙ୍କା ଦେଲେ କୁନାକୁ ।
ଟଙ୍କାକରେ କୁନା ଚୁଚୁମା ନେଲା
କୁନା ପାଖେ ଆଉ କେତେ ରହିଲା ?
(ଉ -:୪/ଚାରି)


+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ: ୯୫୪୦୩୦୮୦୯୫


## ହଜେ ନାହିଁ
### କୀର୍ତ୍ତନ ସାହୁ

ହଜି ଯାଇ ପାରେ ସୁନ୍ଦର ଜିନିଷ
ହଜେ ନାହିଁ ଆମ ସୁନ୍ଦର ମନ
ହଜି ଯାଇ ପାରେ ସୁନା ରୂପା ମୋତି
ହଜେ ନାହିଁ ଜ୍ଞାନ ବିବେକ ଧନ ।

ହଜି ଯାଇ ପାରେ ବାହାର ରୂପଟି
ହଜେ ନାହିଁ ଆମ ଭିତର ଗୁଣ
ହଜେ ନାହିଁ ଆମ ଭଲ ବ୍ୟବହାର
ହଜି ଯାଇ ପାରେ ଦେହର ଖୁଣ।

ଘରଟି ଆମର ଅତି ଆପଣାର
ହଜି ଯାଇ ପାରେ ତାହାବି କେବେ
ହଜେ ନାହିଁ କିନ୍ତୁ ତା ପ୍ରତି ମମତା
ପୁଣି ମନେ ପଡେ ଆସନ୍ତି ଯେବେ ।

ହଜି ଯାଇ ପାରେ ପିଲାଦିନ ଖେଳ
ସ୍ମୃତି କେବେ ତାର ଯାଏନି ମନୁ
ଜୀବନେ କେତେକ ଅପାଶୋରା କଥା
ହଜେ ନାହିଁ କେବେ ହୃଦୟ ବନୁ ।

ହଜି ଯାଏ ଏହି ମଣିଷ ଜୀବନ
ହଜେ ନାହିଁ ତାର ମହତ କାମ
ସମୟ କ୍ରମରେ ସଭିଏଁ ହଜନ୍ତି
ଭଲ ମଣିଷର ରହେଟି ନାମ ।


+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ:୯୪୩୮୪୧୪୭୦୧


## ଏମିତି ଏକ ସୁନାରାଇଜ
### ପ୍ରଶାନ୍ତ କୁମାର ଦାଶ

ଏମିତି ଏକ ସୁନାରାଇଜ
କାହିଁତ ନାହିଁ ଆଉ
ଆମେ ତାକୋଳେ ଥାଇ ସୁଖରେ
ତା ଯଶଗୀତି ଗାଉ ।

ତା ନଈ ନାଳ ଟିକି ଝରଣା
ବନ ବନାନୀ ଶୋଭା
ସବୁଜକ୍ଷେତ ଦିଶଇ ସେତ
ସୁନ୍ଦର ମନଲୋଭା ।

ଏଇ ମାଟିରେ ସୂରୁଜଡାଳେ
ସୁନାକିରଣ ହସି
ରାତି ଆକାଶୁ ଜହ୍ନ ଜୋଛନା
ମାଟିରେ ପଡେ ଖସି ।

ନାହିଁ ଆମରି ମନରେ ହିଂସା
ପର ଆପଣା ଭାବ
ମଧୁରକଥା ମୁଖରୁ ଢାଳି
ଆମେ ଚଳାଉ ନବା ।

ଭଲପାଇବା ପଣରେ ଆମେ
ମନ ମରମ ଜିଣୁ
ଦୁନିଆସାରା ଖେଳାଇ ଯଶ
କୋଟି ମନକୁ କିଣୁ ।

ସଭିଏଁ ଆମେ କରିବା ପଣ
ଯେତେ ଭଉଣୀ ଭାଇ
ଏଜାତି ପାଇଁ ପାତିବା ଛାତି
ଜମା ଡରିବାନାହିଁ ।

ଜୀବନଦେଇ ରଖିବା ଆମେ
ଆମ ରାଇଜ ଟେକ
ଫୁଲଟିପରି ସୂତା ଦେହରେ
ରହିବା ହେଇ ଏକ ।


+କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦


## ଫଳା’ରେ ଗୀତ
### ସନ୍ତୋଷ କୁମାର ଅଦାବର

‘କ’ରେ ଯ-ଫଳା ‘କ୍ୟ’
କାହା ମନେ କେବେ କଷ୍ଟ ଦେବା ନାହିଁ
କହିବା ମଧୁର ବାକ୍ୟ ।

‘ତ’ରେ ର-ଫଳା ‘ତ୍ର’
ଧୈର୍ଯ୍ୟ ଓ ସାହସ ଅଟଇ ଜାଣ
ସଫଳତାର ଏ ସୂତ୍ର ।

‘କ’ରେ ଲ-ଫଳା ‘କ୍ଳ’
କପଟ, ହିଂସାଠୁ ଦୂରରେ ରହିକି
ମନ ରଖ ସ୍ୱଚ୍ଛ ଶୁକ୍ଳ ।

‘ଲ’ ରେ ଲ-ଫଳା ‘ଲ୍ଲ’
ଅନ୍ୟାୟ, ଅସତ୍ୟ ବିରୁଦ୍ଧରେ ଆମେ
ହୋଇଯିବା ଗୋଟେ ମଲ୍ଲ ।

‘ଶ’ ରେ ୱ-ଫଳା ‘ଶ୍ୱ’
ଭଲକାମ କରି ଚମକାଇ ଦେବା
ଜାଣିବ ଏ ସାରା ବିଶ୍ୱ ।

‘ପ’ ରେ ନ-ଫଳା ‘ପ୍ନ’
ମନ ଦେଇ ପରିଶ୍ରମ କଲେ ଜାଣ
ପୂରା ହେବ ଆମ ସ୍ୱପ୍ନ ।

‘ନ’ ରେ ମ-ଫଳା ‘ନ୍ମ’
ପରର ଉପକାର କରି ପାରିଲେ
ସଫଳ ହେବ ଏ ଜନ୍ମ ।


+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


## ଭାରି ଭଲ ଲାଗେ
### ଆଦ୍ୟାଶା ମହାପାତ୍ର

ଭାରି ଭଲଲାଗେ ବୋଉ ଗେହ୍ଲା ଡାକ
ଆହା କି ସୁନ୍ଦର ସ୍ୱର !
ସେ ଡାକ ରେ ପରା ରହିଛି ମାଧୁର୍ଯ୍ୟ
କିଣି ନିଏ ମନ ମୋର ।

ଭାରି ଭଲ ଲାଗେ ମୋ ବୋଉ ପଣତ
ଯେବେ ମୋତେ ଧିରେ ଛୁଏଁ
ଆଖିରୁ ଲୋତକ ଯେତେ ଦୁଃଖ କଷ୍ଟ
ଆପେ ଆପେ ଦୂର ହୁଏ ।

ଭାରି ଭଲ ଲାଗେ ବୋଉ କୋଳେ ଯେବେ
ଶୋଇଯାଏ ରଖି ମଥା
ଆହା କି କୋମଳ ଶେଯ ସୁପାତି ସେ
ହରିନିଏ ସବୁ ବ୍ୟଥା ।

ଭାରି ଭଲ ଲାଗେ ମୋତେ ଯେବେ ମିଳେ
ବୋଉ କାନି ଗଣ୍ଠି ଧନ
ଆଇସକ୍ରିମ ଅବା ବେଲୁନ୍ ଗୋଟେରେ
ତୁଟେ ସାରା ଅଭିମାନ ।

ଭାରି ଭଲ ଲାଗେ ଯେବେ ଖେଳେ ଦାଣ୍ଡେ
ବୋଉ ଚାହିଁଥାଏ ବାଟ
ଆହୁଡାଏ ମୋତେ ବାପାଙ୍କ ରୋଷରୁ
କାଳେ ବସିଯିବ ଛାଟ ।

ଭାରି ଭଲ ଲାଗେ ଛୁଏଁ ଯେବେ ମୁହିଁ
ବୋଉର ପବିତ୍ର ପାଦ
ଲାଗେ ସେଇ କ୍ଷଣି ଦୂରୀଭୁତ ହେଲା
ଯେତେ ସବୁ ପରମାଦ ।

ଭାରି ଭଲ ଲାଗେ ବୋଉ ହାତ ଯେବେ
ମଥାପରେ ମୋର ରହେ
ଲାଗେ ମୋତେ ସାରା ସୁଖ ଅଇଶ୍ୱର୍ଯ୍ୟ
କ୍ଷଣିକରେ ମିଳିଯାଏ ।


+ନୂଆପଡା, କଟକ


## ଆମରି ହସରେ
### ଅନନ୍ତ କୁମାର ସେନାପତି

ଆମରି ହସରେ
ବାସ ମହକାଇ ପଦୁଅଁ ଫୁଟେ
ପବନେ ପବନେ ମହକ ଛୁଟେ,
କାକଳି କଣ୍ଠରୁ ଶୁଭଇ ଗୀତ
ଗଛ, ଲତା, ପକ୍ଷୀ ହୁଅଇ ମିତ ।

ଆମରି ହସରେ
ଭରିଯାଏ ସୁନା କ୍ଷେତର ଧାରା
ଆକାଶ ବକ୍ଷରେ ହସଇ ତାରା,
ଭାସି ଆସେ କାହୁଁ ମିଠା ସପନ
ଉଲ୍ଲସିତ ହୁଏ ସବୁରି ପ୍ରାଣ ।

ଆମରି ପାଇଁ
ଲୁଚି ରହିଥାଏ ଆପଣା ଭାବ
ମାଟି ମାଆ ପାଇଁ ଯଶ ଗୌରବ,
ଶୁଖିଲା ତରୁଟି ଯାଏ କଅଁଳି
ପତର ମେଲାଏ ଭଳିକି ଭଳି ।

ଆମରି ହସରେ
ହସୁଥିବ ଏହି ସୁନାର ଦେଶ
ପୋଛି ଯିବ ଯେତେ ଯାତନା କ୍ଳେଶ,
ବିତରିବା ପାଇଁ ଶାନ୍ତି ବାରତା
ସତ୍ୟର ପଥରେ ପାତିବୁ ମଥା ।

ଆମେ ପରା ଏବେ ଟିକି କଳିକା
ଧରମା, ଆରୁଣି, ବାଜି ପରିକା
ଟିକି ହସରେ
ଖୁସି ଭରି ଦେବୁ ରଖି ଯଶରେ ।


+ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ ଏରିଆ
ରାଜଗାଙ୍ଗପୁର , ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

# ଡକାୟତି ଉଦ୍ୟମ ମାମଲାର ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧୦ ହଜାର ଜୋରିମାନା

କନ୍ଧମାଳ, ୦୯/୦୮ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀମତୀ ମୁନରାଣୀ ମିଶ୍ର ଏକ ଡକାୟତି ଉଦ୍ୟମର ମାମଲାକୁ ୧୫ ଜଣସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ବିଚାର କରି ବିଚାରପତି ମାମଲାର ଅଭିଯୁକ୍ତ ଦସପଲ୍ଲା ମୁସଲିମ୍ ସାହିର ମୁମତାଜ ଅଲ୍ଲୀ, ଢିଲାବାଲି ଦସପଲ୍ଲା ର ଚନ୍ଦନେଶ୍ୱର ନାୟକ ଓ ମର୍ଦ୍ଦାବାଡି ର ଶରତ ନାୟକ ସମେତ ତିନି ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ସେମାନଙ୍କୁ ଆଉ ଅଧିକ ତିନି ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପି.ପି. ଶିବ ପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ। ସୁଚନା ଅନୁସାରେ ଗତ ୨୦୧୨ ମସିହା ମାର୍ଚ୍ଚ ୧୬ ତାରିଖରେ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଯକ୍ରେଜୁ ଗ୍ରାମକୁ ଯାଇ ଅଭିଯୁକ୍ତ ମାନେ ଏକ ବୋଲେରୋ ଯୋଗେ ପଦ୍ମଚରଣ ଗଣ୍ଡାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କ ଠାରୁ ସୁନାଚେନ୍ ଓ ଦଶ ହଜାର ଟଙ୍କା ନେଇ ପଳାଉଥିଲେ। ଗଲା ସମୟରେ ଦୁଇଟି ବୋମା ଫୁଟାଇ ଥିଲେ। ବୋମା ବିସ୍ଫୋରଣ ଫଳରେ ତିନି ଜଣ ଗ୍ରାମବାସୀ ଆହତ ହୋଇଥିଲେ। ଆସାମୀ ଚନ୍ଦ୍ର ଶେଖର ନାୟକଙ୍କ ହାତ ପାପୁଲି ଛିଡି ଯାଇଥିଲା। ଗ୍ରାମବାସୀ ତିନି ଜଣ ଆସାମୀକୁ ଅଟକ ରଖିଥିଲେ। ପରେ ପଦ୍ମ ଚରଣ ଗଣ୍ଡା ଫୁଲବାଣୀ ସଦର ଥାନାରେ ଏତଲା ଦେଇଥିଲେ। ଏତଲା ପ୍ରକାରେ ସଦର୍ ଥାନାରେ ୩୧/୧୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ସେହି ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ଭୁବନେଶ୍ୱର- ପଲାସା, ବ୍ରହ୍ମପୁର-ଗୋଲନ୍ଥରା ମଧ୍ୟରେ ଫେନସିଂ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର, ୦୯/୦୮ (ନି.ପ୍ର): ରେଳ ନିରାପତାକୁ ବୃଦ୍ଧି କରାଇବା ସହିତ ଟ୍ରେନ ମାନଙ୍କର ବେଗବୃଦ୍ଧି ବଢାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବ ତଟ ରେଳପଥ ଭୁବନେଶ୍ୱର-ପଲାସା ରେଳ ସେକ୍ସନରେ ନିରାପତା ବାଡ (ଫେନସିଂ) ପ୍ରକଳ୍ପ ଆରମ୍ଭ କରିଛି। ଭୁବନେଶ୍ୱର ଏବଂ ପଲାସା ରେଳ ଷ୍ଟେସନ ନିକଟ ଅଂଚଳ ସହିତ ବ୍ରହ୍ମପୁର-ଗୋଲନ୍ଥରା ରେଳ ସେକ୍ସନରେ ଛୋଟ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ଏହି କାର୍ଯ୍ୟ ପ୍ରାରମ୍ଭ କରାଯାଇଅଛି । ବର୍ତମାନ ପର୍ଯ୍ୟନ୍ତ, ପ୍ରାୟ ୦୭ କିଲୋମିଟର ନିରାପତା ଜନିତ ଫେନସିଂ କାର୍ଯ୍ୟ ସମାପ୍ତ ହୋଇସାରିଛି। ଡବଲ୍ ଡବ୍ଲୁ ମେଟାଲ୍ ବିମ୍ କ୍ରାସ୍ ବ୍ୟାରିୟର ପ୍ରାୟ ୩.୯ କିମି ଅର୍ଥାତ୍ ପଲାସା ଷ୍ଟେସନ ଅଂଚଳ ନିକଟରେ ୨୪୦୦ ମିଟର ଏବଂ ବ୍ରହ୍ମପୁର-ଗୋଲନ୍ଥରା ରେଳ ସେକ୍ସନରେ ୧୫୦୦ ମିଟର ନିର୍ମାଣ କରାଯାଇଛି। ଏହା ବ୍ୟତୀତ ଭୁବନେଶ୍ୱର ନିକଟରେ ୧୬୦୦ ମିଟର ଫିକ୍ସଡ୍ ନଟ୍ ଫେନ୍ସିଂ ବ୍ୟାରିୟର କାର୍ଯ୍ୟ ମଧ ନିର୍ମାଣ କରାଯାଇଛି। ଫେନସିଂ ପାଇଁ ଏହି ସ୍ଥାନ ଗୁଡିକ ସମ୍ବେଦନଶୀଳ ସ୍ଥାନ ଭାବେ ଚିହ୍ନଟ କରାଯାଇଛି କାରଣ ରେଳ ଧାରଣା ଉଚ୍ଚତା ପ୍ରାୟ ଚଳପ୍ରଚଳ ଅଂଚଳର ଭୂମିସ୍ତର ସହିତ ସମାନ ରହିଛି ଯାହାଦ୍ୱାରା ଗୃହପାଳିତ ପଶୁ ଏବଂ ଅନଧିକାର ପ୍ରବେଶକୁ ରେଳ ଟ୍ରାକ ପାର ହେବାପାଇଁ ବାରଣ କରାଯାଇ ପାରିବ। ଏହି ନିରାପତା ବାଡ଼ କେବଳ ସୁରକ୍ଷିତ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରିବ ନାହିଁ ବରଂ ରେଳ ଧାରଣାକୁ ଅନଧିକୃତ ପ୍ରବେଶ, ରେଳ ଧାରଣା ନିକଟରେ ଗୋରୁ କିମ୍ବା ଗୃହପାଳିତ ପଶୁ ଚରାଇବା ଏବଂ ରେଳ ଲାଇନ ନିକଟରେ ବଣୁଆ ଜନ୍ତୁର ଗତିବିଧି ଉପରେ ମଧ ଏହା ପ୍ରତିବନ୍ଧକ ଲଗାଇବ। ଏହି ବାଡ଼ଦେବା କାର୍ଯ୍ୟକୁ ସୁନିଶ୍ଚିତ କରିବା ଏବଂ ଯେକୌଣସି ବ୍ୟାଘାତକୁ ଏଡାଇବା ପାଇଁ ରେଳ ମନ୍ତ୍ରଣାଳୟ ଟ୍ରାକ ନିକଟରେ ନିଜ ସୀମା ମଧରେ ପ୍ରାଚୀର ନିର୍ମାଣ କରିବାକୁ ନିଷ୍ପତି ନେଇଛି । ବର୍ତମାନର ଯୋଜନାରେ ରେଳ ଜମିର ସୀମାନ୍ତରେ ଫେନସିଂ ନିର୍ମାଣ ଅନ୍ତର୍ଭୁକ୍ତ, ପ୍ରକୃତ ଦୂରତା ସହିତ ଜୋନାଲ ରେଳ କର୍ତୃପକ୍ଷର ସ୍ଥାନିତ ସ୍ଥିତି, ରକ୍ଷଣାବେକ୍ଷଣ ଆବଶ୍ୟକତା, ମଲ୍ଟି ଟ୍ରାକିଂ କାର୍ଯ୍ୟ, ଅନଧିକାର ପ୍ରବେଶ ଏବଂ ପ୍ରସ୍ତାବିତ ବାଡ଼ର ସାମଗ୍ରିକ କାର୍ଯ୍ୟକାରିତା ଉପରେ ନିର୍ଭର କରିବ। ଏହି ପଦକ୍ଷେପଟି "ଲେଭଲ୍ କ୍ରସିଂ, ଫ୍ଲାଏଓଭର, ଉପମାର୍ଗ, ବ୍ରିଜ୍ ଏବଂ ପ୍ରବେଶ ନିୟନ୍ତ୍ରଣ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିତ ଟ୍ରାକ୍ ପ୍ରବେଶକୁ ସିଲ୍ କରିବାକୁ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ, ରେଳ ଟ୍ରାକ୍ ନିକଟରେ ଚରୁଥିବା ବା ବିଚରଣ କରୁଥିବା ଗୃହପାଳିତ ପଶୁ ରେଳ ଲାଇନରେ ପ୍ରବେଶ କରିପାରିବେ ନାହିଁ । ଏହା ମଧ ଯାତାୟାତର ସୁଗମତା ପାଇଁ ଲାଭ ପ୍ରଦାନ କରିବ ଏବଂ ପଶୁମାନଙ୍କ ଜୀବନ ନଷ୍ଟ ହେବ ନାହିଁ । ପୂର୍ବ ତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ଭଦ୍ରକ-ପଲାସା ଏବଂ ଖୋର୍ଦ୍ଧା ରୋଡ-ପୁରୀ ରେଳ ସେକ୍ସନରେ ରେଳ ଧାରଣା କଡରେ ନିରାପତା ବାଡ ଯୋଗାଇବା ପାଇଁ ରେଳ ମନ୍ତ୍ରଣାଳୟ ନିକଟରେ ୨୭୫.୦୧ କୋଟି ମଞ୍ଜୁର କରିଛି। ଏହା ସହିତ ୧୩୦ କିଲୋମିଟର ଏବଂ ତା'ଠାରୁ ଅଧିକ ବେଗରେ ଟ୍ରେନର ନିରାପଦ ଚଳାଚଳକୁ ମଧ ସହଜ କରିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି।

## ଯାତ୍ରୀଙ୍କ ପାଇଁ ପାଦେ ପାଦେ ବିପଦ

ଖୋର୍ଦ୍ଧା, ୦୯/୦୮ (ନି.ପ୍ର): ରେଳ ଷ୍ଟେସନରେ ପାଦ ଚଲା ସିଡି କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଠିକାଦାର ଜଣକ ସିଡ଼ିରେ ପୁରୁଣା ଓ ଭଙ୍ଗା ଦଦରା ସ୍ଲାବ ପକାଇ କାର୍ଯ୍ୟ ଶେଷ କରିଦେବା ପାଇଁ ମସୁଧା କରୁଛି । ଏପରିକି ସିଡି କାମ ସମୟରେ କୌଣସି ବିଭାଗୀୟ ଯନ୍ତ୍ରୀ ମଧ ଉପସ୍ଥିତ ରହୁନଥିବା ଅଭିଯୋଗ ହୋଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନ ଅନ୍ତର୍ଗତ ଭୂଷଣ୍ଡପୁର୍ ରେଳ ଷ୍ଟେସନରେ। ତେବେ ଏଠାରେ କାମ ହେଉଥିବା ସିଡିରେ ଯାତ୍ରୀ ଯାତାୟତ କଲେ ପାଦେ ପାଦେ ବିପଦ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି।ତେଣୁ ଏହି ନିମ୍ନମାନର କାର୍ଯ୍ୟକୁ ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନର ପ୍ରବନ୍ଧକ ତଦନ୍ତ କରିବା ସହ ସମ୍ପୃକ୍ତ ଠିକାଦାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି।

# କଳାହାଣ୍ଡି ଜିଲ୍ଲାରେ କୌଶଳ ରଥ କାର୍ଯ୍ୟକ୍ରମର ପ୍ରଥମ ଦିନ

ଭବାନୀପାଟଣା, ୦୯/୦୮ (ନି.ପ୍ର): ଜିଲ୍ଲାରେ ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାରଙ୍କ ତରଫରୁ କୌଶଳ ରଥ କଳାହାଣ୍ଡି ଜିଲ୍ଲା ପରିଦର୍ଶନ କରୁଅଛି ଏହି କ୍ରମରେ ପ୍ରଥମ ଦିନରେ କୌଶଳ ରଥ ଆମପାଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲା ଏଥିରେ ବୁଢାରଜା ଉଚ୍ଚ ବିଦ୍ୟାଳୟ, ଆମପାଣିର ପ୍ରାୟ ୧୨୦୦ ଛାତ୍ର ଛାତ୍ରୀମାନେ ରଥ ପରିଦର୍ଶନ କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ୍ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥଲେ। ଦ୍ୱିତୀୟ କାର୍ଯ୍ୟକ୍ରମ ଧର୍ମଗଡ଼ ପଂଚାୟତ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା ଏଥିରେ ସରକାରୀ ବାଳିକା ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ର ୧୦୦୦ ରୁ ଉର୍ଧ ଛାତ୍ର ଛାତ୍ରୀ ମାନେ ରଥ ପରିଦର୍ଶନ କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ୍ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥଲେ ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଧର୍ମଗଡ଼ ଉପ ଜିଲ୍ଲାପାଳ ଶ୍ରୀ ଧୀମାନ ଚାକମା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏହାପରେ ଜୁନାଗଡ଼ ସ୍ଥିତ କୁରୁଗୁଡ଼ା ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇ ଟି ଆଇ ଜୁନାଗଡ଼, କୁରୁଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ ଓ ପ୍ରିୟଦର୍ଶନୀ ଇନ୍ଦିରା ମହାବିଦ୍ୟାଳୟର ପ୍ରାୟ ୧୫୦୦ ଛାତ୍ର ଛାତ୍ରୀମାନେ ରଥ ପରିଦର୍ଶନ କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଯୋଗ ଦେଇଥିବାବେଳେ ଜୁନାଗଡ଼ର ଅଧକ୍ଷ ସ୍ନେହାଶିଷ ମୁଦୁଲି, କୁରୁଗୁଡ଼ା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ହୃଷିକେଶ ମେହେର ଓ ସମସ୍ତ ଶିକ୍ଷାନୁଷ୍ଠାନର ଅଧକ୍ଷ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ଅଜିତ କୁମାର ଉତରାୟ ପରିଚାଳନା କରିଥିବା ବେଳେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ କଳାହାଣ୍ଡିରୁ ଶ୍ରୀ ସୁବିଦିତ ସାମନ୍ତରାୟ, ଶ୍ରୀ ସୁବ୍ରତ ମେହେର, ପ୍ରିୟା ବୋଡାଦେ, କେଶବ ଗାଭାଳେ, ମନୋଜ ବର୍ଗରଟି ଆଦି ସହାୟତା କରିଥିଲେ। ଆସନ୍ତା କାଲି ଅଗଷ୍ଟ ୦୯ ତାରିଖ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଭବାନୀପାଟଣା, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସରକାରୀ ପଲିଟେକ୍ନିକ, ଭବାନୀପାଟଣା, ଶାହୀ ଏକ୍ସପୋର୍ଟସ, ଓଡିଶା ଆଦର୍ଶ ବିଦ୍ୟାଳୟ, ବେଦାନ୍ତ ତାଲିମ କେନ୍ଦ୍ର, ଅଗଷ୍ଟ ୧୦ ତାରିଖ ଦିନ ବିଶ୍ୱନାଥପୁର ମହାବିଦ୍ୟାଳୟ, ଲାଞ୍ଜିଗଡ଼ ଆଶ୍ରମ ବିଦ୍ୟାଳୟ, ଲାଞ୍ଜିଗଡ ମହାବିଦ୍ୟାଳୟ, ବେଦାନ୍ତ ତାଲିମ କେନ୍ଦ୍ର. ଅଗଷ୍ଟ ୧୧ ତାରିଖ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଷ୍ଟିକୁଡି ଆଶ୍ରମ ବିଦ୍ୟାଳୟ, ଅଧମୁଣ୍ଡା ଆଶ୍ରମ ବିଦ୍ୟାଳୟ ଓ କେସିଙ୍ଗା ମହାବିଦ୍ୟାଳୟ ଗସ୍ତ କରି ବୋର୍ଡ଼ା ଠାରେ ନୂଆପଡା ଜିଲ୍ଲାକୁ ହସ୍ତାନ୍ତର କରାଯିବ ପାଇଁ ଧାର୍ଯ୍ୟ କରାଯାଇଛି ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତରାୟ ପ୍ରକାଶ କରିଛନ୍ତି।

# ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂରକ୍ଷଣ ବ୍ୟବସ୍ଥା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା, ୦୯/୦୮ (ନି.ପ୍ର): ମୂଳ ନିବାସୀ ୟୁନାଇଟେଡ ଫୋରମ ଓଡିଶା କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ମୌଳିକ ଅଧିକାର ସଂରକ୍ଷଣ ଅକ୍ଷୁର୍ଣ୍ଣ ରଖିବା ପାଇଁ ମାନ୍ୟବର ସୁପ୍ରିମ କୋର୍ଟଙ୍କ ବହୁଜନ ବର୍ଗୀୟକରଣ ରାୟ ପ୍ରତିବାଦରେ ଦେଶବ୍ୟାପି ଭାରତ ବନ୍ଦକୁ ଫୋରମ ତରଫରୁ ଓଡିଶାରୁ ସମର୍ଥନ କରାଯାଉଛି । ମୂଳବାସୀ ସମାଜକୁ ମୁଖ୍ୟ ସ୍ରୋତକୁ ଆଣି ସାମାଜିକ, ଆର୍ଥିକ, ରାଜନୈତିକ, ଧାର୍ମିକ ଓ ସାଂସ୍କୃତିକ ପରିବର୍ତନ ପାଇଁ ଭାରତବର୍ଷର ମୁକ୍ତିଦାତା ସମ୍ବିଧାନ ପ୍ରଣେତା ବାବା ସାହେବ ଡ଼ଃ ଭୀମରାଓ ଆମ୍ବେଦକରଙ୍କ ସମ୍ବିଧାନ ରେ ବହୁ ବର୍ଷ ସଂଘର୍ଷ କରି ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି । ଅନୁଚ୍ଛେଦ ୧୭ ଧାରା ଅନୁଯାୟୀ ଦେଶରେ ଯେପର୍ଯ୍ୟନ୍ତ ହିନ୍ଦୁ ଧର୍ମର କଳୁଷିତ ଜାତିପ୍ରଥା ରେ ଅସ୍ପୃଶ୍ୟତା ଥିବ ସେପର୍ଯ୍ୟନ୍ତ ଏହିବର୍ଗକୁ ବିକାଶ ସୁରକ୍ଷା ସହ ଆତ୍ମ ମର୍ଯ୍ୟାଦା ସ୍ୱାଭିମାନ ପାଇଁ ଏହା ମୌଳିକ ଅଧିକାର ଭାବେ ବଳବତର ରହିବ । ସୁପ୍ରିମ କୋର୍ଟଙ୍କ ସମ୍ବିଧାନିକ ବେଂଚ୍ ପ୍ରଥମେ ପଛୁଆ ବର୍ଗଙ୍କୁ ନିଯୁକ୍ତି ଓ ପରେ ପଦୋନ୍ନତିରେ ସଂରକ୍ଷଣରୁ ବଂଚିତ କଲା । ତାପରେ ରାଷ୍ଟ୍ରାୟାତ ସଂସ୍ଥାକୁ ଘରୋଇ କରଣ କରି ଶିଳ୍ପ କଳ କାରଖାନା, ବେସରକାରୀ ସଂସ୍ଥା, ଠିକା ଏଜେନ୍ସିମାନଙ୍କରେ ଏସ୍‌ସି, ଏସ୍‌ଟି ବର୍ଗଙ୍କୁ ନିଯୁକ୍ତିରୁ ହଟାଇ ଦିଆଗଲା । ସଂରକ୍ଷଣ ବ୍ୟବସ୍ଥାକୁ ୨୦୦୪ ମସିହାରୁ ଆରମ୍ଭ ହୋଇଥିବା ଷଡଯନ୍ତ୍ର ୨୦ ବର୍ଷ ପରେ ମନୁବାଦୀ ସରକାର ଚଂଚକତା ଭାବେ ମୂଳ ନିବାସୀ ସମାଜର ଅନୁସୂଚିତ ଜାତି ଓ ଜନଜାତିଙ୍କୁ ବିଭାଜନ କରି ମୌଳିକ ଅଧିକାରକୁ ଜାତି ଭିତରେ ଉପଜାତି ସୃଷ୍ଟି କରିଛନ୍ତି । ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ ସମୟରେ ଭୀମ ଆର୍ମିର ଜିଲ୍ଲା ସଭାପତି ନଗେନ୍ଦ୍ର ଜେନା, ସଂପାଦକ ଦିଲିପ କୁମାର ମଲିକ, ଏ.ଆଇ.ଏସ.ଏସ.ଡିର ସଭାପତି ଖଗେଶ୍ୱର ମଲିକ, ଅଇନଜୀବି ଅପୂର୍ବ ରଂଜନ ସେଠୀ, ବିଳାଶୁଣୀ ମଲିକ, ସୁପ୍ରଭା ମଲିକ, ମନୋରଂଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ଓ ଉପରିସ୍ଥ ଅଧିକାରୀଙ୍କୁ ଅସମ୍ମାନ ପାଇଁ ଚତୁର୍ଥ ଶ୍ରେଣୀ କର୍ମଚାରୀ ସନ୍ତୋଷ କୁଣ୍ଡୁ ନିଲମ୍ବିତ

କେନ୍ଦ୍ରାପଡ଼ା, ୦୯/୦୮ (ନି.ପ୍ର): ଛାତ୍ରଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ଓ ଉପରିସ୍ତ ଅଧିକାରୀଙ୍କୁ ଅସମ୍ମାନ ଅଭିଯୋଗରେ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସନ୍ତୋଷ କୁଣ୍ଡଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ନିଲମ୍ବନ କରିଛନ୍ତି । ଶ୍ରୀ କୁଣ୍ଡୁଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସେହି ଅଭିଯୋଗର ତଦନ୍ତ ପାଇଁ ଏକ ତିନି ଜଣିଆ ଟିମ କେନ୍ଦ୍ରାପଡା ତହସିଲଦାର, କେନ୍ଦ୍ରାପଡା ବିଡିଓ ଏବଂ ଟାଉନଥାନା ଅଧିକାରୀଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ତଦନ୍ତ ରିପୋର୍ଟ ପାଇବା ପରେ ଜିଲ୍ଲାପାଳ ତଦନ୍ତ ରିପୋର୍ଟକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଠାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁଯାୟି ଜିଲ୍ଲା ଶିକ୍ଷା ଅଧିକାରୀ ଆଜି ପତ୍ର ସଂଖ୍ୟା- ୮୪୭୬/ଏମ ତା ୭.୦୮.୨୦୨୪ରିଖରେ ତାଙ୍କୁ ନିଲମ୍ବନ କରିଛନ୍ତି । ସୂଚାନଯୋଗ୍ୟ ଯେ ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଶ୍ରୀ କୁଣ୍ଡୁଙ୍କ ମନମୁଖି କାର୍ଯ୍ୟକଳାପ ବିରୋଧରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା । ସଂପୃକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣଙ୍କ କାର୍ଯ୍ୟକଳାପ ଏପରି ଥିଲା ଯେ ସେ କୁଚକ୍ରାନ୍ତ କରି ବିଦ୍ୟାଳୟରେ ବିଶୃଙ୍ଖଳା ଜନିତ କାର୍ଯ୍ୟକଳାପ, ବିଦ୍ୟାଳୟକୁ ଆସୁଥିବା ସରକାରୀ ଅନୁଦାନକୁ ତାଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟକାରୀ କରିବା ସହ ଲାଂଚ ଦାବି କରିବା, କର୍ମଚାରୀମାନଙ୍କୁ ଭିଜିଲାନ୍ସର ଧମକ ଦେବା ପ୍ରଭୃତି । ବିନା କାରଣରେ କେତେକ ଶିକ୍ଷକ ଓ ପୁରାତନ ଛାତ୍ରମାନଙ୍କୁ ସେ ଥାନାରେ ପୁରାଇଥିବା ମଧ ଅଭିଯୋଗ ହୋଇଛି ।

# ସିକ୍ୟୁରିଟି ଗାର୍ଡ ଚାକିରୀ କରାଇବା ନାଁରେ ଟଙ୍କା ଲୁଟ୍

ଧର୍ମଶାଳା, ୦୯/୦୮ (ନି.ପ୍ର): ଚାକିରୀର ପ୍ରଲୋଭନ ଦେଖାଇ ବେକାରୀ ଯୁବକ ଯୁବତୀଙ୍କଠାରୁ ଟଙ୍କା ଲୁଟି ନେବା ନେଇ ଘଟଣା ସାମ୍ନାକୁ ଆସିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ । ଯାହାକୁ ନେଇ ବେକାର ଯୁବକ ଯୁବତୀମାନେ ଚାକିରୀ ପାଇବା ଆଶାରେ ଘରେ ବସି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନା ମୁତାବକ, ବ୍ରହ୍ମବରଦା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ସୁରକ୍ଷା ଦାୟିତ୍ୱରେ ଥିବା ଚନ୍ଦ୍ର ମୋହନ ହେମରମ୍ ଦୀର୍ଘ ଦିନ ହେବ ଦାୟିତ୍ୱରେ ରହିଛନ୍ତି। ତେବେ ବହୁ ଦିନ ରହିବା ପରେ ବ୍ରହ୍ମବରଦା ଅଂଚଳରେ ସମ୍ପର୍କ ବଢାଇ ଚାଲିଥିଲେ । ଖାଲି ବ୍ରହ୍ମବରଦା ନୁହେଁ ଜିଲା ବାହାରକୁ ତାଙ୍କ ସମ୍ପର୍କ ଲମ୍ବିଥିବା ଜଣାପଡିଛି । ତେବେ ସ୍ଥାନୀୟ ଅଂଚଳ କିଛି ଯୁବକ ତାଙ୍କ ସମ୍ପର୍କରେ ଆସିଥିଲେ । ସେମାନଙ୍କୁ ସିକ୍ୟୁରିଟି ଗାର୍ଡ ଚାକିରୀ କରାଇ ଦେବାକୁ କହିଥିଲେ । ଫଳରେ ସେମାନେ ଚନ୍ଦ୍ର ମୋହନଙ୍କ ସହାୟତାରେ କୁଆଖିଆ, ବ୍ରହ୍ମବରଦା, ଯାଜପୁର ଟାଉନ ଓ ବାଲେଶ୍ୱର ଅଂଚଳର ବେକାର ଯୁବକ ଯୁବତୀଙ୍କୁ ଇଣ୍ଡିଆନ ପୋଷ୍ଟ ଆଣ୍ଡ ସିକ୍ୟୁରିଟି ମ୍ୟାନେଜମେଂଟ ସର୍ଭିସ୍ ଅଧିନରେ ଚାକିରୀ କରାଯାଇ ଦେବାକୁ କହିଥିଲେ । ଇଣ୍ଡିଆନ୍ ପୋଷ୍ଟର ମୁଖ୍ୟ ଭୁବନେଶ୍ୱର ପୋଖରୀପୁଟ ଦଳେଇ ସାହି ଅଂଚଳର ସିମନ ନାୟକଙ୍କ ସହ ଯୋଗାଯୋଗ କରାଯାଇ ଦେଇଥିଲେ । ଫଳରେ ସିମନ କୁଆଖିଆ ଅଂଚଳର ୨,ବ୍ରହ୍ମବରଦା ଅଂଚଳର ୨,ଯାଜପୁର ଟାଉନ ଅଂଚଳର ୨ ଓ ବାଲେଶ୍ୱର ଅଂଚଳର ୨ ଜଣଙ୍କ ଯୋଗାଯୋଗ କରି ଡ୍ରେସ୍ ଓ ଯୋତା ଯୋଗାଇ ଦେବା ସହ ଚାକିରୀ କରାଇ ଦେବାକୁ କହି ଫୋନ ପେ ମାଧ୍ୟମରେ ପ୍ରତ୍ୟେକଙ୍କଠାରୁ ୫ ହଜାର ଟଙ୍କା ମୋଟ ସହ ମୋଟ ୪୦ ହଜାର ନେଇ ଯାଇଥିଲେ । ଘଟଣାକୁ ୩ ମାସ ବିତି ଯାଇଥିଲେ ମଧ୍ୟ ସେମାନଙ୍କୁ ନା ମିଳିଲା ଚାକିରୀ ନା ମିଳିଲା ଡ୍ରେସ୍ ଓ ଯୋତା । ସେମାନେ ଏନେଇ ସିମନ ଓ ଚନ୍ଦ୍ର ମୋହନଙ୍କ ସହ ଯୋଗାଯୋଗ କରିଥିଲେ । ସିମନ ସେମାନଙ୍କ ଫୋନ୍‌ରେ ମାତ୍ର କିଛି ସମୟ କଥାବର୍ତା କରିବା ପରେ ଫୋନ ବନ୍ଦ କରି ଦେଉଥିଲା । ଅନ୍ୟ ପକ୍ଷେ ଚନ୍ଦ୍ର ମୋହନଙ୍କ ସହ ବାରମ୍ବାର ଯୋଗାଯୋଗ କଲେ ମଧ୍ୟ ମୁଁ କଣ କରିବି ବୋଲି ସମୟ ଗଡାଇ ଚାଲିଛନ୍ତି । ତେବେ ବେକାର ଯୁବକ ଯୁବତୀମାନେ ବିଭିନ୍ନ ଉପାୟରେ ଟଙ୍କା ଆଣି ସେମାନଙ୍କୁ ଦେଇଥିଲେ । ଫଳରେ ସେମାନେ ଏବେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ଟଙ୍କା ଫେରି ପାଇବାକୁ ଗୋପାଳ ଚନ୍ଦ୍ର ଲେଙ୍କା,ଅନିଲ ବିଶ୍ୱାଳ,ରଂଜିତ ସାହୁ,ସୁମନ୍ତ ବେହେରା, ରାଧେଶ୍ୟାମ ନାୟକ,ରାଜଲକ୍ଷ୍ମୀ ବେହେରା ଓ ବିକ୍ରମ ବେହେରା ପ୍ରମୁଖ ଦାବି କରିଛନ୍ତି । ତେବେ ସେମାନେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବେ ବୋଲି ସେମାନଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଭଳି ସିକ୍ୟୁରିଟି ଗାର୍ଡକୁ ଏହି ଶାଖାରେ ଦୀର୍ଘ ଦିନ କିପରି ରଖା ଯାଇଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୂର୍ବରୁ ଚନ୍ଦ୍ର ମୋହନ ଏହି ବ୍ୟାଙ୍କକୁ ଆସୁଥିବା ଗ୍ରାହକମାନଙ୍କୁ ଦୁର୍ବ୍ୟବହାର କରିବା ନଜିର ରହିଛି । ଖାଲି ସେତିକି ନୁହେଁ କିଛି ଦିନ ପୂର୍ବେ ନିଜ ବନ୍ଧୁକରୁ ଗୁଳି ଫୁଟିବା ମଧ୍ୟ ନିଜର ରହିଛି । ହେଲେ ଏହି ଗୁଳି କୌଣସି ଗ୍ରାହକ ଦେହରେ ନ ବାଜି କାନ୍ଥରେ ବାଜି ଥିଲେ । ଏନେଇ ସ୍ଥାନୀୟ ଲୋକେ ଶାଖା ମୁଖ୍ୟ ପରିଚାଳକ ଓ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ତାଙ୍କୁ ଏହାରୁ ବାହାର କରି ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା । ହେଲେ ଏଭଳି ବିବାଦୀୟ ସୁରକ୍ଷା କର୍ମୀ ଏହି ଶାଖାରେ ପୁଣି ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଦୀର୍ଘ ଦିନ ହେବ କିପରି ରହିଛନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## କେନ୍ଦୁଝରରେ ଅଣସଂଗଠିତ ଶ୍ରମିକ ସଚେତନତା ଓ ପଂଜିକରଣ ଶିବିର

କେନ୍ଦୁଝର, ୦୯/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଶ୍ରମ କାର୍ଯ୍ୟାଳୟଓ ଜିଲ୍ଲା ପ୍ରଶାସନ କେନ୍ଦୁଝରର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଅଣସଂଗଠିତ ଶ୍ରମିକ ସଚେତନତା ଓ ପଂଜିକରଣ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ରବାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟସରକାରଙ୍କ ପକ୍ଷରୁ ବିଭିନ୍ନ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକ ମାନଙ୍କ ନିମନ୍ତେ ଉପଲବ୍ଧଥିବା ସହାୟତା ବାବଦରେ ଆଲୋକପାତ କରାଯାଇଥିଲା। ଅଣସଂଗଠିତ ଶ୍ରମିକ ଭାବେ ପଂଜିକରଣ ନିମନ୍ତେ ଆବଶ୍ୟକ ଥିବା ସ୍ତାବିଜ ସଂପର୍କରେ ସୂଚନା ଦିଆଯାଇ ଉପସ୍ଥିତ ଶ୍ରମିକ ମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷ କେନ୍ଦୁଝର ଭାରପ୍ରାପ୍ତ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ମଲ୍ଲିକ, ଡିଭିଜନାଲ ଲେବର କମିଶନ ନରେନ୍ଦ୍ରକୁମାର ଗାଇପାଇ, ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟ ନାରାୟଣ ମାଲି ପ୍ରମୁଖ ଉପସ୍ଥିତ ଥିଲେ । ସହକାରୀ ଶ୍ରମ ଅଧିକାରୀ ଅନ୍ତିମ ସ୍ୱାଇଁସଭା ପରିଚାଳନା କରିଥିବା ବେଳେ ହରପ୍ରିୟା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାପାନୀ ପ୍ରତିନିଧି ଦଳଙ୍କ ସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଆଲୋଚନା

ଭୁବନେଶ୍ୱର, ୦୯/୦୮ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ସହ ସାକ୍ଷାତ କଲେ ଜାପାନୀ ପ୍ରତିନିଧି ଦଳ। ଓଡ଼ିଶାରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଧନ୍ଦାମୂଳକ ତାଲିମ୍ ଶିକ୍ଷାନୁଷ୍ଠାନ କିମ୍ବା ବିଶ୍ୱବିଦ୍ୟାଳୟ ଗଠନ ନେଇ ଆଲୋଚନା କରିଛନ୍ତି ଜାପାନର ସୁକୁବା ବିଶ୍ୱବିଦ୍ୟାଳୟର ଅଧକ୍ଷ ରୁୟିଚି ଆଓକି। ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟରେ ଉପଯୁକ୍ତ ଶିକ୍ଷା ଓ ତାଲିମ୍ ପ୍ରଦାନ କରି ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଚାକିରି ସୁଯୋଗ ସୃଷ୍ଟି କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ ବୋଲି ରୁୟିଚି ଆଓକି ମତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜାପାନର ସୁକୁବା ବିଶ୍ୱବିଦ୍ୟାଳୟ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରୁଛି । ବିଶ୍ୱବିଦ୍ୟାଳୟରୁ ଉତୀର୍ଣ୍ଣ ହେବା ପରେ ପ୍ରାୟ ୪୦ ପ୍ରତିଶତ ଛାତ୍ରଛାତ୍ରୀ ସୂଚନା ଓ ପ୍ରଯୁକ୍ତିବିଦ୍ୟା, ବୈଷୟିକ ଶିକ୍ଷା, ମେଡ଼ିକାଲ ଭଳି ଅନେକ କ୍ଷେତ୍ରରେ ଚାକିରି କରୁଛନ୍ତି। ଜାପାନରେ ପ୍ରାୟ ୬୭ ଟି ଦୃଷ୍ଟିବାଧିତ ବିଦ୍ୟାଳୟ ରହିଛି, ଯେଉଁଠାରେ ଛାତ୍ରଛାତ୍ରୀମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ମଧ କରାଯାଉଛି । ୫ ଜଣିଆ ପ୍ରତିନିଧି ଦଳ ମଧରେ ନିହୋଣ ଉତ୍କଳ ଏଂଟରପ୍ରାଇଜେସ୍ ସର୍ଭିସେସ୍ ର ଦେବେନ୍ଦ୍ର ମୋହାନ୍ତ , ନିଟକଲର ବରିଷ୍ଠ ପରାମର୍ଶଦାତା କେଇ ୟାମାଗୁଚି, ଆକ୍ୟୁପଂଚର ଓ ମୋକ୍ସିବୁସନ୍ ବିଭାଗର ମୁଖ୍ୟ ତୋମୋହିରୋ ମାଏଦା ଓ ନାଓସି ତେରାସାକି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିବାବେଳେ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ଼କାୟତି ମାମଲା : ଫେରାର୍ ଅଭିଯୁକ୍ତ ଗିରଫ

ଜୟପୁର, ୦୯/୦୮ (ନି.ପ୍ର): ଡକାୟତି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ଧାରଣାବେଢାର କ୍ଷୀରୋଜ ଭକ୍ତ (୨୦) । ପୋଲିସ ସୂଚନା ଅନୁଯାଇ, ଜୟପୁର ସଦର ଥାନା ଅନ୍ତର୍ଗତ ବାଙ୍କବିଜା ଠାରେ ଡକାୟତି ହୋଇଥିଲା । ଏହି ମାମଲାରେ ଆଗରୁ ୨ ଜଣ ଗିରଫ ହୋଇଥିବା ବେଳେ ଅଭିଯୁକ୍ତ କ୍ଷୀରୋଜ ଫେରାର ଥିଲା। ଆଜି ଜୟପୁରରୁ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ରାମଗୋପାଲ ହିନ୍ଦୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ବିତର୍କ ପ୍ରତିଯୋଗିତା

ବଲାଙ୍ଗୀର, ୦୯/୦୮ (ନି.ପ୍ର): ବଲାଙ୍ଗୀର ରାମ ଗୋପାଳ ହିନ୍ଦୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ହିନ୍ଦୀ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି ସନ୍ତୋଷ କୁମାର ଅଗ୍ରୱାଲ(ମୋଦୀ)ଙ୍କ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଛାତ୍ରମାନେ ହିନ୍ଦୀ ଭାଷା ମାଧ୍ୟମରେ "ଜୀବଜନ୍ତୁଙ୍କ ପାଇଁ ପରିବେଶର ସୁରକ୍ଷା ଆବଶ୍ୟକ" ଶୀର୍ଷକରେ ନିଜର ବକ୍ତବ୍ୟ ରଖଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ଗାୟତ୍ରୀ ସାହୁ ଅଧକ୍ଷତା କରିଥିଲେ ଏବଂ ବିଚାରପତି ଭାବ ରେ ସାମ୍ବାଦିକ ଶ୍ରୀ ପଓ୍ୱନ ଅଗ୍ରୱାଲ, ଜିଲ୍ଲା ଗ୍ରାହକ ସୁରକ୍ଷା ଫୋରମର ସଭାପତି, ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ଜେ.ଏସ୍.ଏମ୍. କଲେଜର ହିନ୍ଦୀ ବିଭାଗର ଶିକ୍ଷକ ସଦାସିବ ସାହୁ ବିଚାରକ ଭାବରେ ଉପସ୍ଥିତ ଥିଲେ। ଏହି ମଂଚକୁ ହିନ୍ଦୀ ଶିକ୍ଷକ ଶ୍ରୀ ସୁଶାନ୍ତ କୁମାର ନାୟକ ଏବଂ ଏହି ବିଦ୍ୟାଳୟର ଶିକ୍ଷକ ଶ୍ରୀମତୀ ଅଲକା ବେହେରା ପରିଚାଳନା କରିଥିଲେ ଏବଂ ଅନ୍ୟ ଛାତ୍ର ତଥା ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଲୟ ବିଦ୍ୟାଳୟର ଛାତ୍ର ସୁପ୍ରୀତ କୁମାର ମିଶ୍ର ପ୍ରଥମ, ଲିଟିଲ ଫ୍ଲାର ବିଦ୍ୟାଳୟର ଛାତ୍ରୀ ଶ୍ରେୟଂଶୀ ଜୈନ ଦ୍ୱିତୀୟ ସ୍ଥାନ ଏବଂ ବିଶ୍ୱମ୍ଭା ବିଦ୍ୟା ମନ୍ଦିରର ଛାତ୍ରୀ ବିନ୍ଦିଆ ବେହେରା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗୀମାନଙ୍କୁ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ରେ ପୁରସ୍କୃତ କରାଯିବ । ମନୋହରପୁର ପ୍ୟାରେଡ ଗ୍ରାଉଣ୍ଡରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସ୍ୱାଧୀନତା ଦିବସରେ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ।

# ଜିଲ୍ଲାସ୍ତରୀୟ ପୋଲିସ ଓ ପ୍ରଶାସନ ସମନ୍ୱୟ ବୈଠକ

ସୁବର୍ଣ୍ଣପୁର, ୦୯/୦୮ (ନି.ପ୍ର): ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନେଇ ସୁବର୍ଣ୍ଣପୁର ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମନ୍ୱୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଅଧକ୍ଷତା କରି ଜିଲ୍ଲାର ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ସମନ୍ୱୟ ବୈଠକରେ ସେ ଜିଲ୍ଲା ପ୍ରଶାସନ ସହ ପୋଲିସ ପ୍ରଶାସନର ସମନ୍ୱୟ ରକ୍ଷା କରି ତ୍ୱରିତ ଭାବେ ବକେୟା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଗୁରତ୍ୱାରୋପ କରିଥିଲେ। ବିଶେଷ କରି ରାଜସ୍ୱ, ଜଙ୍ଗଲଜମି, ଅନୁସୂଚିତ ଜାତି ଓ ଜନଜାତି ସମ୍ପର୍କିତ କାର୍ଯ୍ୟକୁ ସୁ ସମନ୍ୱୟ ରକ୍ଷା ପୂର୍ବକ ସମ୍ପାଦନ ସହ ଜନସାଧାରଣଙ୍କୁ ସେବା ପହଂଚାଇବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକଙ୍କ ସହ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ। ସେହିପରି ଜିଲ୍ଲାପ୍ରଶାସନ ତରଫରୁ ଉପଜିଲ୍ଲାପାଳ ସୋନପୁର ସୂରଜ ପଟ୍ଟନାୟକ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ସମସ୍ତ ତହସିଲଦାର, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଡିଡବ୍ଲୁଓ ଅଚ୍ୟୁତାନନ୍ଦ ସିଂ, ଆରଟିଓ ଅକ୍ଷୟ କୁମାର ଜେନା, ଟିପିଡବ୍ଲୁ ଓ ଡିଏଲ ନିର୍ବାହୀ ଯନ୍ତ୍ରୀ ଅଶୋକ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର(ନ୍ୟାୟିକ ଶାଖା) କେ ରିଚି କୁମାର, ବରିଷ୍ଠ କିରାଣୀ ଦିନେଶ ମିଶ୍ର ସହ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ରାଜସ୍ୱ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଟ୍ରାକ୍ଟର ଧକ୍କାରେ ବାଇକ ଆରୋହୀ ମୃତ

ବାଲିଆପାଳ , ୯/୮ (ନି.ପ୍ର): ମାଛ ନେଇ ଆସୁଥିବା ବେଳେ ବାଇକ ଆରୋହୀକୁ ଆଗପଟୁ ଧକ୍କା ଦେଲା ଚିପ୍ସ ଓ ରଡ଼ ବୋଝେଇ ଟ୍ରାକ୍ଟର। ଘଟଣା ସ୍ଥଳରେ ବାଇକ ଆରୋହୀର ମୃତ୍ୟୁ ହୋଇଛି । ମୃତ ବାଇକ ଆରୋହୀ ଜଣକ ହେଲେ ମୁରଲୀଧର ମଣ୍ଡଳ ।ବୟସ ( ୪୫) ।ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା କାଳରୁଇ ଗ୍ରାମର ମୁରଲୀଧର ମଣ୍ଡଳ ଆଜି ଦିନ୯ ଟା ୩୦ ମିନିଟ ସମୟରେ ନିଜ ବାଇକରେ ଡଗରା ଅଞ୍ଚଳରୁ ମାଛ ବୋଝେଇ କରି ବାଲିଆପାଳ ବଜାରକୁ ବିକିବା ପାଇଁ ଆସୁଥିଲେ। ବାଲିଆପାଳ - କାଳିପଦା ମୁଖ୍ୟ ରାସ୍ତାର କେନାଲ ଆଡି ଛକ ନିକଟରେ କାଳିପଦା ଅଭିମୁଖେ ଦ୍ରୁତଗତିରେ ଯାଉ ଥିବା ଏକ ଚିପ୍ସ ଓ ରଡ ବୋଝେଇ ଟ୍ରାକ୍ଟର ତାଙ୍କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବାଇକ ଆରୋହୀର ବାଇକରୁ ତଳକୁ ଛିଟିକି ପଡ଼ିଥିଲେ।ଏହି ସୁଯୋଗରେ ଟ୍ରାକ୍ଟରଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ବାଇକ ଆରୋହୀକୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଆପାଳ ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଜାରି ରଖିଛି । ପୁଲିସ ଟ୍ରାକ୍ଟର ଓ ଟ୍ରାକ୍ଟର ଡ୍ରାଇଭରକୁ ଖୁବ ଶୀଘ୍ର ଗିରଫ କରିବ ବୋଲି ପ୍ରକାଶ କରିଛି। ଘଟଣା କୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳ ରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## କେନ୍ଦ୍ରାପଡ଼ା କୋର୍ଟ ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୯/୮ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଓକିଲ ସଂଘ ମିଳିତ ଆନୁକୂଲ୍ୟ ରେ ଏକ ସ୍ୱାସ୍ଥ୍ୟ ଶିବିର ଜିଲ୍ଲା କୋର୍ଟ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ମାନ୍ୟବର ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ ମହାନ୍ତି ଉଦ୍‌ଘାଟନ କରିଥିଲେ । ଓକିଲ ସଂଘ ସଭାପତି ଧ୍ରୁବ ଚରଣ ଜେନା, ସଂପାଦକ ବ୍ରଜ ସୁନ୍ଦର ରାଉତ ପ୍ରମୁଖ ଉପସ୍ଥିତ ରହି କୋର୍ଟର କର୍ମଚାରୀ, ଆଇନଜୀବି, ସ୍ଥାନୀୟ ଅଂଚଳର କେତେକ ବାସିନ୍ଦା ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ପରୀକ୍ଷା କରାଇଥିଲେ । ଭୁବନେଶ୍ୱର ର ସନ୍ ସାଇନ ମେଡିକାଲ ତରଫରୁ ବହୁ ବିଶେଷଜ୍ଞ ଡାକ୍ତର ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଲୋକଙ୍କର ସ୍ୱାସ୍ଥ୍ୟସେବା କରିଥିବାରୁ ତାଙ୍କୁ ପ୍ରଶଂସା କରାଯାଇଛି । ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ଏହି ଶିବିରକୁ ପରିଚାଳନା କରିଥିଲେ ।

# ଘରେ ଘରେ ତ୍ରିରଙ୍ଗା ଅଭିଯାନ: ବିନା ମୂଲ୍ୟରେ ଏକ ଲକ୍ଷ ତେୟାଅଶୀ ହଜାର ଜାତୀୟ ପତାକା ଲୋକଙ୍କୁ ଯୋଗାଇବା ଲକ୍ଷ୍ୟ

ବାରିପଦା, ୯/୮ (ନି.ପ୍ର): ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି ଓ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗଦର୍ଶନ ଅନୁଯାଇ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସମଗ୍ର ଭାରତର ନାଗରିକଙ୍କୁ ସାମିଲ କରି ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେବା ସହ ମିଶନ ଶକ୍ତି ସଦସ୍ୟଙ୍କୁ ରୋଜଗାର ଯୋଗାଇବା ଭଳି ମହତ ଉଦେଶ୍ୟକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ସହ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟକି, ମୟୂରଭଞ୍ଜ ଜିଲ୍ଲା, ଏହି ଅଭିଯାନର ସଫଳତା ତଥା ସମଗ୍ର ବିଶ୍ୱବସୀଙ୍କୁ ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେବା ପାଇଁ ସମଗ୍ର ଜିଲ୍ଲା, ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ତ୍ରିରଙ୍ଗା ଯାତ୍ରା, ତ୍ରିରଙ୍ଗା କାନଭାସ ଓ ଶପଥପାଠ କାର୍ଯ୍ୟକ୍ରମ ଅୟୋଜୋନ କରାଯିବ ଓ ଏଥିପାଇଁ ଆବଶ୍ୟକୀୟ ସଂଖ୍ୟକ ଜାତୀୟ ପତାକା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଇବେ ଓ ଜିଲ୍ଲାର ମଣ୍ଡଳ ଉନ୍ନୟନ ଅଧିକାରୀ ଓ ପୌର ପାଳିକା/ ମହାନଗର ନିଗମର କାର୍ଯ୍ୟନିର୍ବାହୀ ଅଧିକାରୀ/ ପୌର ଆୟୁକ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ସମ୍ପାଦନ ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଆଦେଶ କ୍ରମେ ବିନା ମୂଲ୍ୟରେ ସମୁଦାୟ ଏକ ଲକ୍ଷ ତେୟାଅଶୀ ହଜାର (୧,୫୦,୦୦୦ (୨୬ଟି ବ୍ଲକ ପାଇଁ)+୩୩,୦୦୦ (ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ପାଇଁ)) ଜାତୀୟ ପତାକା ଲୋକଙ୍କୁ ଯୋଗାଇବା ଲକ୍ଷ୍ୟ ରଖି ଜିଲ୍ଲାର ୨୬ ଗୋଟି ବ୍ଲକ ସ୍ତରୀୟ ମହାସଂଘ/ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଜାତୀୟ ପତାକା ଯୋଗାଇବା ପାଇଁ ଦାୟିତ୍ୱ ଦିଆଯାଇଛି ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସମସ୍ତ ଭାରତୀୟଙ୍କ ସ୍ୱାଭିମାନ ଏବଂ ସମ୍ମାନର ପ୍ରତୀକ ତ୍ରିରଙ୍ଗା ପତାକାକୁ ଗର୍ବ ଓ ସମ୍ମାନର ସହ ଉଡାଇବା ପାଇଁ ଅନୁରୋଧ କରିଛନ୍ତି ଏବଂ ୱେବ୍ସାଇଟରେ ଶପଥପାଠ କରି କିମ୍ୱା ତ୍ରିରଙ୍ଗା ପତାକା ସହିତ ନିଜର ସେଲଫି ଅପଲୋଡ କରି କେନ୍ଦ୍ର ସରକାରଙ୍କ ପ୍ରମାଣ ପତ୍ର ଗ୍ରହଣ କରିବା ସହ ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେବା ପାଇଁ ସମସ୍ତ ଜିଲ୍ଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ଏତଦବ୍ୟତୀତ ସମସ୍ତ ବିଡ଼ିଓ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ମିଶନ ଶକ୍ତି, ଶିକ୍ଷା, ସଂସ୍କୃତି ଏବଂ ସୂଚନା ଓ ଲୋକ ସଂପର୍କ ଭିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଅଭିଯାନର ସଫଳତା ପାଇଁ ବିଭିନ୍ନ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଆରସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ




ପାରାଦ୍ୱୀପ, ୯/୮: ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ମୂଷାଡ଼ିଆ ଠାରେ ଏକ ଜନ ସଚେତନତା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କମ୍ପାନୀର ସିଏସଆର ଶାଖାର ଡଃ ନିରଞ୍ଜନ ଦ୍ୱିବେଦୀଙ୍କ ନେତୃତ୍ୱରେ ଆଲୋଚନା ଚକ୍ରରେ ଶିଶୁମାନଙ୍କ ପାଇଁ ମା' କ୍ଷୀରର ଉପକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଶିଶୁର ବୃଦ୍ଧି ଏବଂ ବିକାଶ ନିମନ୍ତେ ମା'କ୍ଷୀରରେ ରହିଥିବା ଜରୁରୀ ଭିଟାମିନ୍, ମିନେରାଲ୍ସ ଏବଂ ଆଣ୍ଟିବଡି ଗୁଡିକର ଆବଶ୍ୟକତା ଉପରେ ସେ ଆଲୋଚନା କରିଥିଲେ । ଏହା ସହିତ ସେ ଆଲର୍ଜି, ଅସୁସ୍ଥତା, ମେଦବହୁଳତା, ମଧୁମେହ ଏବଂ କର୍କଟ ଭଳି ରୋଗ ତଥା କାନ ସଂକ୍ରମଣ ଭଳି ସାଧାରଣ ସଂକ୍ରମଣରୁ ଶିଶୁମାନଙ୍କୁ ସୁରକ୍ଷା ଦେବାରେ ସ୍ତନ୍ୟପାନର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ ।ଡକ୍ଟର ଦ୍ୱିବେଦୀ ଉଭୟ ମା' ର ସ୍ୱାସ୍ଥ୍ୟ ଏବଂ ଉତ୍ତମ ସ୍ତନ୍ୟପାନ ପାଇଁ ଏକ ସନ୍ତୁଳିତ ଖାଦ୍ୟ ବଜାୟ ରଖିବାର ଆବଶ୍ୟକତା ବିଷୟରେ ଉଲ୍ଲେଖ କରିଥିଲେ। ଏହା ସହିତ ଏକ ଉପଯୁକ୍ତ ଖାଦ୍ୟାଭ୍ୟାସ ମା' କ୍ଷୀରରେ ଶିଶୁର ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପୋଷକ ତତ୍ତ୍ୱର ଉପସ୍ଥିତିକୁ ସୁନିଶ୍ଚିତ କରିଥାଏ ବୋଲି ସେ କହିଥିଲେ ।ଏହି ଅଧିବେଶନରେ ଅଙ୍ଗନୱାଡି କର୍ମୀ, ସହାୟକ ନର୍ସ ଏବଂ ପ୍ରସବ ସହାୟିକା କର୍ମଚାରୀ, ପାରାମେଡିକାଲ୍ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ୪୦ ଜଣ ସ୍ତନ୍ୟପାନ କରାଉଥିବା ମା'ମାନେ ଅଂଶଗ୍ରହଣ କରିବା ସହିତ ସ୍ତନ୍ୟପାନକୁ ନେଇ ସେମାନଙ୍କର ଅଭିଜ୍ଞତା ଓ ଚିନ୍ତା ବିଷୟରେ ଆଲୋଚନା କରାଯାଇଥିଲା। ୬ ମାସ ପର୍ଯ୍ୟନ୍ତ ସ୍ତନ୍ୟପାନ ସମେତ ଅନ୍ୟ ଖାଦ୍ୟ ସହିତ ଦୁଇ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରି ରଖିବାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର (ଡବ୍ଲୁଏଚଓ) ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏଏମ୍ / ଏନ୍ଏସ୍ ଇଣ୍ଡିଆ ଏହାର ବିଭିନ୍ନ ସିଏସଆର ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରଖିଛି।

# ବାସୁଦେବପୁରରେ ଅଗଷ୍ଟ ନଅ କ୍ରାନ୍ତି ଦିବସ ପାଳିତ




ବାସୁଦେବପୁର, ୯/୮ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ସହିଦ୍ ସ୍ମୃତି କମିଟି ରକ୍ତତୀର୍ଥ ଇରମ ଓ ସହିଦ୍ ତୀର୍ଥଯାତ୍ରୀ ସଂଘ୍ ପକ୍ଷରୁ ଅଗଷ୍ଟ ନଅ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି । ରକ୍ତତୀର୍ଥ ଇରମର ଅମର ଶହୀଦ ମାନଙ୍କୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ଶ୍ରୀ ଦାସ ଜାତୀୟ ପତାକା ଉତ୍ତୋଳନ କରି ତାଙ୍କ ବକ୍ତବ୍ୟରେ କହିଲେ ଯେଉଁ ମାନେ ଆମ ଦେଶ ଭାରତ ବର୍ଷ ପାଇଁ ରକ୍ତ ଦେଇ ସଂଘର୍ଷ କରି ସ୍ୱାଧୀନତା ଆଣି ଦେଇଥିଲେ ସେମାନଙ୍କୁ ଆମେ ସର୍ବଦା ସ୍ମରଣ କରିବା ଉଚିତ୍ । ଏହି ଉତ୍ସବରେ ଶହୀଦ ତୀର୍ଥଯାତ୍ରୀ ର ପ୍ରତିଷ୍ଠାତା ବୈଲୋଚନ ଜେନା, ଶିକ୍ଷାବିତ୍ ଦୁଃଶାସନ ରାଉତ, କବି ସୁଧାଂଶୁ ଶେଖର ମିଶ୍ର, କବି ବନମାଳି କୁଅଁର, ଧନେଶ୍ୱର ରାଉତ, କବି ଭାଗିରଥୀ ପଲେଇ, ସମାଜ ସେବୀ ବିଜୟ ମହାନ୍ତି,ସୁସେଶ ବାରିକ, ପତିତ ପାବନ ଜେନା,କମଳାକାନ୍ତ ପାଢ଼ୀ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି , ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ତୃପ୍ତି ମହିଳା ମହାବିଦ୍ୟାଳୟ ର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଟାଉନ ହଲ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ହାଇସ୍କୁଲ ଛକ ଠାରେ ଥିବା ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି ଓ ବାସୁଦେବପୁର ମୁଖ୍ୟ ବଜାର ରେ ଥିବା ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟ ଙ୍କ ପ୍ରତିମୂର୍ତ୍ତୀରେ ଅତିଥି ବନ୍ଧୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ଜେ.ଏସ୍.ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ହରିୟାଲୀ ତୀଜ୍ ପର୍ବ ଧୁମ-ଧାମରେ ପାଳିତ



ପାରାଦ୍ୱୀପ, ୯/୮ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ପାରମ୍ପାରିକ ହରିୟାଲୀ ତୀଜ ପର୍ବ ପାରାଦ୍ୱୀପ ମଧବନ ସ୍ଥିତ ଜେ.ଏସ୍.ଡବ୍ଲୁ କାର୍ଯ୍ୟାଳୟ ପରିସରରେ ଧୁମ ଧାମରେ ପାଳନ କରାଯାଇଛି। ସାଧାରଣତ ଶ୍ରାବଣ ମାସରେ ମୌସୁମୀର ଆଗମନରେ ସାରା ପରିବେଶ ସୁଜ ସୁନ୍ଦର ଦେଖା ହେଉଥିବା ବେଳେ ଧରାପୃଷ୍ଠରେ ହରିୟାଲୀର ଏକ ଭିନ୍ନ ଅନୁଭୂତି ଅନୁଭବ ହେଉଥାଏ। ଏଥି ସହିତ ଏହି ମାସରେ ଭଗବାନ ଶିବ ଓ ଦେବୀ ମା ପାର୍ବତୀଙ୍କ ମିଳନକୁ ସ୍ମରଣ କରିବା ପାଇ ଏହି ପର୍ବ ପାଳନ କରାଯାଇଥାଏ। । ଚଳିତ ବର୍ଷ ଶ୍ରାବଣ ମାସ ଶୁକ୍ଳ ପକ୍ଷ ତ୍ରିତୀୟା ତିଥୀରେ ଏହି ପର୍ବ ପାଳନ କରାଯାଇଛି। ଏହି ଅବସରରେ ଜଟାଧାର ଭବନରେ ଥିବା ସମସ୍ତ ମହିଳାମାନେ ସବୁଜ ରଙ୍ଗର ଶାଢୀ ପରିଧାନ କରିବା ସହିତ ହାତରେ ମେହେନ୍ଦୀ କରି ବିଭିନ୍ନ ନାଚଗୀତ ତାଳେ ତଳେ ଝୁମି ଥିଲେ ଏହି ଅବରରେ ଏକ ସୁସଜ୍ଜିତ ଝୁଲାକୁ ଲେଡିଜ୍ କ୍ଲବର ଅଧକ୍ଷ୍ୟା ଶ୍ରୀମତୀ ଜେତିର୍ମୟୀ କଳ୍ପନା ଉଦଘାଟନ କରିବା ସହିତ ସମସ୍ତେ ଏହି ଝୁଲାରେ ଝୁଲିବାର ଆନନ୍ଦ ନେଇଥିଲେ। ଏହି ଅବସରରେ କ୍ଲବ୍ର ସମସ୍ତ ମହିଳା ଓ ସମସ୍ତ ମହିଳା କର୍ମଚାରୀ ମାନଙ୍କୁ ବିଭିନ୍ନ ପ୍ରକାରର ପ୍ରସାଦାନ ସାମଗ୍ରୀ, ପ୍ରଦାନ କରାଯିବା ସହ ଶ୍ରାବଣ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜେ.ଏସ୍.ଡବ୍ଲୁ ଉତ୍କଳ ଷ୍ଟିଲର ବରିଷ୍ଠ ଅଧିକାରୀ ଧନଞ୍ଜୟ ସିହ୍ନା, ନିର୍ମଳେନ୍ଦୁ ପୁରେହିତ ପ୍ରମୁଖ ଯୋଗଦେଇ ଶ୍ରାବଣ କୁଇନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସମସ୍ତ ମହିଳା ମାନେ ବିଭିନ୍ନ ଚଟପଟୀ ଖାଦ୍ୟର ମଜା ନେଇଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବ୍ରିଜ୍ ଉପରେ ଆଧାରକାର୍ଡ ...

ହେବା ପରେ ବର୍ଷା ସତ୍ତ୍ୱେ ବ୍ରିଜ୍ ଉପରେ ଲୋକଙ୍କ ଗହଳି ଲାଗି ରହିଛି। ବାରଙ୍ଗ ପୁଲିସ୍ ଓ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ହେଲେ ନଦୀରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଉଦ୍ଧାରକାରୀ ଦଳ ନଦୀ ଭିତରକୁ ପ୍ରବେଶ କରିବାକୁ ସାହସ କରିପାରୁନି। ମିଳିଥିବା ସୂଚନା ଅନୁସାରେ ଶତ୍ରୁଘ୍ନ ଓ ତାଙ୍କ ପତ୍ନୀଙ୍କୁ ମିଶାଇ କାଠଯୋଡ଼ିକୁ ଗତ ୧୫ ଦିନରେ ୬ ଜଣ ଡେଇଁଲେଣି। ସେମାନଙ୍କ ଭିତରୁ କିଛି ଲୋକଙ୍କ ମୃତଦେହ ମିଳିଥିବା ବେଳେ ଆଉ କେତେକଙ୍କ ଆଜି ପର୍ଯ୍ୟନ୍ତ ଚିହ୍ନବର୍ଣ୍ଣ ମିଳିନାହିଁ। ଗତ ୪ ତାରିଖରେ ଯୋବ୍ରା ବ୍ୟାରେଜରୁ କାଠଯୋଡ଼ିକୁ ଡେଇଁ ପଡ଼ିଥିଲେ କାମିନୀ ସ୍ୱାଇଁ। ନଦୀରେ ମାଛ ଧରୁଥିବା ମତ୍ସ୍ୟଜୀବୀମାନେ ତାଙ୍କୁ ଉଦ୍ଧାର କରି ମେଡ଼ିକାଲ୍‌ରେ ଭର୍ତ୍ତି କରିଛି। ପୂର୍ବରୁ କଟକ ଓଡ଼ିଆ ବଜାରର ଶିକ୍ଷୟିତ୍ରୀ ମମତା ସାହୁ ବ୍ରିଜ୍ ଉପରେ ସ୍କୁଟି ରଖି କାଠଯୋଡ଼ିକୁ ଡେଇଁ ପଡ଼ିଥିଲେ। ତା'ପୂର୍ବରୁ ଭୁବନେଶ୍ୱରର ବ୍ୟବସାୟୀ ତୁଷାର ଭଟ୍ଟ ତ୍ରିଶୁଳିଆ ବ୍ରିଜ୍‌ରୁ କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିଲେ। କୁହାଯାଉଛି ଅନ୍‌ଲାଇନ୍ ଗେମ୍‌ରେ ହାରି ଋଣଗ୍ରସ୍ତ ହୋଇଯାଇଥିଲେ। ଯେଉଁଥିପାଇଁ ସେ ଆତ୍ମହତ୍ୟାର ରାସ୍ତା ବାଛିଥିଲେ। ତାଙ୍କର ମୃତଦେହ ଆଜି ପର୍ଯ୍ୟନ୍ତ ମିଳିନି। ଗତ ଶୁକ୍ରବାର ରାତିରେ ଖାନ୍‌ନଗର ଅଞ୍ଚଳର ମନୋଜ ବେହେରା ମଧ୍ୟ କାଠଯୋଡି ନଦୀକୁ ଡେଇଁଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କର ତାଙ୍କର ପତ୍ତା ମିଳିନି।

### ପାଣ୍ଡିଆନ୍‌ଙ୍କ ହେଲିକପ୍ଟର...

ଅଭିଯୋଗପତ୍ର ସଂଗ୍ରହ ପାଇଁ ବୁଲୁଥିବାର ତଥ୍ୟ କିଛି ଜିଲ୍ଲାପାଳଙ୍କଠୁ ମିଳିଛି। ଏମିତିକି ପାଣ୍ଡିଆନଙ୍କ ଗସ୍ତ ପାଇଁ ପୂର୍ତ୍ତ ବିଭାଗ ହେଲିପ୍ୟାଡ୍ ନିର୍ମାଣ କରିଥିବା ଓ ସୁରକ୍ଷା ପାଇଁ ପୁଲିସ୍ ମୁତୟନ ହୋଇଥିବା ମଧ୍ୟ କିଛି ଏସପିଙ୍କଠୁ ତଥ୍ୟ ଆସିଛି। ହେଲେ ପାଣ୍ଡିଆନଙ୍କ ଗସ୍ତ ଖର୍ଚ୍ଚ କିଏ ବହନ କରୁଥିଲା ? କେତେ ଟଙ୍କା ଖର୍ଚ୍ଚ ହେଉଥିଲା ? ସେ ହିସାବ କିନ୍ତୁ କେହି ଦେଉନାହାନ୍ତି। ଯାହାର ପ୍ରତିବାଦରେ ଗତ ୨୪ ତାରିଖ ଦିନ ସୂଚନା ଅଧିକାର କର୍ମୀମାନେ ଖାରବେଳ ଭବନ ଆଗରେ ଧାରଣା ମଧ୍ୟ ଦେଇଥିଲେ। ତେବେ ଏଠି ପ୍ରଶ୍ନ ଉଡୁଛି କାହିଁକି ମିଳୁନି ପାଣ୍ଡିଆନଙ୍କ ହେଲିକପଟରର ଗସ୍ତ ଖର୍ଚ୍ଚର ହିସାବ ? ପୋଲ ଖୋଲିଯିବା ଡରରେ ପୂର୍ବ ସରକାର ସେ ତଥ୍ୟ ଗାଏବ କରିଦେଇଛି କି ? ଅବା ବିଜେଡି ସରକାରଙ୍କ ବଦଳରେ ଖଣି ମାଫିଆ, କଣ୍ଟ୍ରାକ୍ଟର କି ଅନ୍ୟ କେହି ସେ ଖର୍ଚ୍ଚ ତୁଲାଇଛି ? ଆରଟିଆଇ କର୍ମୀ ତା'ର ଉତ୍ତର ଖୋଜୁଥିବା ବେଳେ- ଯେହେତୁ ଲୋକଙ୍କ ଅଭିଯୋଗ ଶୁଣିବାକୁ ନିଜେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ପଠାଇ ଥିବାର ଅଡ଼ିଓ ବାର୍ତ୍ତାକୁ ନିଜେ ପାଣ୍ଡିଆନ ମଞ୍ଚରେ ଲୋକଙ୍କୁ ଶୁଣାଉଥିଲେ, ତେଣୁ ସିଧା ନବୀନଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ। ତାରା ବାହିନୀପତି କହିଛନ୍ତି ହିସାବର ତଦନ୍ତ ନିହାତି ଦରକାର। ଜବାବରେ ବିଜେଡି କହିଛି, ଯାହା ନିୟମ ଅଛି। ତାହା କରାଯାଉ।

### ୩୦ ଟଙ୍କାରେ ଆଳୁ ...

ସମାଧାନ ପାଇଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ କଥା ହୋଇଥିଲେ। ପରେ ପଶ୍ଚିମବଙ୍ଗର ମୁଖ୍ୟଶାସନ ସଚିବଙ୍କୁ ଓଡ଼ିଶା ସରକାରଙ୍କ ମୁଖ୍ୟଶାସନ ସଚିବ ଚିଠି ଲେଖିଥିଲେ। ଏବେ ମଧ୍ୟ ଆଳୁ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଚାଲିଛି। ରାଜ୍ୟରେ ଦେଖାଦେଇଥିବା ଆଳୁ ସଙ୍କଟ ଦୂର ପାଇଁ ନାଫେଡ୍ ମାଧ୍ୟମରେ ଉତ୍ତରପ୍ରଦେଶରୁ ଆଳୁ ଆଣିବାକୁ ଅର୍ଡର ଦିଆଯାଇଛି। ଦିନେ ଦୁଇ ଦିନ ଭିତରେ ଆଳୁ ପହଞ୍ଚିବ। ପର୍ଯ୍ୟାପ୍ତ ପରିମାଣରେ ଆଳୁ ଆସୁଛି ବୋଲି ଶ୍ରୀ ପାତ୍ର କହିଛନ୍ତି। ଓଡ଼ିଶାରୁ ବା ଓଡ଼ିଶା ଦେଇ ଯେଉଁ ସବୁ ସାମଗ୍ରୀ ପଶ୍ଚିମବଙ୍ଗ ଯାଉଛି, ସେଥିପ୍ରତି ରାଜ୍ୟ ସରକାର କିଛି ପଦକ୍ଷେପ ନେବେ କି ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ସେମିତି କିଛି ପରିସ୍ଥିତି ନଉପୁଜୁ ବୋଲି ଆମେ ଚାହୁଁଛୁ। କଥାବାର୍ତ୍ତା ମାଧ୍ୟମରେ ସମସ୍ୟା ସମାଧାନ ହେଉ ବୋଲି ଚାହୁଁଛୁ। କାରଣ ପଶ୍ଚିମବଙ୍ଗ ଆମ ରାଜ୍ୟର ପଡ଼ୋଶୀ ରାଜ୍ୟ। ଆମ ସହିତ ତାଙ୍କର ସମ୍ପର୍କ ଭଲ ରହୁ। ଯେମିତି ଆଳୁ ଆସୁଥିଲା, ସେମିତି ଆସୁ। ସେଥିପାଇଁ ଉଦ୍ୟମ ଜାରି ରହିଛି। କିନ୍ତୁ ମୁଁ ଆଜି ଶୁଣିବାକୁ ପାଇଛି ଲୋକମାନେ ଆନ୍ଧ୍ରପ୍ରଦଶରୁ ପଶ୍ଚିମବଙ୍ଗ ଯାଉଥିବା ମାଛ ଓ ଅଣ୍ଡା ଟ୍ରକ୍‌କୁ ଅଟକାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

### ୨୫ ହଜାର ଟଙ୍କା ନେଇ...

ଏନେଇ ପ୍ରତାପ ଚନ୍ଦ୍ର କାଣ୍ଡି ଭିଜିଲାନ୍ସକୁ ଜଣାଇଥିଲେ। ଆଜି ନିଜ ସହଯୋଗୀ ବାପିନା ଦାସଙ୍କ ସହାୟତାରେ କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକ ଲାଞ୍ଚ ବାବଦକୁ ୨୫ ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏହି କିଛି ଦିନ ମଧ୍ୟରେ ରାଜ୍ୟ ସରକାରଙ୍କର ବିଭିନ୍ନ ବଡ଼ ବଡ଼ ପଦବୀରେ ଅବସ୍ଥାପିତ କେତେ ଜଣ ଯନ୍ତ୍ରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ସେମାନେ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କାହା ପାଖରୁ ୫୦ଟି ପ୍ଲଟ ଠାବ ହୋଇଛି ତ ଆଉ କାହାଠାରୁ ୧୦୦ରୁ ଅଧିକ ପ୍ଲଟ ଠାବ ହୋଇଛି। ଏହି ଯନ୍ତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ଓବିସିସିର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଦୀପ କୁମାର ରଥ। ତାଙ୍କର ୨ଟି ବହୁତଳ କୋଠା, ୩ଟି ଫ୍ଲାଟ୍ ?, ୫୦ଟି ପ୍ଲଟ, ୨ କୋଟି ଟଙ୍କାର ଜମା, କ୍ରସର ୟୁନିଟ୍, ୨ଟି ଜେସିବି ଓ ମେଡିସିନ୍ ଷ୍ଟୋର ଆଦି ରହିଛି। ତାଙ୍କ ଘରୁ ୧ କେଜିର ସୁନା ଗହଣା ମିଳିଥିଲା। ସେହିପରି ଅନ୍ୟ ଜଣେ ଯନ୍ତ୍ରୀ ହେଉଛନ୍ତି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ। ତାଙ୍କର ଓଡ଼ିଶା ଓ ପଶ୍ଚିମବଙ୍ଗରେ ମିଶି ୧୦୫ଟି ପ୍ଲଟ ଠାବ କରାଯାଇଛି। ତା' ସହିତ ତାଙ୍କର ଗୋଟିଏ ୫ ମହଲା କୋଠା, ଗୋଟିଏ ମାର୍କେଟ କମ୍ପ୍ଲେକ୍ସ, ୭୮ ଲକ୍ଷରୁ ଅଧିକ ଟଙ୍କାର ଜମା ଆଦି ରହିଛି। ତାଙ୍କ ଘରୁ ୩୩୫ ଗ୍ରାମ ସୁନା ଗହଣା ସହିତ ୧୧.୭ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଦୁଇ ବଡ଼ ଯନ୍ତ୍ରୀଙ୍କ ପୂର୍ବରୁ ଗତ ମାସ ୨୫ ତାରିଖରେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ ବଲାଙ୍ଗିରର ଲୋୟର ସୁକତେଲ ପ୍ରକଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ। ତାଙ୍କର ୩୪ଟି ପ୍ଲଟ୍ ଠାବ କରିଥିଲା ଭିଜିଲାନ୍ସ। ତା' ସହିତ ୨ଟି ବହୁତଳ କୋଠା, ୩ଟି ଫ୍ଲାଟ, ୨.୮୪ କୋଟିର ବ୍ୟାଙ୍କ ଓ ବୀମା ଜମା ଠାବ କରାଯାଇଥିଲା।

### ନିଟ୍-ପିଜି ପରୀକ୍ଷାକୁ ସ୍ଥଗିତ...

ନରମାଲାଇଜେସନ କେମିତି କରାଯିବ, ସେ ନେଇ ଏଯାବତ କୌଣସି ସୂତ୍ର କୁହାଯାଇ ନାହିଁ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ତିନି ଜଣିଆ ବେଞ୍ଚ ଏହାର ଶୁଣାଣି କରି କହିଥିଲେ ଯେ ଆଉ ଦୁଇ ଦିନ ପରେ ନିଟ୍-ପିଜି ପରୀକ୍ଷା ହେବାକୁ ଥିବା ବେଳେ ଏହାକୁ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ। ସୁପ୍ରିମକୋର୍ଟ କହିଥିଲେ ଯେ ଆମେ କିଭଳି ଏମିତି ଏକ ପରୀକ୍ଷାକୁ ସ୍ଥଗିତ ରଖିଦେବା। ଯଦି ଆବେଦନକୁ ଗ୍ରହଣ କରି ନିଆଯିବ, ତା'ହେଲେ ୨ ଲକ୍ଷ ଛାତ୍ରଛାତ୍ରୀ ଓ ୪ ଲକ୍ଷ ଅଭିଭାବକ ହନ୍ତସନ୍ତ ହେବେ। ୫ ଜଣ ଆବେଦନକାରୀଙ୍କ ପାଇଁ ଆମେ ୨ ଲକ୍ଷ ଶିକ୍ଷାର୍ଥୀଙ୍କ କ୍ୟାରିୟରକୁ ବିପଦ ମୁହଁକୁ ଠେଲି ଦେବା ଉଚିତ୍ ହେବ କି ?

### ସ୍କୁଲରେ 'ଗୁଡ୍ ମର୍ଣ୍ଣିଂ' ବଦଳରେ...

କୁହାଯାଇଛି ଯେ, ସ୍ୱାଧୀନତା ସଂଗ୍ରାମ ସମୟରେ ସୁଭାଷ ଚନ୍ଦ୍ର ବୋଷ 'ଜୟ ହିନ୍ଦ' ସ୍ଲୋଗାନ ଦେଇଥିଲେ। ସ୍ୱାଧୀନତା ପରେ ସଶସ୍ତ୍ର ବାହିନୀ ଏହାକୁ ସାଲ୍ୟୁଟ ଭାବେ ଗ୍ରହଣ କରିଛନ୍ତି। ତେଣୁ ଛାତ୍ରଛାତ୍ରୀଙ୍କ ମନରେ ଦେଶଭକ୍ତି ଏବଂ ଜାତୀୟତାବାଦ ସୃଷ୍ଟି କରିବା ଲକ୍ଷରେ ପିଲାମାନଙ୍କୁ ଗୁଡ୍ ମର୍ଣ୍ଣିଂ ବଦଳରେ ଜୟ ହିନ୍ଦ କହିବାକୁ କୁହାଯାଇଛି। ଏଥିପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଥମିକ ଶିକ୍ଷା ଅଧିକାରୀ, ଜିଲ୍ଲା ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ପ୍ରାଥମିକ ଶିକ୍ଷା ଅଧିକାରୀ ଏବଂ ପ୍ରଧାନଶିକ୍ଷକଙ୍କ ନିକଟକୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ବିଦ୍ୟାଳୟରେ ଅଗଷ୍ଟ ୧୫ରୁ ଏହି ନିୟମ କାର୍ଯ୍ୟକାରୀ ହେବ।

# ପ୍ରାଥମିକ ଶିକ୍ଷକଙ୍କ ଆନ୍ତଃଜିଲ୍ଲା ବଦଳିକୁ ନେଇ ଦମ୍ପତି ଶିକ୍ଷକଙ୍କ ତୀବ୍ର ଅସନ୍ତୋଷ

ଭୁବନେଶ୍ୱର, ୯/୮ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ତରଫରୁ ଗତକାଲି ଟର୍ମିନାଲ୍ ଇଲ୍‌ନେସ୍ ଓ ମ୍ୟୁଚୁଆଲ୍ ବଦଳି ପ୍ରସ୍ତାବକୁ ସରକାର ଅନୁମୋଦନ କରି ଆଦେଶ ପ୍ରଦାନ କରିବା ପରେ ଦମ୍ପତି ଶିକ୍ଷକଙ୍କ କ୍ଷେତ୍ରରେ ବଦଳିକୁ ଅନୁମୋଦନ ନ କରି ତାକୁ ଅଣଦେଖା କରିବା ପରେ ଦମ୍ପତି ଶିକ୍ଷକମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘଦିନର ଦାବି ପରେ ଚଳିତ ଥର ଏହି ଦମ୍ପତି ବଦଳି ପ୍ରକ୍ରିୟାକୁ ସରକାର ଗ୍ରହଣ କରି କେବଳ ଗଣଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ ଦମ୍ପତି ମାନଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଦେଇ ଅନ୍‌ଲାଇନ୍ ମାଧ୍ୟମରେ ଗୋଟିଏ ନିର୍ଦ୍ଦେଶନାମା ବଳରେ ସମସ୍ତ ପ୍ରକାର ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ କେବଳ ଟର୍ମିନାଲ୍ ଇଲ୍‌ନେସ୍ ଓ ମ୍ୟୁଚୁଆଲ୍ ବଦଳିକୁ ଅନୁମୋଦନ କରିବା କେତେଦୂର ସମିଚୀନ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ହୋଇଥାଆନ୍ତା ଏକାବେଳକେ ସମସ୍ତଙ୍କ ପାଇଁ ଆଦେଶ ପ୍ରକାଶିତ ହୋଇଥାଆନ୍ତା । କିନ୍ତୁ ଦୁଇଟି ଗ୍ରୁପ୍‌କୁ ସନ୍ତୁଷ୍ଟ କରାଯାଇଥିବା ବେଳେ କେବଳ ଦମ୍ପତି ଶିକ୍ଷକମାନଙ୍କୁ ଏଥିରୁ ଉପେକ୍ଷା କରିବା ଅଦୂରଦର୍ଶିତାର ପରିଚୟ ଦେଉଛି । ନିଜ ପିଲା ଓ ପରିବାର ଠାରୁ ଦୂରରେ ରହି ବିଭିନ୍ନ ସମସ୍ୟା ଭୋଗୁଥିବା ଏବଂ ରୋଗ ଯନ୍ତ୍ରଣାରେ ପୀଡିତ ଅନେକ ଦମ୍ପତିଙ୍କୁ ଯଦି ବଦଳି କରାଯାଏ ତେବେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଘରଭଡ଼ା ଭ । ମଧ ଅନେକାଂଶରେ ସଂଚିତ ହୋଇପାରିବ ବୋଲି ଜଣାଯାଇଛି । ଓଡ଼ିଶା ଦମ୍ପତି ଶିକ୍ଷକ ସଂଘର କର୍ମକର୍ତ୍ତା ସୁବ୍ରତ କୁମାର ପ୍ରଧାନଙ୍କ କହିବା କଥା ଯେ ଆଗାମୀ ଦିନରେ ନୂତନ ଭାବରେ ୨୦ ହଜାର କନିଷ୍ଠ ଶିକ୍ଷକମାନଙ୍କୁ ନିଯୁକ୍ତ କରିବାକୁ ସରକାର ଘୋଷଣା କରିଛନ୍ତି । ଏହା ପୂର୍ବରୁ ଯଦି ବଦଳି ପ୍ରକ୍ରିୟାକୁ ସମାପନ କରା ନଯାଏ ତେବେ କେଉଁ ବିଦ୍ୟାଳୟରେ କେତେ ପଦବୀ ଖାଲି ରହୁଛି, ତାର ହିସାବ କରିବା କଷ୍ଟକର ହେବ । ଶିକ୍ଷକ ନିଯୁକ୍ତି ପରେ ବଦଳି କଲେ ଅନେକ ବିଦ୍ୟାଳୟ ଶିକ୍ଷକ ବିହୀନ ହୋଇରହିବେ ଏବଂ ଅନେକ ସମସ୍ୟା ସୃଷ୍ଟି ହେବ ।

ଧ୍ୱନି ପ୍ରତିଧ୍ୱନି



# ସରକାରଙ୍କ ମଦ ଦୋକାନ ଖୋଲିବା ବନ୍ଦ ନିଷ୍ପତ୍ତିକୁ 'ମନା'ର ସ୍ୱାଗତ

ବାଲେଶ୍ୱର, ୯/୮ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ(ମନା), ବାଲେଶ୍ୱର କାର୍ଯ୍ୟକାରୀ ସମିତିର ବୈଠକ ନେଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ମାନ୍ୟବର ଅବକାରୀ ମନ୍ତ୍ରୀ ଆଉ ମଦ ଦୋକାନ ନଖୋଲିବା ଘୋଷଣାକୁ ବୈଠକରେ ସ୍ୱାଗତ କରାଯାଇ ଅବକାରୀ ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ବାଲେଶ୍ୱରରେ ୩୧ଟି ମଦ ଦୋକାନ ନବୀକରଣ ପ୍ରସ୍ତାବକୁ ଜିଲ୍ଲା ପ୍ରଶାସନ ବନ୍ଦ କରିଥିବାରୁ ଏହାକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୀନତି ଓ ସବିତା ଭଉଣୀ 'ମନା'ର ସଦସ୍ୟମାନଙ୍କୁ ରାକ୍ଷୀ ବାନ୍ଧି ନିଶାଠାରୁ ଦୂରେଇ ଯିବାକୁ ଶପଥ କରାଇ ନେଇଥିଲେ । ସେମାନଙ୍କର ଏହି ସକରାତ୍ମକ ଚିନ୍ତାଧାରାକୁ ସ୍ୱାଗତ କରାଯାଇଥିଲା । ଉପଦେଷ୍ଟା ସୁବ୍ରତ କର ସରକାରଙ୍କ ଭିନ୍ନକ୍ଷମ ବିଭାଗର କମିଶନରଙ୍କୁ ଭେଟି ନିଶା ନିବାରଣ ସଚେତନତା ବିଷୟରେ ଆଲୋଚନା ପାଇଁ ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା । ସାଧାରଣ ସଂପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । ବୈଠକରେ ସର୍ବଶ୍ରୀ ଡ. କେଶବ ଚରଣ ପଣ୍ଡା,ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, କୁମୁଦ ରଞ୍ଜନ ଗିରି, ସନାତନ ଦାସ, ପ୍ରଫୁଲ୍ଲ କୁମାର ଦାସ, ପ୍ରସନ୍ନ ପାଢ଼ୀ, ଶଚିନ୍ଦ୍ର ଦାସ, କଲ୍ୟାଣୀ ନନ୍ଦ, କମଳାକାନ୍ତ ଦାଶ, ଗଙ୍ଗାଧର ପୃଷ୍ଟି, ଯୋଗେଶ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ପରିଡ଼ା, ମୀନା ସେଠୀ, ପ୍ରଭାକର ସାହୁ(ଖ), ତ୍ରିଦିବ ନାୟକ, ଜୀବନ ସଂଗ୍ରାମ ମିଶ୍ର, ଗୀତାଞ୍ଜଳି ସିଂହ, ଦିବ୍ୟରଞ୍ଜନ ଦାସ, ଶ୍ରୀକାନ୍ତ ମହାପାତ୍ର ଓ ବସନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ଶେଷରେ ଅଡ଼ିଟର ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ଅବସର ପରେ ବି ମିଳୁନି ପେନ୍‌ସନ୍: ଜିଲ୍ଲାପାଳଙ୍କୁ ଫେରାଦ ହେଲେ ସରକାରୀ କର୍ମଚାରୀ



ବାଲେଶ୍ୱର, ୯/୮ (ନି.ପ୍ର): ବାଲେଶ୍ୱର ସହରାଞ୍ଚଳ ତଥା ଗ୍ରାମାଞ୍ଚଳ ପାନୀୟ ଜଳ-ପରିମଳ ବିଭାଗର ଅବସରପ୍ରାପ୍ତ ୱାର୍କଚାର୍ଜ ଓ ବ୍ରଟ ଓଜର କର୍ମଚାରୀମାନେ ପେନସନ୍ ଦାବିରେ ସୋମବାର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁଯାୟୀ; ଦୀର୍ଘ ୩୦ରୁ ୪୦ବର୍ଷ ଧରି ସହରାଞ୍ଚଳ ରେଗୁଲାର କର୍ମଚାରୀ ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି । ମାତ୍ର ସେମାନଙ୍କୁ ଅଦ୍ୟାବଧି ପେନସନ ପ୍ରଦାନ କରାଯାଇନି । ସେମାନଙ୍କୁ ୧୯୯୩ ମସିହାଠାରୁ ରେଗୁଲାର ପଦବୀରେ ଅବସ୍ଥାପିତ କରିବା କଥା; ମାତ୍ର ତାହା ନକରି ସେମାନଙ୍କୁ ୨୦୦୯ରେ ବିଭାଗୀୟ ଅଧିକାରୀମାନେ ରେଗୁଲାର ପଦବୀରେ ଅବସ୍ଥାପିତ କରିଛନ୍ତି । ୧୯୯୨ ମସିହା ପେନ୍‌ସନ ନିୟମରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇନି । ଫଳରେ ଏହି ପଦବୀରୁ ଅବସର ନେଇଥିବା ୩୭ଜଣ କର୍ମଚାରୀ ସେମାନଙ୍କର ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି । ସେମାନଙ୍କୁ ଗ୍ରାଚ୍ୟୁଇଟି ଦେବାକୁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଥିବାବେଳେ ସେମାନଙ୍କୁ ପ୍ରଦାନ କରାଯାଇନାହିଁ । ଫଳରେ ସେମାନେ ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିକାର ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଚନ୍ଦ୍ରଶେଖର ପ୍ରଧାନ, ରଘୁନାଥ ମହାନ୍ତି, ଅନିନ୍ତ କୁମାର, କାହ୍ନୁଚରଣ ଦାସ, ଲୋକନାଥ ନାୟକଙ୍କୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଲାୟନ୍ସ କ୍ଲବ୍ ଭଦ୍ରକାଳୀ ଡିଭାଇନର ୧୪ତମ ଅଧିଷ୍ଠାନ ଦିବସ




ଭଦ୍ରକ, ୯/୮ (ନି.ପ୍ର): ଭଦ୍ରକର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ 'ଲାୟନ୍ସ କ୍ଲବ୍ ଭଦ୍ରକାଳୀ ଡିଭାଇନ' ର ୧୪ତମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତା ଭାବେ ପଦ୍ମନ କୁମାର ରାୟ ସଭାପତି, ବୈଲୋଚନ ବେହୁରିଆ ସଂପାଦକ, ଡ. ନାରାୟଣ ଚନ୍ଦ୍ର ମିଶ୍ର କୋଷାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ସଭାପତି ସତ୍ୟେନ୍ଦୁ କୁମାର ରାୟମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଉପ ଗଭର୍ଣ୍ଣର ମମତା ଦାଶ ମୁଖ୍ୟ ଅତିଥି, ଜିଲା ମେଂଟର ପୂର୍ବତନ ଗଭର୍ଣ୍ଣର ପ୍ରକାଶ ଚନ୍ଦ୍ର ଜେନା, ରିଜିଅନ ଚେୟାରମେନ୍ ପ୍ରଭାତ କୁମାର ଧଳ, ଜୋନ୍ ଚେୟାରମେନ୍ ଅଶୋକ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ଲବ୍‌ର ଆଭିମୁଖ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏଥିସହ ଏହି କ୍ଲବ୍ ସମାଜସେବା କ୍ଷେତ୍ରରେ କେବଳ ଆମ ଜିଲା ନୁହେଁ ସମଗ୍ର ବିଶ୍ୱରେ ଯେଭଳି ନିଜର ସୁଖ୍ୟାତି ପ୍ରତିଷ୍ଠା କରିପାରିଛି, ତାହାର ବିବରଣୀ ପ୍ରଦାନ କରିଥିଲେ । ବରିଷ୍ଠ ଲାୟନ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ ସଭା ପରିଚାଳନା କରିଥିବାବେଳେ ଏହି ଅବସରରେ ଯାଜପୁର ମେଡିକାଲ କଲେଜର ଆସୋସିଏଟ୍ ପ୍ରଫେସର ଡ. ପ୍ରିୟରଂଜନ ବାରିକ ଓ ଭଦ୍ରକ ସିଆରଏସ୍‌ଆରର ନିର୍ଦ୍ଦେଶକ ଡ. ଭଗବାନ ପରିଡାଙ୍କୁ ସେମାନଙ୍କର ସେବା ପାଇଁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଲାୟନ୍ସ କ୍ଲବ୍ ଭଦ୍ରକ, ରୋଟାରୀ କ୍ଲବ୍ ଓ ବହୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ରାଜନେତା ଅଜୟ ନାୟକ, ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ, ବରିଷ୍ଠ ନାଗରିକ ଓ ମହାସଂଘର ସଂପାଦକ କୈଳାସ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ବିଜୟ କୁମାର ନାୟକ, ପୂର୍ବତନ ଯନ୍ତ୍ରୀ ଦିଲ୍ଲୀପ ଜେନା, ପୂର୍ବତନ ଶିକ୍ଷା ଅଧିକାରୀ ଗୟାଧର ପଣ୍ଡା ଏବଂ କ୍ଲବ୍‌ର ସଦସ୍ୟ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଗୀତାଞ୍ଜଳି ଦ୍ୱିବେଦୀ, ତିଲୋତମା ପଣ୍ଡା, ପ୍ରଦୀପ କୁମାର ସାବତ, ଅମର ମହାନ୍ତି, ବର୍ଷା ମଙ୍ଗଳ ସନ୍ଧ୍ୟା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଲାୟନ୍ସ ପ୍ରତାପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଷା ଜନିତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର , ୯/୮ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଲାଗି ରହିଛି । ଏହି ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରି ରିପୋର୍ଯ ଦେବାକୁ ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ଏନେଇ ଅତିରିକ୍ତ ଏସଆରସି ପଦ୍ମନାଭ ବେହେରା ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ବର୍ଷା କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି ।

# ପାରାଦ୍ୱୀପରେ ମହିଳାଙ୍କ ପାଇଁ ବ୍ଲକ୍ ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ, ୯/୮ (ନି.ପ୍ର): ରାଜ୍ୟ ମହିଳା କମିଶନ ଓ ଜଗତସିଂହପୁର ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବ୍ଲକ୍ ?ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଆଜି ଜୟଦେବ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଓଡିଶା ମହିଳା କମିଶନ ଅଧକ୍ଷା ଡ. ମିନତୀ ବେହେରା, ସମ୍ମାନୀତ ଅତିଥି ଭାବେ କୁଜଙ୍ଗ ବ୍ଲକ୍ ଅଧକ୍ଷା ନୀନାରାଣୀ ସାହୁ, ମହିଳା କମିଶନ ସଦସ୍ୟା ସ୍ୱର୍ଣ୍ଣଲତା ସାମଲ, ଓଡିଶା ପୋଲିସ୍ ସେବାର ବରିଷ୍ଠ ଅଧିକାରୀଣୀ ବିଜୟିନୀ ସିଂ, ମହିଳା କମିଶନର ପରାମର୍ଶଦାତା ଡ଼ା ଟୁନା ସାହୁ , ସମିତି ସଭ୍ୟ ସତ୍ୟବାନ ମୁଦୁଲି ପ୍ରମୁଖ ଯୋଗ ଦେଇ ମହିଳାମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ୍ ସମ୍ପର୍କରେ ନିଜ ନିଜର ମତ ରଖିବା ସହିତ ମହିଳାମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା ହେଇଥିଲା । ଉପସ୍ଥିତ ଶ୍ରୋତା ମାନେ ଆଇନ ସମ୍ବନ୍ଧୀୟ ଜ୍ଞାନ ଆହରଣ କରି ଜୀବନରେ ଉପଯୋଗ କଲେ ମହିଳା ସଶକ୍ତିକରଣର ସଠିକ୍ ଭାବେ ରୂପାନ୍ତରିତ ହେଇ ପାରିବ ବୋଲି ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସିଡିପିଓ କୁଜଙ୍ଗ ଶ୍ରୀମତୀ ରାଜଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବ୍ଲକ୍ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଆଶା କର୍ମୀ, ବ୍ଲକ୍ ସ୍ତରୀୟ କର୍ମକର୍ତ୍ତା, ମହିଳା, ବୁଦ୍ଧିଜୀବୀ, ମହାବିଦ୍ୟାଳୟ ଛାତ୍ର ଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷ ହେବାପରେ ମହିଳା କମିଶନ ଅଧକ୍ଷା ଡଃ ମିନତୀ ବେହେରା ସ୍ଥାନୀୟ ବିଜୁ ମେମୋରିଆଲ ହସ୍ପିଟାଲ, ପାରାଦ୍ୱୀପ ଆଦର୍ଶ ଥାନା ସହିତ ସମାଗୋଳ ଜେଲ ପରିଦର୍ଶନ କରିଥିଲେ ।

# ଅଗଷ୍ଟ ୧୫ରେ ବିକାଶ ମଞ୍ଚର ପ୍ରତିଷ୍ଠା ଦିବସ ପାଳନ



ବଡ଼ସାହି , ୯/୮ (ନି.ପ୍ର): ବଡ଼ସାହି, ବେତନଟୀ, ମୋରଡ଼ା, ରାସଗୋବିନ୍ଦପୁର ବ୍ଲକକୁ ନେଇ ଗଠିତ ବିକାଶ ମଞ୍ଚର ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବେତନଟୀ ଧର୍ମଶାଳା ପରିସରରେ ମଞ୍ଚର ସଂଯୋଜକ ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି । ଏଥିରେ ପୂର୍ବ ବୈଠକର ପ୍ରସ୍ତାବ ଗୃହୀତ ହୋଇଥିଲା ଓ ଆସନ୍ତା ୧୫ ତାରିଖରେ ମଞ୍ଚର ୫ମ ପ୍ରତିଷ୍ଠା ଦିବସ ବଡସାହିସ୍ଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ର(ଆବାସିକ) ଠାରେ ହେବାର ର ସିଦ୍ଧାନ୍ତ ହୋଇଛି । ଆଲୋଚନାରେ ରବୀନ୍ଦ୍ରନାଥ ମିଶ୍ର, ସଚ୍ଚିଦାନନ୍ଦ ମହାନ୍ତି, ଦୀପକ କୁମାର ବୁଗୁଡେଇ, ସୁକେଶ କୁମାର ମିଶ୍ର, ରାଜେଶ କୁମାର ବାରିକ, କିଶୋର କୁମାର ଆଚାର୍ଯ୍ୟ, ସର୍ବେଶ୍ୱର ମିଶ୍ର, ବିମଳେନ୍ଦୁ ମହାପାତ୍ର, ପରମେଶ୍ୱର ମହାପାତ୍ର, ସ୍ୱରୂପ କୁମାର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସଭ୍ୟ ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ୮ଟି ଜିଲ୍ଲାରେ ୧୪ଟି ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର, ୯/୮ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ରାଜ୍ୟର ୮ଟି ଜିଲ୍ଲାରେ ୧୪ଟି ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ତିରିଙ୍ଗ, କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର, ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ଓ ନୂଆଗାଁ, କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଓ ନାରାୟଣପାଟଣା, ନବରଙ୍ଗପୁରର ଝରିଗାଁ, କୋସାଗୁମୁଡ଼, ରାଇଘର ଓ ତେନ୍ତୁଳିଖୁଣ୍ଟି, ରାୟଗଡା ଜିଲ୍ଲାର କାଶୀପୁର ଓ ରମଣଗୁଡା, ଗଞ୍ଜାମ ଜିଲ୍ଲାର ଧରାକୋଟ ଓ କନ୍ଧମାଳ ଜିଲ୍ଲାର ଖଜୁରୀପଦା ଆଦି ଅଂଚଳରେ ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି ।

# କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ଭୁବନେଶ୍ୱର , ୯/୮ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତ ଛାଡ଼ ଆନ୍ଦୋଳନ ତଥା ପବିତ୍ର କ୍ରାନ୍ତି ଦିବସ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ କଳ୍ପନା ଛକ ସ୍ଥିତ ସହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ ଓ ପରେ କଂଗ୍ରେସ ଭବନ ପରିସରରେ ମହାମନିଷୀ ମାନଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

# ସ୍ୱର୍ଗତଃ କୋକିଳମଣୀ ଦେବୀଙ୍କ ଶ୍ରାଦ୍ଧବାର୍ଷିକୀ



ବାଲିଆପାଳ/ଲଙ୍ଗଳେଶ୍ୱର, ୯/୮ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତ ଅଧିନସ୍ଥ କୁମ୍ଭାରୀ ଗ୍ରାମରେ ଅବସ୍ଥିତ କୋକିଳମଣୀ ସଂସ୍କୃତ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ମାତା ସ୍ୱର୍ଗତଃ କୋକିଳମଣୀ ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି । ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତଃ କୋକିଳମଣୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ । ମହାପ୍ରଭୁଙ୍କ ନିକଟରେ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ,ଜିଲ୍ଲା ପରିଷଦ ସଭ୍ୟା ସୁଜାତା ରାଣୀ ଦଣ୍ଡପାଟ, ପ୍ରଧାନପଣ୍ତିତ ବିରେନ୍ଦ୍ର କୁମାର ସାହୁ,ବ୍ଲକ ସଭାପତି ତଥା ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ,ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ ,ବରିଷ୍ଠ ନେତା ପ୍ରଭାକର ଜେନା,ପ୍ରଫୁଲ୍ଲ ପାତ୍ର, ବିକାଶ ମହାପାତ୍ର,ତ୍ରିଲୋଚନ ବାଗ୍ ,ହରେକୃଷ୍ଣ ନନ୍ଦୀ,ପରେଶ କୁମାର ମିଶ୍ର,ନାରାୟଣ କୁମାର ପରିଡା ପ୍ରମୁଖଙ୍କ ସମେତ କୋକିଳମଣୀ ସଂସ୍କୃତ ବିଦ୍ୟାପୀଠର ସମସ୍ତ ଶିକ୍ଷକ ,ଶିକ୍ଷୟିତ୍ରୀ,ସହ ଶିକ୍ଷକ ,ଅଣ ଶିକ୍ଷକ ,ପରିଚାଳନା କମିଟି ସଦସ୍ୟ ସଦସ୍ୟା ଏବଂ ବିଦ୍ୟାପୀଠର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସ୍ୱର୍ଗତଃ କୋକିଳମଣୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଇତିହାସ ରଚିଛି ଉଦଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ



ଉଦଳା , ୯/୮ (ନି.ପ୍ର): ଚାହୁଁ ଚାହୁଁ ଇତି ମଧ୍ୟରେ ୫୯ ବର୍ଷ ବିତିଗଲାଣି । ଆଜି ପ୍ରତିଷ୍ଠା ଦିବସରେ ଉଦଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ୰ ରମେଶ ଚନ୍ଦ୍ର ଦାଶ ଓ ସେ ସମୟର ଛାତ୍ର ସଂସଦ ନିର୍ବାଚନ କଥା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଉଦଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟି କରେ । ସବୁଠାରୁ ଅଧିକ ଆକର୍ଷଣୀୟ ଥାଏ ନିର୍ବାଚନ ପୁର୍ବରୁ ପ୍ଲାଟ ଫର୍ମ ସ୍ପିଚର ମାହୋଲ । ଏପରିକି ଏହାକୁ ଦେଖିବା ପାଇଁ ବହୁ ଦୁର ଦୁରାନ୍ତରୁ ଲୋକେ ଏଠାକୁ ଆସିଥାନ୍ତି । ପୁଣି ଆଶ୍ଚର୍ଯ୍ୟ ଲାଗେ ଛାତ୍ର ସଂସଦ ନିର୍ବାଚନକୁ ଶୃଙ୍ଖଳିତ ଢ଼ଙ୍ଗରେ ପରିଚାଳନା କରିବା ପାଇଁ ଅଧ୍ୟକ୍ଷ ରମେଶ ଦାଶଙ୍କ ବଳିଷ୍ଠ ପଦକ୍ଷେପ ଓ କାର୍ଯ୍ୟ ଦକ୍ଷତା । ଏଥିପାଇଁ ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାଶଙ୍କର ପ୍ରଶଂସା ବିଭିନ୍ନ ମହଲରେ ଶୁଣିବାକୁ ମିଳିବା ସହିତ ଜନମାନସରେ ତାଙ୍କ ପ୍ରତି ରହିଥାଏ ଏକ ସ୍ୱତନ୍ତ୍ର ସମ୍ମାନ । ଉଦଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରୁ ନିଜର ରାଜନୀତି କ୍ୟାରିୟର ଆରମ୍ଭ କରିଥିବା ଶରତ ଚନ୍ଦ୍ର ଦାସ ପରବର୍ତି ସମୟରେ ଉଦଳା ପଂଚାୟତ ସମିତିର ଅଧ୍ୟକ୍ଷ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଏବେ ପୁଣି ଉଦଳା ବିଜ୍ଞାପିତ ଅଂଚଳ ପରିଷଦ କାଉନସିଲର ଭାବରେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଉଛନ୍ତି । ଛାତ୍ର ସଂସଦ ନିର୍ବାଚନରେ ସେ ଦୁଇଥର ସାଧାରଣ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ । ସେହିପରି ଛାତ୍ର ସଂସଦ ନିର୍ବାଚନରୁ ରାଜନୀତି ଜୀବନ ଆରମ୍ଭ କରିଥିବା ବସନ୍ତ କୁମାର ପରିଡ଼ା କ୍ରମାଗତ ଭାବରେ ୨୦ଥରରୁ ଉର୍ଦ୍ଧ ଉଦଳା ଓକିଲ ସଂଘର ସଂପାଦକ ଭାବରେ ନିର୍ବାଚିତ ହୋଇ ଚାଲିଛନ୍ତି । ସେହିପରି ଅନ୍ୟତମ ଛାତ୍ର ନେତା ପ୍ରଭାତ କୁମାର ପରିଡ଼ା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ହେବାର ସୌଭାଗ୍ୟ ପାଇଥିବା ବେଳେ ବାରମ୍ବାର କାଉନସିଲର ଭାବରେ ନିର୍ବାଚିତ ହୋଇଛନ୍ତି । ଏହିଭଳି ବହୁ ଆଗଧାଡ଼ିର ନେତାଙ୍କୁ ଉଦଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଜନ୍ମ ଦେଇଛି ।

# ବିଜେପି ଅନୁସୂଚିତ ଜାତିର ଜିଲ୍ଲା ବୈଠକ



ବାଲେଶ୍ୱର, ୯/୮ (ନି.ପ୍ର): ବିଜେପି ଅନୁସୂଚିତ ଜାତିର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସଂସ୍କୃତ ଶାସ୍ତ୍ରୀ ସନ୍ତୋଷ ସେଠୀଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲା କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ଅନୁସୂଚିତ ଜାତିର ରାଜ୍ୟ ସମ୍ପାଦକ ସରୋଜ କୁମାର ଜେନା ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ । ଜିଲ୍ଲା ଉପସଭାପତି କମଳଲୋଚନ ଦାସ ଓ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ମଞ୍ଚାସିନ ଥିଲେ । ବୈଠକରେ ମୋର୍ଚ୍ଚାର ଆଗାମୀ କାର୍ଯ୍ୟସୂଚୀ ବିଷୟରେ ଖସଡ଼ା ପ୍ରସ୍ତୁତ ହୋଇଥିଲା । ଜିଲ୍ଲାର ସମସ୍ତ ୫୦ ମଣ୍ଡଳରେ ମୋର୍ଚ୍ଚାର ଗତିବିଧିକୁ କ୍ରିୟାଶିଳ କରିବା ପାଇଁ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର କହିଥିଲେ । ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଜେନା ଆଗାମୀ କାର୍ଯ୍ୟକ୍ରମ 'ମାଆ ପାଇଁ ଗଛଟିଏ' ଓ 'ହର-ଘର ତ୍ରୀରଙ୍ଗା' ବିଷୟରେ ଆଲୋକପାତ କରିଥିଲେ । ବୈଠକ ପରେ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ମାନେ ଖାନନଗର ସ୍ଥିତ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ବୃକ୍ଷ ରୋପଣ କରି 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବୈଠକରେ ମୋର୍ଚ୍ଚାର ଜିଲ୍ଲା ପଦାଧିକାରୀ ଯଥା ସତ୍ୟରଞ୍ଜନ ମଣ୍ଡଳ, ଗୌରୀଶଙ୍କର ଦଲେଇ, ତପନ କୁମାର ଜେନା, ଶଙ୍କର ମହାଳିକ, ଗଦାଧର ପଣ୍ଡିତ, ତପନ କୁମାର ବେହେରା, କାଶୀନାଥ ଦାସ, ବାଇଧର ଦାସ, ଗଣେଶ ଚନ୍ଦ୍ର ସେଠୀ, ଯଦୁନାଥ ସେଠୀ, ଅଭିରାମ ଦାସ ଓ କାର୍ତ୍ତିକ ଚନ୍ଦ୍ର ସେଠୀ ଅଂଶଗ୍ରହଣ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ନାବାଳିକା ଝିଅକୁ ବିବାହ ବେଦିରୁ ଉଠାଇ ଆଣିଲା ପୋଲିସ

ନିଳଗିରି, ୯/୮ (ନି.ପ୍ର): ଉଭୟ ପରିବାରର ସମ୍ପର୍କ ଭିତରେ ଗଢିଉଠିଥିଲା ପୁଅ ଝିଅଙ୍କ ପ୍ରେମ ସମ୍ପର୍କ । ପୁଅ ସାବାଳକ ଥିବା ବେଳେ ଝିଅ ନାବାଳିକା । ଏଥିପାଇଁ ଝିଅ ଘର ଲୋକେ ବିବାହ ପାଇଁ ଅରାଜି ଥିଲେ । ଶେଷରେ ଉଭୟ ପରିବାର ମଧ୍ୟରେ ବହୁବାର ବୈଠକ ବସିଥିବା ବେଳେ ଝିଅଘର ପରିବାର ବିବାହ ପ୍ରସ୍ତାବ କୁ ଅନ୍ତର ମଧ୍ୟରେ ଗ୍ରହଣ କରୁନଥିବା ବେଳେ ଉପର ମନରେ ବିବାହକୁ ହଁ କରିଥିଲେ । ଶୁକ୍ରବାର ଦିନ ସିଂଲା ଥାନା ଅନ୍ତର୍ଗତ ସାହାଡ଼ାଶୁଣି ଗ୍ରାମରେ ଏକ ଦେବୀ ପୀଠରେ ବିବାହ କାର୍ଯ୍ୟ ଆରମ୍ଭ ହେଉଥିବା ସମୟରେ ଝିଅ ଘର ଲୋକଙ୍କ ଅଭିଯୋଗ ମୂଳେ ନିଳଗିରି ଥାନାର ଥାନା ଅଧିକାରୀ ଗୋପାଳ କର୍ଣ୍ଣ ଙ୍କ ନିର୍ଦ୍ଦେଶରେ ଏ, ଏସ, ଆଇ, ଅନନ୍ତ ମୁର୍ମୁ ମହିଳା ପୋଲିସଙ୍କୁ ଧରି ସାଧା ପୋଷାକରେ ବିବାହ ବେଦୀରୁ ନାବାଳିକା ଝିଅକୁ ଉଦ୍ଧାର କରି ଝିଅ ଘର ଲୋକଙ୍କୁ ଜୀମା ଦେଇଥିଲେ । ମାତ୍ର କେଇ ଘଣ୍ଟା ପରେ ପୁଅ ଘର ପକ୍ଷରୁ ୧୦ରୁ ଅଧିକ ଯୁବକ ଝିଅ ଘର ନିକଟରେ ପହଞ୍ଚି ଗାଳି ଗୁଲଜ୍ କରିବା ସହ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ । ଖବର ପାଇ ନିଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ଯୁବକଙ୍କୁ କାବୁ କରି ଥାନାରେ ଅଟକ ରଖିଛି । ତେବେ ଜବତ ହୋଇଥିବା ବନ୍ଧୁକ ଖେଳନା ବନ୍ଧୁକ ପୋଲିସ କହୁଥିବା ବେଳେ ପ୍ରତ୍ୟେକ୍ଷଦର୍ଶୀ ଅରଜିନାଲ ବୋଲି କହିଛନ୍ତି । ସୂଚନା ଅନୁସାରେ ବାଲିଗୋହିରି ଗ୍ରାମର ନାବାଳିକା ଘର ହୋଇଥିବା ବେଳେ ପୁଅ ଘର ଶିଂଲା ଥାନା ସାହାଡାଶୁଣି ଗ୍ରାମର ବୋଲି ଜଣାପଡିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo